

ସନ୍ଦେହରେ କାନାଡା ଅଧିନାୟକ ଦିଲପ୍ରୀତ୍

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-290 •SATURDAY •18 APRIL 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୯୦ •ଶନିବାର •୧୮ ଏପ୍ରିଲ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦



MMTC-PAMP
Swiss Excellence. Made in India.

LALCHND
Trusted Brand Since 1948

# ଅକ୍ଷୟ ତୃତୀୟାରେ

## ଲାଭର ମୋହ ନୁହେଁ, ଲାଲ୍‌ଚନ୍ଦ୍ ପାଇଁ ଆସ୍ଥା ହିଁ ସବୁଠୁ ବଡ଼

## ଆଧାତ୍ମିକତାର ମାର୍ଗରେ ଲାଲ୍‌ଚନ୍ଦ୍

# ଗ୍ରେଟ୍ ଗୋଲ୍ଡ ରଶ୍

## ଫେଷ୍ଟିଭାଲ୍‌ରେ କିଣା ମୂଲ୍ୟରେ ମିଳିବ ଗହଣା

**କେବଳ ବ୍ୟବସାୟ ଭିତ୍ତିକ ପଦକ୍ଷେପ ନୁହେଁ, ବରଂ ଆସ୍ଥାର ନିଷ୍ପତ୍ତି; ଗ୍ରାହକଙ୍କୁ ଶୁଦ୍ଧତା ଓ ସ୍ୱଚ୍ଛତାର ଅନୁଭବ ଦେବା ହିଁ ଆମର ମୁଖ୍ୟ ଉଦ୍ଦେଶ୍ୟ: ଡ଼ ସଂଜୟ ହଂସ।**

ଅକ୍ଷୟ ତୃତୀୟା ପୂର୍ବରୁ ଯେତେବେଳେ ଗହଣା ବଜାର ବଡ଼ ବଡ଼ ରିହାତି, ଲୋଭନୀୟ ଅଫର୍ ଓ ଲାଭଖୋରୀ ପ୍ରଚାରରେ ବ୍ୟସ୍ତ, ସେତେବେଳେ ଲାଲ୍‌ଚନ୍ଦ୍ ଏକ ବୈପ୍ଳବିକ ତଥା ଆଧାତ୍ମିକ ନିଷ୍ପତ୍ତି ନେଇଛି। ସଂସ୍ଥା ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଅକ୍ଷୟ ତୃତୀୟାର ଶୁଭ ମୁହୂର୍ତ୍ତରେ ଲାଭ କରିବା ଅପେକ୍ଷା ଗ୍ରାହକଙ୍କ ଆସ୍ଥାର ସମ୍ମାନ କରିବା ଆମର ପ୍ରାଥମିକତା। ଲାଲ୍‌ଚନ୍ଦ୍‌ର ଅଧକ୍ଷ ଡ଼ ସଂଜୟ ହଂସଙ୍କ କହିବା ଅନୁସାରେ, ଏହା ବ୍ୟବସାୟ ପାଇଁ କୌଣସି ଲାଭଖୋର ପଦକ୍ଷେପ ନୁହେଁ, ଏହା ହେଉଛି ଆସ୍ଥାରୁ ଜନ୍ମ ନେଇଥିବା ଏକ ବାସ୍ତବଧର୍ମୀ ନିଷ୍ପତ୍ତି।

ପ୍ରଭୁ ଜଗନ୍ନାଥଙ୍କ ଏହି ପବିତ୍ର ଭୂମିରେ, ଯେଉଁଠାରେ ଲୋକମାନେ ପ୍ରତ୍ୟେକ କାମକୁ ସେବା ଭାବେ ଗ୍ରହଣ କରନ୍ତି, ସେଠାରେ ଅକ୍ଷୟ ତୃତୀୟା କେବଳ ଏକ କ୍ରୟ ଦିନ ନୁହେଁ। ଏହା ସେହି ପବିତ୍ର ମୁହୂର୍ତ୍ତ, ଯେତେବେଳେ ଘରକୁ ଆଣାଯାଉଥିବା ବସ୍ତୁରେ ଦୈବୀ ଆଶୀର୍ବାଦ ଥାଏ ବୋଲି ବିଶ୍ୱାସ କରାଯାଏ। ଲାଲ୍‌ଚନ୍ଦ୍ ଏହି ଆସ୍ଥା ଉପରେ ଜୋର ଦେଇ କହିଛି ଯେ, ସୁନା କେବଳ ଗହଣା ନୁହେଁ; ଏହା ପରିବାରର ସଞ୍ଚୟ, ମା'ର ସୁରକ୍ଷା ଓ ଝିଅର ସମ୍ମାନ ସହ ଜଡ଼ିତ ଏକ ମହତ୍ୱପୂର୍ଣ୍ଣ ଅଂଶ।

ସେଥିପାଇଁ ଏହି ପବିତ୍ର ଦିନରେ ଏକ ସରଳ କିନ୍ତୁ ଗଭୀର ପ୍ରଶ୍ନ ଉଠୁଛି—"ଗ୍ରାହକମାନେ ଯାହା କିଣୁଛନ୍ତି, ସେଥିପାଇଁ ଉଚିତ୍ ମୂଲ୍ୟ ଦେଉଛନ୍ତି ତ ?" ଏବେ ବଜାର ସାମ୍ନାରେ ଏହା ଏକ ବଡ଼ ପ୍ରଶ୍ନ। "ଯଦି କମ୍ ମୂଲ୍ୟରେ ବିକ୍ରି ସମ୍ଭବ, ତା'ହେଲେ ଗ୍ରାହକ ମାନଙ୍କ ଠାରୁ ଅଧିକ ଦାବି କରାଯାଉଛି କାହିଁକି?" ଏହି ପ୍ରଶ୍ନ କେବଳ ଏକ ସାଧାରଣ ବାକ୍ୟ ନୁହେଁ; ଏହା ଗହଣା ବ୍ୟବସାୟରେ ବର୍ଷ ବର୍ଷ ଧରି ଚାଲିଆସୁଥିବା ଅଧିକ ଗଢ଼ା ମଜୁରି ଉପରେ ଏକ ସିଧା ପ୍ରହାର।

"୫୦% ରିହାତି" ପରି ବିଜ୍ଞାପନକୁ ନେଇ ଏବେ ଗ୍ରାହକମାନେ ପ୍ରଶ୍ନ କରୁଛନ୍ତି—ଏହା ପ୍ରକୃତରେ ରିହାତି ନା କେବଳ ଏକ ଯୋଜନାବଦ୍ଧ ଲୁଟ୍‌ର ମଡେଲ୍?

ବଜାର ସୂତ୍ର ଅନୁଯାୟୀ, ଅଧିକାଂଶ ଜୁଏଲର୍ସ ପ୍ରଥମେ ଗଢ଼ା ମଜୁରିକୁ ୨୦% ରୁ ୨୪% ପର୍ଯ୍ୟନ୍ତ ବଢ଼ାଇ ଦେଉଛନ୍ତି। ପରେ "୫୦% ରିହାତି" ପରି ବଡ଼ ବଡ଼ ପ୍ରଚାର କରୁଛନ୍ତି। କିନ୍ତୁ ଗଣନା ସ୍ପଷ୍ଟ — ଗ୍ରାହକମାନେ ତଥାପି ୧୦% ରୁ ୧୨% ଗଢ଼ା ମଜୁରି ଦେଉଛନ୍ତି। ବଜାରରେ ଏହାକୁ "ଡିସ୍କାଉଣ୍ଟ ନାମରେ ଭ୍ରମ" ବୋଲି ବର୍ଣ୍ଣନା କରାଯାଉଛି। ବିଶେଷଜ୍ଞମାନଙ୍କ ମତରେ— "ପ୍ରଥମେ ଦର ବଢ଼ାଇ, ପରେ ରିହାତି ଦେଖାଇବା— ଏକ ପ୍ରାଇସିଂ ଟ୍ରାପ୍"

କିନ୍ତୁ ଲାଲ୍‌ଚନ୍ଦ୍‌ର ସବୁଠୁ ବଡ଼ ଆକର୍ଷଣ ହେଉଛି ଅତି କମ୍ ଗଢ଼ା ମଜୁରି।

- **ଚୁଡ଼ି ବ୍ୟତୀତ ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ବିଆଇଏସ୍ ହଲ୍‌ମାର୍କ ସୁନା ଗହଣାରେ, କେବଳ ୫.୯% ଗଢ଼ା ମଜୁରି**
- **ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ବିଆଇଏସ୍ ହଲ୍‌ମାର୍କ ସୁନା ଚୁଡ଼ିରେ କେବଳ ୬.୯% ଗଢ଼ା ମଜୁରି**
- **ରୂପା ଗହଣା**

**ଗଢ଼ା ମଜୁରିରେ ଫ୍ଲାଟ୍ ୬୦% ରିହାତି**

- **ସମସ୍ତ ଆଇଜିଆଇ- ସର୍ଟିଫାଏଡ୍ ହୀରା ମୂଲ୍ୟରେ ଫ୍ଲାଟ୍ ୩୦% ରିହାତି**

**ଏହା ସହ ଡ଼ ହଂସ ଜଣାଇଛନ୍ତି "ଆମେ ଗହଣାକୁ କିଣା ମୂଲ୍ୟରେ (କାରଖାନା ଦରରେ) ବିକ୍ରି କରୁଥିବାରୁ ଏହା ସମ୍ଭବ ହୋଇପାରିଛି। ଏଥର ଆମର 'ଶୂନ୍ୟ-ଲାଭ' ନୀତି କେବଳ ଆମ ଦେଶରେ ଅକ୍ଷୟ ତୃତୀୟାର ଦୀର୍ଘଦିନର ପରମ୍ପରା ପ୍ରତି ଏକ ସମ୍ମାନ ନୁହେଁ, ବରଂ ଏହି ଶୁଭ ଅବସର ସହିତ ଜଡ଼ିତ ଲୋକଙ୍କ ଭାବନାତ୍ମକ ମୂଲ୍ୟ ପ୍ରତି ଆମର ସମ୍ମାନର ପ୍ରତୀକ"।**

**ଏହି ଫେଷ୍ଟିଭାଲ୍ ସର୍ତ୍ତ ରହିତ। କୌଣସି ଜଟିଳ ମୂଲ୍ୟ ବ୍ୟବସ୍ଥା ଓ ଲୁକ୍କାୟିତ ମୂଲ୍ୟ ନାହିଁ, କେବଳ ସ୍ପଷ୍ଟ ମୂଲ୍ୟ ଓ ଆକର୍ଷଣୀୟ ଅଫର୍।**

ଏହା କେବଳ ଏକ ସାଧାରଣ ରିହାତି ଅଫର୍ ନୁହେଁ; ବରଂ ଗ୍ରାହକ ମାନଙ୍କୁ ମୂଲ୍ୟ ଓ ଶୁଦ୍ଧତା ଯୋଗାଇ ଦେବାକୁ ଲାଲ୍‌ଚନ୍ଦ୍‌ର ଏକ ସାହସିକ ପଦକ୍ଷେପ।

**ଲାଲ୍‌ଚନ୍ଦ୍‌ର ଅଧକ୍ଷ ଡ଼ ସଂଜୟ ହଂସଙ୍କ ମତରେ, "ମୁଁ ଏହି ଜଗନ୍ନାଥଙ୍କ ଭୂମିରେ ବଢ଼ିଛି। ଯଦି ଗ୍ରାହକଙ୍କୁ ଭ୍ରମିତ କରି ଲାଭ କରିବି, ତାହା ଲାଭ ନୁହେଁ... ପାପ ହେବ।"** ତାଙ୍କର ଏହି କଥାରୁ ଲାଲ୍‌ଚନ୍ଦ୍‌ର ଆଭିମୁଖ୍ୟ ସ୍ପଷ୍ଟ—ଏହି ପବିତ୍ର ଦିନରେ ଲାଭ ସଂଗ୍ରହ କରିବାଠାରୁ ନିର୍ମଳ ମନରେ ସେବା କରିବାର ମହତ୍ତ୍ୱ ଅଧିକ। ବ୍ୟବସାୟକୁ କେବଳ ଆଦାନ ପ୍ରଦାନର ମାଧ୍ୟମ ଭାବରେ ନୁହେଁ, ଆସ୍ଥା ଓ ନୈତିକ ଦାୟିତ୍ୱର ଅଂଶ ଭାବରେ ଦେଖିବାର ଏହି ମନୋଭାବ ଆଜିର ଲାଭକୈନ୍ଦ୍ରିକ ବଜାରରେ ମଧ୍ୟ ଲାଲ୍‌ଚନ୍ଦ୍‌କୁ ଏକ ଅଲଗା ରାସ୍ତାରେ ଚାଲିବାକୁ ଉତ୍ସାହିତ କରୁଛି।

ଲାଲ୍‌ଚନ୍ଦ୍ ସିଧାସଳଖ ନିର୍ମାତାଙ୍କ ଠାରୁ ଗହଣା ଆଣୁଥିବାରୁ ମଧ୍ୟସ୍ଥି ଖର୍ଚ୍ଚ ପଡ଼େନାହିଁ। ଅନ୍ୟପଟେ ଅନେକ ଜୁଏଲର୍ସ ବ୍ରାଣ୍ଡର ଭାରୀ କର୍ପୋରେଟ୍ ଗଠନ ଶୈଳୀ ଓ ମହଙ୍ଗା ପରିଚାଳନା ଖର୍ଚ୍ଚ ଥିବାରୁ, ଏତେ କମ୍ ଗଢ଼ା ମୂଲ୍ୟରେ ସୁନା ଗହଣା ଦେଇପାରନ୍ତି ନାହିଁ।

ଲାଲ୍‌ଚନ୍ଦ୍ ଗ୍ରାହକଙ୍କୁ କେବଳ ରିହାତି ନୁହେଁ, ସୁବିଧା ଓ ସୁରକ୍ଷାର ଆଶ୍ୱାସନା ମଧ୍ୟ ଦେଉଛି। 'ସୋନେ ପେ ସୁହାଗା" ଯୋଜନାରେ ଶୂନ ଗଢ଼ା ମଜୁରିରେ ଗ୍ରାହକମାନେ ସୁନା ଗହଣା ପାଉଥିବାବେଳେ ପୁରୁଣା ଏଚ୍‌ୟୁଆଇଡି ସୁନାର ୧୦୦% ମୂଲ୍ୟ ମିଳୁଛି। ଏମ୍ଏମ୍‌ଟିସି ୨୨୨.୨ ଶୁଦ୍ଧ ସୁନା ଓ ରୂପା ମୁଦ୍ରା ମଧ୍ୟ ଏଠାରେ ଉପଲବ୍ଧ ରହିଛି।

ଲାଲ୍‌ଚନ୍ଦ୍‌ରେ ଥିବା ଡିଜାଇନ୍ ସଂଗ୍ରହ ମଧ୍ୟ ବଜାରର ଧ୍ୟାନ ଆକର୍ଷଣ କରୁଛି। ଆଣ୍ଟିକ୍, ଇଟାଲିଆନ୍, ଲାଇଟ୍‌ୱେଟ୍, ଡିଜାଇନର୍, ବ୍ରାଇଡାଲ୍, ହ୍ୟାଣ୍ଡକ୍ରାଫ୍ଟେଡ୍, ଡେଲି ୱେର୍ ଓ ଫ୍ୟାନ୍ସି ଚୁଡ଼ି ସହ ସମସ୍ତ ରୁଚି, ବୟସ ଓ ଅବସର ପାଇଁ ବିଶାଳ ରେଞ୍ଜ ରଖାଯାଇଛି। ପରମ୍ପରା ଓ ଆଧୁନିକତାର ଏକ ସୁନ୍ଦର ସମନ୍ୱୟ ସହ ଏହି ଅଳଙ୍କାର ସଂଗ୍ରହ ଉପଲବ୍ଧ। ଦୈନନ୍ଦିନ ପରିଧାନରୁ ଆରମ୍ଭ କରି ବିବାହ, ପାର୍ବଣ ଓ ଉପହାର ପର୍ଯ୍ୟନ୍ତ ସବୁ ଅବସର ପାଇଁ ସ୍ୱତନ୍ତ୍ର ବିକଳ୍ପ ରହିଛି।

**ଏହି ଅକ୍ଷୟ ତୃତୀୟାରେ ଲାଲ୍‌ଚନ୍ଦ୍ ଚାରିଟି ମୁଖ୍ୟ ନୀତିକୁ ଆପଣାଇଛି — ଶୂନ୍ୟ ଲାଭ, କିଣା ମୂଲ୍ୟରେ ବିକ୍ରୟ, ସମ୍ପୂର୍ଣ୍ଣ ସ୍ପଷ୍ଟତା ଓ ଆସ୍ଥାର ସ୍ଥାନ ସର୍ବୋଚ୍ଚ।** ଅର୍ଥାତ୍ ଏଠାରେ ବିକ୍ରୟ ଠାରୁ ବଡ଼ କଥା ହେଉଛି ଭରସା ଏବଂ ବ୍ୟବସାୟ ଠାରୁ ବଡ଼ କଥା ହେଉଛି ନୀତି ଓ ଆଦର୍ଶ। ଯେଉଁ ସମୟରେ ଅନେକ ବ୍ରାଣ୍ଡ ଗ୍ରାହକଙ୍କ ଭାବନାକୁ ଅସ୍ତ୍ରରେ ପରିଣତ କରି ଲାଭ ନେବାରେ ବ୍ୟସ୍ତ, ସେତେବେଳେ ଲାଲ୍‌ଚନ୍ଦ୍‌ର ଏହି ନିର୍ଣ୍ଣୟ ଏକ ସ୍ପଷ୍ଟ ପାର୍ଥକ୍ୟ ସୃଷ୍ଟି କରୁଛି।

ଏଣୁ କେବଳ ଦେଖିଦେଇ ନୁହେଁ, ବିବେକର ସହ ଚୟନ କରନ୍ତୁ। କାରଣ ପ୍ରକୃତ ସମୃଦ୍ଧି କୌଣସି ଆକର୍ଷଣୀୟ ଅଫର୍‌ରୁ ଆସେନାହିଁ; ଆସେ ଶୁଦ୍ଧତାରୁ, ସତ୍ୟତାରୁ, ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ସାଇ ବାବାଙ୍କ ଆଶୀର୍ବାଦରୁ।

**ଲାଲ୍‌ଚନ୍ଦ୍‌ର ଏହି ସନ୍ଦେଶ ସରଳ— ଅକ୍ଷୟ ତୃତୀୟାର କ୍ରୟ ହେଉଛି ଆସ୍ଥା, ସତ୍ୟ ଓ ଶୁଦ୍ଧତାକୁ ବାଛିବାର ମୁହୂର୍ତ୍ତ।** ଗ୍ରାହକଙ୍କ ଶ୍ରମ ଉପାର୍ଜିତ ଟଙ୍କାର ସମ୍ମାନ ହେବା ସହ ଶୁଦ୍ଧତା, ସ୍ପଷ୍ଟ ମୂଲ୍ୟ ଓ ଭରସା ସହିତ କ୍ରୟ ହେବା ଉଚିତ୍। ଏସବୁକୁ ଆଧାର କରି ଲାଲ୍‌ଚନ୍ଦ୍ ଏଥର ଅକ୍ଷୟ ତୃତୀୟା କ୍ରୟକୁ ଭରସା, ପ୍ରକୃତ ମୂଲ୍ୟ ଓ ଶୁଦ୍ଧତାର ଏକ ଅଲଗା ଅନୁଭବରେ ପରିଣତ କରୁଛି। ଲାଲ୍‌ଚନ୍ଦ୍‌ର ଏହି ନିଷ୍ପତ୍ତି କେବଳ ଗୋଟିଏ ବ୍ୟବସାୟିକ ଘୋଷଣା ନୁହେଁ; ଏହା ଗହଣା ବଜାର ପାଇଁ ଏକ ନୈତିକ ଆହ୍ୱାନ। ●●●



**5.9%**
ଗଢ଼ା ମଜୁରି ସମସ୍ତ 22 କ୍ୟାରେଟ୍ ଏଚ୍‌ୟୁଆଇଡି ସୁନା ଅଳଙ୍କାର ଉପରେ (ଚୁଡ଼ି ବ୍ୟତୀତ)

**6.9%**
ଗଢ଼ା ମଜୁରି ସମସ୍ତ 22 କ୍ୟାରେଟ୍ ଏଚ୍‌ୟୁଆଇଡି ସୁନା ଚୁଡ଼ି ଉପରେ

**ଫ୍ଲାଟ୍ 30% ରିହାତି**
ସମସ୍ତ ଆଇଜିଆଇ ସର୍ଟିଫାଏଡ୍ ହୀରା ମୂଲ୍ୟ ଉପରେ

**ଫ୍ଲାଟ୍ 60% ରିହାତି**
ସମସ୍ତ ରୂପା ଅଳଙ୍କାର ଗଢ଼ା ମଜୁରି ଉପରେ

UP TO ₹5,000 EXTRA CASHBACK# SBI card
#Min. Trxn.: ₹50,000; Max. Cashback: ₹5,000 per card account; Validity: 14 Apr - 20 Apr 2026. T&C Apply.

ମାଷ୍ଟର୍ କ୍ୟାଣ୍ଟିନ୍ ଷ୍ଟୋର୍‌ର ପଛପାର୍ଶ୍ୱସ୍ଥ ଦ୍ୱାରଠାରେ (ଭିନିଥ୍ ସମ୍ମୁଖରେ) ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ସହ ସମ୍ମୁଖ ଦ୍ୱାର ନିକଟରେ ଭାଲେ ପାର୍କିଂ ସୁବିଧା ଉପଲବ୍ଧ।
**ଏପ୍ରିଲ 19 ଓ 20 ଦୁଇଦିନ ଧରି ଲାଲ୍‌ଚନ୍ଦ୍‌ର ସମସ୍ତ ଷ୍ଟୋର୍ ସକାଳ ୫ଟା ରୁ ଖୋଲାଯିବ।**

SONE PE SUHAGA — 0 ଗଢ଼ା ମଜୁରି
ମାସିକ ମୂଲ୍ୟ ପୈଠ କରନ୍ତୁ
ପସନ୍ଦର ଅଳଙ୍କାର କିଣନ୍ତୁ

**୨୨୨.୨ ଶୁଦ୍ଧ ଏମ୍ଏମ୍‌ଟିସି ସୁନା ଓ ରୂପା ମୁଦ୍ରା କେବଳ ଲାଲ୍‌ଚନ୍ଦ୍‌ରେ ଉପଲବ୍ଧ**
- ସୁନିଶ୍ଚିତ ଶୁଦ୍ଧତା
- ସରକାର-ସମର୍ଥିତ ପ୍ରତିଶ୍ରୁତି
- ଅନ୍ତର୍ଜାତୀୟ ବିଶୋଧନ ମାନଦଣ୍ଡ
- ଓଜନ ଏବଂ ମୂଲ୍ୟରେ ସ୍ୱଚ୍ଛତା

ପୁରୁଣା ଏଚ୍‌ୟୁଆଇଡି ସୁନା ଏକ୍ସଚେଞ୍ଜରେ ପାଆନ୍ତୁ **100% ସୁନା ମୂଲ୍ୟ**

aarouhi BY LALCHND
ଲାଇଟ୍‌ୱେଟ୍ ଡାଇମଣ୍ଡ ଜୁଏଲାରୀ
ମାଷ୍ଟର୍ କ୍ୟାଣ୍ଟିନ୍, ଭୁବନେଶ୍ୱର

ଲାଲ୍‌ଚନ୍ଦ୍ ପ୍ରତିଶ୍ରୁତି: ✓ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ✓ ସର୍ବନିମ୍ନ ଗଢ଼ାମୂଲ୍ୟ ✓ ଆଜୀବନ ରକ୍ଷଣାବେକ୍ଷଣ ✓ ବାଏବ୍ୟାକ୍‌ର ଗ୍ୟାରେଣ୍ଟି ✓ ଉଚ୍ଚ ଶୁଦ୍ଧତା ପରିମାପକ କ୍ୟାରେଟ୍ ମିଟର୍

| ଭୁବନେଶ୍ୱର ମାଷ୍ଟର୍ କ୍ୟାଣ୍ଟିନ୍ | ଭୁବନେଶ୍ୱର ରଘୁନାଥପୁର | ବ୍ରହ୍ମପୁର ଧର୍ମ ନଗର | କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ | କଟକ ସିଡିଏ ସେକ୍ଟର-୬ | ନୂଆଦିଲ୍ଲୀ ଲାଜ୍‌ପତ୍ ନଗର |
| --- | --- | --- | --- | --- | --- |
| 0674-2534016/17/18 | 0674-2469149/150/151 | 0680-2229401/02/04 | 0671-2302505/3505/4505 | 0671-2503371/72/73 | 011-45769564 |






# ଇତିହାସ ରଚିଲେ ହରିବଂଶ



**କ୍ରମାଗତ ୩ୟ ଥର ପାଇଁ ରାଜ୍ୟସଭା ଉପାଧ୍ୟକ୍ଷ ଭାବେ ନିର୍ବାଚିତ**

ନୂଆଦିଲ୍ଲୀ, ୧୭ ।୪(ଏଜେନ୍ସି): ଜନତା ଦଳ (ୟୁନାଇଟେଡ) ନେତା ତଥା ମନୋନୀତ ସଦସ୍ୟ ହରିବଂଶ ନାରାୟଣ ସିଂହ ଶୁକ୍ରବାର ଦିନ ରାଜ୍ୟସଭାର ଉପାଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୬୯ ବର୍ଷୀୟ ହରିବଂଶ ଏଥି ସହିତ ଲଗାତାର ତୃତୀୟ ଥର ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ସମ୍ବିଧାନିକ ପଦବୀ ଅଳଙ୍କୃତ କରିଛନ୍ତି। ସଂସଦ ଇତିହାସରେ ପ୍ରଥମ ଥର ପାଇଁ ଜଣେ ମନୋନୀତ ସଦସ୍ୟ ଉପାଧ୍ୟକ୍ଷ ପଦ ପାଇଁ ନିର୍ବାଚିତ ହୋଇଛନ୍ତି। ଏହି ପଦବୀ ପାଇଁ ସଦନର ନେତା ଜେପି ନଡ୍ଡା ପ୍ରସ୍ତାବ ଆଗତ କରିଥିଲେ, ଯାହାକୁ ସମସ୍ତେ ସମର୍ଥନ କରିଥିଲେ। ହରିବଂଶ ୨୦୧୮ ମସିହାରୁ ଏହି ପଦବୀରେ ରହି ଆସିଛନ୍ତି। ଗତ ଏପ୍ରିଲ ୯ ତାରିଖରେ ତାଙ୍କର ପୂର୍ବ କାର୍ଯ୍ୟକାଳ ଶେଷ ହୋଇଥିଲା। ହରିବଂଶଙ୍କ ନିର୍ବାଚନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାଡ଼ଗେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଲଗାତାର ତୃତୀୟ ଥର ପାଇଁ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହେବା ଏହି ସଦନର ଆପଣଙ୍କ ଉପରେ ଥିବା ଗଭୀର ବିଶ୍ୱାସର ପ୍ରମାଣ। ଆପଣଙ୍କ ନେତୃତ୍ୱରେ ସଦନର ମର୍ଯ୍ୟାଦା ଆହୁରି ବୃଦ୍ଧି ପାଇବ ବୋଲି ମୋର ଦୃଢ଼ ବିଶ୍ୱାସ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି। ଜଣେ ସାମ୍ବାଦିକରୁ ରାଜନେତା ସାଜିଥିବା ହରିବଂଶ ନାରାୟଣ ସିଂହ ନିଜର ସନ୍ତୁଳିତ ଏବଂ ନିରପେକ୍ଷ କାର୍ଯ୍ୟଶୈଳୀ ପାଇଁ ଜଣାଶୁଣା। ସେ ସଦନର କାର୍ଯ୍ୟଧାରାକୁ ସୁଚାରୁରୂପେ ପରିଚାଳନା କରିବା ସହ ସମସ୍ତ ଦଳର ସଦସ୍ୟଙ୍କୁ ସାଙ୍ଗରେ ନେଇ ଚାଲିବାରେ ସଫଳ ହୋଇଛନ୍ତି। ସଦନର ଗାରିମା ରକ୍ଷା କରିବା ଦିଗରେ ତାଙ୍କର ଏହି ନୂତନ କାର୍ଯ୍ୟକାଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

# ରାହୁଲଙ୍କ ବିରୋଧରେ ଏଫ୍‌ଆଇଆର୍ ପାଇଁ ଆହ୍ଲାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଲକ୍ଷ୍ନୌ, , ୧୭ ।୪(ଏଜେନ୍ସି): ଆହ୍ଲାବାଦ ହାଇକୋର୍ଟଙ୍କ ଲକ୍ଷ୍ନୌ ବେଞ୍ଚ୍ ଶୁକ୍ରବାର ଦିନ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଏକ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ତାଙ୍କର ଦ୍ୱୈତ ନାଗରିକତା ମାମଲାରେ ହାଇକୋର୍ଟ ଏଫ୍‌ଆଇଆର୍ ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ, ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କୁ ହସ୍ତାନ୍ତର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏକ ନିମ୍ନ ଅଦାଲତ ରାହୁଲ ଗାନ୍ଧୀଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିବା ପାଇଁ ହୋଇଥିବା ଆବେଦନକୁ ଖାରଜ କରିଦେଇଥିଲେ। ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଆବେଦନ କରାଯାଇଥିଲା। ଶୁଣାଣି ସମୟରେ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଏହି ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଏହାର ସିବିଆଇ ତଦନ୍ତ ହେବା ଆବଶ୍ୟକ। ଜଷ୍ଟିସ ସୁଭାଷ ବିଦ୍ୟାର୍ଥୀ ଏହି ଯୁକ୍ତିକୁ ଗ୍ରହଣ କରି ଏଫ୍‌ଆଇଆର୍ ରୁଜୁ କରିବା ସହ ମାମଲାକୁ ସିବିଆଇକୁ ହସ୍ତାନ୍ତର କରିଛନ୍ତି। ଶୁଣାଣି ସମୟରେ କୋର୍ଟ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ବିଦେଶୀ ବିଭାଗକୁ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରଣାଳୟ ପକ୍ଷରୁ କୋର୍ଟରେ କେତେକ ଗୋପନୀୟ ତଥା ଅତି ଗୁପ୍ତ ଫାଇଲ୍ ଉପସ୍ଥାପନ କରାଯାଇଥିଲା। ଆବେଦନକାରୀ ବିଘ୍ନେଶ ଶିଶିର ଦାବି କରିଛନ୍ତି ଯେ, ରାହୁଲ ଗାନ୍ଧୀ ବ୍ରିଟେନରେ ଜଣେ ଭୋଟର ଥିଲେ ଏବଂ ସେଠାକାର ନିର୍ବାଚନରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ସେ ଏ ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ସତ୍ୟପାଠ କୋର୍ଟରେ ଦାଖଲ କରିଛନ୍ତି। ଏହି ପିଟିସନରେ ରାହୁଲ ଗାନ୍ଧୀଙ୍କ ବିରୋଧରେ ନିମ୍ନଲିଖିତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ସେଗୁଡ଼ିକ ହେଲା- ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ୨୦୨୩ ଅଫିସିଆଲ ସକ୍ରେଟ୍ ଆକ୍ଟ ୧୯୨୩, ପାସପୋର୍ଟ ଆକ୍ଟ ୧୯୬୭, ଫରେନର୍ସ ଆକ୍ଟ ୧୯୪୬। ଆବେଦନକାରୀଙ୍କ ଯୁକ୍ତି ହେଉଛି ଯେ ଏହି ମାମଲା କେବଳ ନାଗରିକତା ସହ ଜଡ଼ିତ ନୁହେଁ, ବରଂ ଏହା ଦେଶର ସୁରକ୍ଷା ସହ ଜଡିତ ଏକ ଗମ୍ଭୀର ବିଷୟ। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ଏବେ ସିବିଆଇ ଏହି ମାମଲାରେ ଏଫ୍‌ଆଇଆର୍ ରୁଜୁ କରି ତଦନ୍ତ ଆରମ୍ଭ କରିବ। ରାହୁଲ ଗାନ୍ଧୀଙ୍କ ପାଇଁ ଏହା ଆଗାମୀ ଦିନରେ ଏକ ବଡ଼ ଆଇନଗତ ଆହ୍ୱାନ ସୃଷ୍ଟି କରିପାରେ।



# ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାକୁ ଭାରତ ଆସିବେ ରୁଷ ରାଷ୍ଟ୍ରପତି ପୁଟିନ

ନୂଆଦିଲ୍ଲୀ, ୧୭ ।୪(ଏଜେନ୍ସି): ବିଶ୍ୱର ପ୍ରଭାବଶାଳୀ ଅର୍ଥନୈତିକ ସଂଗଠନ 'ବ୍ରିକ୍ସ' (ବିଆରଆଇସିଏସ୍)ର ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଭାରତ ଗସ୍ତ କରିବେ। ବିଶ୍ୱର ଅଗ୍ରଣୀ ବିକାଶଶୀଳ ରାଷ୍ଟ୍ରମାନଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦାନ କରି ସେ ଆନ୍ତର୍ଜାତୀୟ ମଞ୍ଚରେ ଏକ ସମୂହ ସ୍ୱର ଉତ୍ତୋଳନ କରିବା ସହ ବିଭିନ୍ନ ଦ୍ୱିପାକ୍ଷିକ ଆଲୋଚନାରେ ଅଂଶଗ୍ରହଣ କରିବେ। ବ୍ରିକ୍ସ ସମ୍ମିଳନୀ ହେଉଛି ବ୍ରାଜିଲ, ରୁଷ, ଭାରତ, ଚୀନ, ଦକ୍ଷିଣ ଆଫ୍ରିକା ଏବଂ ନୂତନ ଭାବେ ଯୋଗ ଦେଇଥିବା ସଦସ୍ୟ ରାଷ୍ଟ୍ରମାନଙ୍କର ଏକ ପ୍ରମୁଖ ମଞ୍ଚ। ଏଠାରେ ବିଶ୍ୱ ଅର୍ଥନୈତିକ ସହଯୋଗ, ବାଣିଜ୍ୟ, ବିଶ୍ୱ ଶାସନ ପ୍ରଣାଳୀ ଏବଂ ଭୂ-ରାଜନୈତିକ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥାଏ। ଉଦୀୟମାନ ଅର୍ଥନୀତି ଗୁଡ଼ିକ ମଧ୍ୟରେ ନୀତିଗତ ସମନ୍ୱୟ ରକ୍ଷା କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। କ୍ରେମଲିନର ମୁଖପାତ୍ର ଦିମିତ୍ରି ପେସ୍କୋଭଙ୍କ ସୂଚନା ଅନୁଯାୟୀ, ଚଳିତ ବର୍ଷ ଭାରତରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ରାଷ୍ଟ୍ରପତି ପୁଟିନ ନିଶ୍ଚିତ ଭାବେ ଅଂଶଗ୍ରହଣ କରିବେ ବୋଲି ରୁଷର ସମ୍ବାଦ ସଂସ୍ଥା 'ଟାସ୍' ବୁଧବାର ଦିନ ରିପୋର୍ଟ ପ୍ରକାଶ କରିଛି। ଏହା ଭାରତ ଓ ରୁଷ ମଧ୍ୟରେ ଥିବା ସୁଦୃଢ଼ ରଣନୈତିକ ସମ୍ପର୍କର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ। ଯଦିଓ ଏହି ସମ୍ମିଳନୀ ପାଇଁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ତାରିଖ ଘୋଷଣା କରାଯାଇ ନାହିଁ, ତଥାପି ଭାରତ ସରକାରଙ୍କ ଏକ ବିଶ୍ୱସ୍ତ ସୂତ୍ରକୁ ଆଧାର କରି 'ଟାସ୍' ରିପୋର୍ଟ କରିଛି ଯେ, ଏହି ଶିଖର ସମ୍ମିଳନୀ ସେପ୍ଟେମ୍ବର ୧୨ ରୁ ୧୩ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ବର୍ତ୍ତମାନର ଜଟିଳ ବିଶ୍ୱ ରାଜନୈତିକ ପରିସ୍ଥିତିରେ ରାଷ୍ଟ୍ରପତି ପୁଟିନଙ୍କ ଭାରତ ଗସ୍ତ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ମନେ କରାଯାଉଛି। ବ୍ରିକ୍ସ ମାଧ୍ୟମରେ ବିକାଶଶୀଳ ରାଷ୍ଟ୍ରମାନଙ୍କର ଏକତା ଏବଂ ବିଶ୍ୱ ବ୍ୟବସ୍ଥାରେ ସଂସ୍କାର ଆଣିବା ଦିଗରେ ଏହି ସମ୍ମିଳନୀ ଏକ ମାଇଲଖୁଣ୍ଟ ସଦୃଶ ହେବ ବୋଲି ଆଶା କରାଯାଉଛି।



# ମହାକାଶରେ ବଢୁଛି ଆବର୍ଜନା: ଦୁର୍ଘଟଣାରୁ ରକ୍ଷା ପାଇଲେ ଭାରତୀୟ ଉପଗ୍ରହ

ବେଙ୍ଗାଲୁରୁ, ୧୭ ।୪(ଏଜେନ୍ସି): ମହାକାଶରେ ବଢୁଥିବା ଆବର୍ଜନା ଏବଂ ଭିଡ଼ ଯୋଗୁଁ ଭାରତୀୟ ଉପଗ୍ରହ ଗୁଡ଼ିକ ପ୍ରତି ବିପଦ ବୃଦ୍ଧି ପାଇଛି। ଇସ୍‌ରୋ (ଆଇଏସ୍‌ଆର୍‌ଓ)ର ସଦ୍ୟ ପ୍ରକାଶିତ 'ଇଣ୍ଡିଆନ ସ୍ପେସ୍ ସିଚୁଏସନାଲ ଆୱାରନେସ ରିପୋର୍ଟ-୨୦୨୫' ଅନୁଯାୟୀ, ଗତବର୍ଷ ଭାରତୀୟ ଉପଗ୍ରହ ଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ବୈଜ୍ଞାନିକମାନଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିଛି। ୨୦୨୫ ମସିହାରେ ଇସ୍‌ରୋର ଉପଗ୍ରହ ଗୁଡ଼ିକ ପାଇଁ ପ୍ରାୟ ଦେଢ଼ ଲକ୍ଷରୁ ଅଧିକ 'କ୍ଲୋଜ୍ ଆପ୍ରୋଚ୍ ଆଲର୍ଟ'ବା ସଂଘର୍ଷ ସତର୍କତା ଜାରି କରାଯାଇଥିଲା।

ଆମେରିକୀୟ ସ୍ପେସ୍ କମାଣ୍ଡରୁ ମିଳିଥିବା ଏହି ସତର୍କ ସୂଚନା ଗୁଡ଼ିକୁ ଭାରତୀୟ ବୈଜ୍ଞାନିକମାନେ ଅତ୍ୟାଧୁନିକ କକ୍ଷପଥ ତଥ୍ୟ (ଅର୍ବିଟାଲ ଡାଟା) ସହାୟତାରେ ବିଶ୍ଳେଷଣ କରିଥିଲେ। ମହାକାଶ ଆବର୍ଜନା ସହ ସଂଘର୍ଷ ଏଡ଼ାଇବା ପାଇଁ ଇସ୍‌ରୋ ମୋଟ ୧୮ ଥର 'କଲିଜନ ଆଭଏଡାନ୍ସ ମାନୁଭର୍ସ' ସମ୍ପାଦନ କରିଥିଲା। ଏଥିମଧ୍ୟରୁ ୧୪ଟି ଲୋ-ଅର୍ଥ ଅର୍ବିଟ୍ (ଏଲଇଓ) ଏବଂ ୪ଟି ଜିଓ (ଏଲ୍‌ଇଓ) ଉପଗ୍ରହ ପାଇଁ କରାଯାଇଥିଲା। ଏହି ପ୍ରକ୍ରିୟାରେ ଉପଗ୍ରହର ଗତି ଓ ଉଚ୍ଚତା ପରିବର୍ତ୍ତନ କରି ସମ୍ଭାବ୍ୟ ଦୁର୍ଘଟଣାକୁ ରୋକାଯାଇଥାଏ। ଗଭୀର ମହାକାଶରେ ଥିବା ଚନ୍ଦ୍ରଯାନ-୨ ର ଅର୍ବିଟରକୁ ସୁରକ୍ଷିତ ରଖିବା ପାଇଁ ୨୦୨୫ ମସିହାରେ ୧୬ ଥର ଏହାର ଗତିପଥରେ ପରିବର୍ତ୍ତନ କରାଯାଇଥିଲା। ବିଶେଷ କରି ନାସାର 'ଲୁନାର ରିକୋନାଇସାନ୍ସ ଅର୍ବିଟର' ସହ ସଂଘର୍ଷ ଏଡ଼ାଇବା ପାଇଁ ଦୁଇଥର ରଣନୀତି ବଦଳାଇବାକୁ ପଡ଼ିଥିଲା। ଏଥିସହିତ, ଏଲ୍‌ଭିଏମ୍୩-ଏମ୍୬ ମିଶନର ପ୍ରକ୍ଷେପଣକୁ ମଧ୍ୟ ଆବର୍ଜନା ଯୋଗୁଁ ୪୧ ସେକେଣ୍ଡ ବିଳମ୍ବ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ମହାକାଶ ଏବେ ଏକ 'ଅଳିଆ ଗଦା'ରେ ପରିଣତ ହେବାରେ ଲାଗିଛି। ୧୦ ସେଣ୍ଟିମିଟରରୁ ବଡ଼ ପ୍ରାୟ ୪୦, ୦୦୦ ଖଣ୍ଡ ଏବଂ ୧ ସେଣ୍ଟିମିଟରରୁ ବଡ଼ ପ୍ରାୟ ୧୨ ଲକ୍ଷ ଆବର୍ଜନା ଖଣ୍ଡ ମହାକାଶରେ ବୁଲୁଛି। ଏହି ଆବର୍ଜନା ଗୁଡ଼ିକ ଘଣ୍ଟାକୁ ପ୍ରାୟ ୨୮, ୦୦୦ କିଲୋମିଟର ବେଗରେ ଗତି କରୁଛନ୍ତି। ଏଭଳି ପରିସ୍ଥିତିରେ ଏକ ଛୋଟ ସ୍କ୍ରୁ ମଧ୍ୟ କୌଣସି ଉପଗ୍ରହକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ପାଇଁ ଯଥେଷ୍ଟ।

ଏଭଳି ସ୍ଥିତିରେ ଆମେରିକା ଅତ୍ୟାଧୁନିକ ରାଡାର ନେଟୱାର୍କ ଜରିଆରେ ୪୦ ହଜାରରୁ ଅଧିକ ଆବର୍ଜନାକୁ ଟ୍ରାକିଂ କରୁଛି। ସେହିପରି ୟୁରୋପୀୟ ମହାକାଶ ସଂସ୍ଥା ଦୁର୍ଘଟଣା ରୋକିବା ପାଇଁ ବିଶେଷ ସଫ୍ଟୱେୟାର ବ୍ୟବହାର କରୁଛି। ଅନ୍ୟପଟେ ଚୀନ ବୃହତ୍ ଟେଲିସ୍କୋପ୍ ଏବଂ ଉପଗ୍ରହରେ ଇନ୍ଧନ ଭରିବାର ପ୍ରଯୁକ୍ତି ମାଧ୍ୟମରେ କକ୍ଷପଥ ପରିବର୍ତ୍ତନ କରୁଛି। ସେହିପରି ଜାପାନ ଆବର୍ଜନା ଗୁଡ଼ିକୁ ପୁଣି ପୃଥିବୀର ବାୟୁମଣ୍ଡଳକୁ ଟାଣି ଆଣିବା ପାଇଁ ଚୁମ୍ବକୀୟ ପ୍ରଯୁକ୍ତିର ପରୀକ୍ଷଣ କରୁଛି। ମହାକାଶରେ ବଢୁଥିବା ଏହି ଭିଡ଼ ଆଗାମୀ ଦିନରେ ବୈଜ୍ଞାନିକ ମିଶନ ଗୁଡ଼ିକ ପାଇଁ ଏକ ବଡ଼ ଆହ୍ୱାନ ହେବାକୁ ଯାଉଛି। ଇସ୍‌ରୋ ଏହି ବିପଦର ମୁକାବିଲା ପାଇଁ ନିଜର ସର୍ଭେଲାନ୍ସ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି।

# ଆମେରିକୀୟ ଯୁଦ୍ଧଜାହାଜରେ ଖାଦ୍ୟ ସଙ୍କଟ

ୱାସିଂଟନ, ୧୭ ।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ମଧ୍ୟରେ ଆମେରିକୀୟ ସୈନ୍ୟମାନେ ଏକ ଅଭାବନୀୟ ତଥା ଲଜ୍ଜାଜନକ ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଇରାନ ବିରୋଧରେ ଚାଲିଥିବା ଆମେରିକା-ଇସ୍ରାଏଲ୍ ଅଭିଯାନରେ ସାମିଲ ଥିବା ବିଭିନ୍ନ ଯୁଦ୍ଧଜାହାଜରେ ଖାଦ୍ୟାଭାବ ଦେଖାଦେଇଥିବା ନେଇ ଗୁରୁତର ଅଭିଯୋଗ ଆସିଛି। ଜାହାଜରେ ଥିବା ସୈନ୍ୟମାନେ ସେମାନଙ୍କ



ପରିବାରକୁ ପଠାଇଥିବା ଫଟୋରୁ ଏହି ସଙ୍କଟର ଭୟାବହତା ସାମ୍ନାକୁ ଆସିଛି। 'ୟୁଏସଏ ଟୁଡେ'ର ରିପୋର୍ଟ ଅନୁଯାୟୀ, 'ୟୁଏସଏସ ତ୍ରିପୋଲି' ଜାହାଜରେ କାର୍ଯ୍ୟରତ ଜଣେ ମହିଳା ସୈନ୍ୟ ନିଜ ପରିବାରକୁ ମଧ୍ୟାହ୍ନ ଭୋଜନର ଏକ ଫଟୋ ପଠାଇଛନ୍ତି। ସେଥିରେ ଖାଦ୍ୟ ଥାଳିଟି ପ୍ରାୟ ଖାଲି ଥିବା ବେଳେ କେବଳ ସାମାନ୍ୟ ମାଂସ ଏବଂ ଏକ ଟର୍ଟିଲା (ରୁଟି ଭଳି ଖାଦ୍ୟ) ଦେଖିବାକୁ ମିଳିଛି। ସମାନ ଭାବେ 'ୟୁଏସଏସ ଆବ୍ରାହମ ଲିଙ୍କନ'ରୁ ମଧ୍ୟ ଅନୁରୂପ ଚିତ୍ର ସାମ୍ନାକୁ ଆସିଛି, ଯେଉଁଠି ସୈନ୍ୟମାନଙ୍କୁ କେବଳ ସିଝା ଗାଜର ଓ ଶୁଖିଲା ମାଂସ ଦିଆଯାଉଛି।

ଜାହାଜରେ ଥିବା ଜଣେ ନୌସେନା ସଦସ୍ୟ ନିଜ ମା'ଙ୍କୁ ପଠାଇଥିବା ବାର୍ତ୍ତାରେ ଲେଖିଛନ୍ତି ଯେ, 'ଖାଦ୍ୟ ସାମଗ୍ରୀ ଅତି ଶୀଘ୍ର ଶେଷ ହେବାକୁ ଯାଉଛି ଏବଂ ସୈନ୍ୟମାନଙ୍କ ମନୋବଳ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଛି।' ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଅନୁଯାୟୀ, ଏହି ଜାହାଜ ଗୁଡ଼ିକରେ ପ୍ରାୟ ୩, ୫୦୦ ସୈନ୍ୟ ଅଛନ୍ତି, ଯେଉଁମାନେ ଇରାନ ବନ୍ଦର ଗୁଡ଼ିକର ଅବରୋଧ କାର୍ଯ୍ୟରେ ନିୟୋଜିତ।

ସୈନ୍ୟମାନଙ୍କ ପରିବାର ପକ୍ଷରୁ ପଠାଯାଉଥିବା ଖାଦ୍ୟ ଓ ଜରୁରୀ ସାମଗ୍ରୀ ମଧ୍ୟ ସେମାନଙ୍କ ପାଖରେ ପହଞ୍ଚି ପାରୁନାହିଁ। ଆମେରିକା ଡାକ ସେବା (ୟୁଏସ୍‌ପିଏସ୍) ଏପ୍ରିଲ ଆରମ୍ଭରୁ ପ୍ରାୟ ୨୭ଟି ସାମରିକ ଜିପ୍ କୋଡ୍‌କୁ ଡାକ ସେବା ସ୍ଥଗିତ ରଖିଛି। ଆକାଶମାର୍ଗ ବନ୍ଦ ରହିବା ଏବଂ ଯୁଦ୍ଧଜନିତ ଜଟିଳତା ଯୋଗୁଁ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସେନା ମୁଖପାତ୍ର ମେଜର ଟ୍ରାଭିସ୍ ଶ' କହିଛନ୍ତି ଯେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ସେବା ବନ୍ଦ ରହିବ। ବିଶ୍ୱର ସବୁଠାରୁ ଶକ୍ତିଶାଳୀ ସେନାବାହିନୀ ହୋଇ ମଧ୍ୟ ସୈନ୍ୟମାନେ ଖାଦ୍ୟ ପାଇଁ ସଂଘର୍ଷ କରିବା ଆମେରିକା ପାଇଁ ଏକ ଚିନ୍ତାର ବିଷୟ ହୋଇଛି। ଏଥିସହିତ 'ୟୁଏସଏସ ଜେରାଲ୍ଡ ଫୋର୍ଡ' ପ୍ରାୟ ୨୯୫ ଦିନ ଧରି ସମୁଦ୍ରରେ ରହିବା, ଶୀତଳ ଯୁଦ୍ଧ ପରଠାରୁ ସବୁଠାରୁ ଦୀର୍ଘତମ ମୁତୟନ ଭାବେ ରେକର୍ଡ କରିଛି। ଏହି ପରିସ୍ଥିତି ସୈନ୍ୟମାନଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇବାର ଆଶଙ୍କା ରହିଛି।

# ଇରାନର 'ନ୍ୟୁକ୍ଲିୟର ଡଷ୍ଟ' ପାଇଁ ଟ୍ରମ୍ପ ବ୍ୟଗ୍ର କାହିଁକି?

ୱାସିଂଟନ/ତେହେରାନ, ୧୭ ।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନ ତାହାର 'ନ୍ୟୁକ୍ଲିୟର ଡଷ୍ଟ' ବା ପରମାଣୁ ପାଉଁଶକୁ ଆମେରିକାକୁ ହସ୍ତାନ୍ତର କରିବାକୁ ପ୍ରସ୍ତୁତ ଅଛି। ବାସ୍ତବରେ 'ନ୍ୟୁକ୍ଲିୟର ଡଷ୍ଟ' କୌଣସି ସାଧାରଣ ଧୂଳି ନୁହେଁ, ବରଂ ହେଉଛି ଇରାନର ସେହି ଅତିମାତ୍ରାରେ ସମୃଦ୍ଧ ୟୁରାନିୟମ୍ ଯାହା ଗତବର୍ଷ ଜୁନ୍ ମାସରେ ଆମେରିକା ଦ୍ୱାରା ହୋଇଥିବା ବିମାନ ଆକ୍ରମଣ ପରେ ଭୂତଳସ୍ଥ ଧ୍ୱଂସାବଶେଷ ମଧ୍ୟରେ ପୋତି ହୋଇ ରହିଛି। ଆନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ)ର ସୂଚନା ଅନୁଯାୟୀ, ଗତବର୍ଷ ଇସ୍ରାଏଲ୍ ଓ ଆମେରିକା ମିଳିତ ଭାବେ ଇରାନର ତିନୋଟି ମୁଖ୍ୟ ପରମାଣୁ କେନ୍ଦ୍ର ଉପରେ ବୋମାମାଡ଼ କରିଥିଲେ। ଏହାଫଳରେ ଇସଫାହାନ ଏବଂ ନାତାଞ୍ଜ୍ ପରମାଣୁ କମ୍ପ୍ଲେକ୍ସର ଭୂତଳ ଗୋଦାମରେ ଗଚ୍ଛିତ ଥିବା ବିପୁଳ ପରିମାଣର ୟୁରାନିୟମ୍ ମାଟି ତଳେ ପୋତି ହୋଇଯାଇଥିଲା। ଟ୍ରମ୍ପ ଏହି ପୋତି ହୋଇଥିବା ପରମାଣୁ ସାମଗ୍ରୀକୁ ହିଁ 'ପରମାଣୁ ପାଉଁଶ' ବୋଲି ସମ୍ବୋଧିତ କରୁଛନ୍ତି। ଆକ୍ରମଣ ପୂର୍ବରୁ ମିଳିଥିବା ତଥ୍ୟ ଅନୁଯାୟୀ, ଇରାନ ପାଖରେ ପ୍ରାୟ ୬୦% ସମୃଦ୍ଧ ୪୦୦ କିଲୋଗ୍ରାମ ୟୁରାନିୟମ୍ ଏବଂ ୨୦ ପ୍ରତିଶତ ସମୃଦ୍ଧ ପ୍ରାୟ ୨୦୦ କିଲୋଗ୍ରାମ ୟୁରାନିୟମ୍ ଗଚ୍ଛିତ ଥିଲା। ଏହି ସାମଗ୍ରୀକୁ ଅତି ସହଜରେ ୯୦ ପ୍ରତିଶତ ଶୁଦ୍ଧତା ବିଶିଷ୍ଟ 'ୱେପନ୍ ଗ୍ରେଡ୍' ବା ପରମାଣୁ ଅସ୍ତ୍ର ନିର୍ମାଣ ଉପଯୋଗୀ ୟୁରାନିୟମ୍ ରେ ପରିଣତ କରାଯାଇପାରିବ।

ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଇରାନରେ କୌଣସି ପ୍ରକାର ୟୁରାନିୟମ୍ ସମୃଦ୍ଧକରଣ କାର୍ଯ୍ୟ ହେବ ନାହିଁ। ଆମେରିକା ଇରାନ ସହ ମିଶି ସେହି ଭୂତଳସ୍ଥ 'ପରମାଣୁ ପାଉଁଶ'କୁ ଖୋଳି ବାହାର କରିବ ଏବଂ ସେଠାରୁ ସମ୍ପୂର୍ଣ୍ଣ ରୂପେ ହଟାଇ ଦେବ। ଏହା ଦ୍ୱାରା ଇରାନର ପରମାଣୁ ଅସ୍ତ୍ର ନିର୍ମାଣ କରିବାର କ୍ଷମତା ସବୁଦିନ ପାଇଁ ଶେଷ ହୋଇଯିବ ବୋଲି ଟ୍ରମ୍ପ ଆଶା ରଖିଛନ୍ତି। ଅପରପକ୍ଷରେ



ଇରାନ ଦାବି କରିଆସୁଛି ଯେ ସେମାନେ କେବଳ ଶକ୍ତି ଉତ୍ପାଦନ ଓ ବିଦ୍ୟୁତ୍ ସୁରକ୍ଷା ପାଇଁ ୟୁରାନିୟମ୍ ବ୍ୟବହାର କରୁଛନ୍ତି। ମାତ୍ର ବିଶେଷଜ୍ଞଙ୍କ ମତରେ ଇରାନ ପାଖରେ ବିପୁଳ ପରିମାଣର ପ୍ରାକୃତିକ ଗ୍ୟାସ ଓ ତୈଳ ଭଣ୍ଡାର ଥିବାରୁ, ପରମାଣୁ ଶକ୍ତି ଉତ୍ପାଦନ ତାଙ୍କ ପାଇଁ ଅର୍ଥନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ବ୍ୟୟବହୁଳ। ତେଣୁ ଏହାର ଉଦ୍ଦେଶ୍ୟ ସାମରିକ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ଯଦି ଟ୍ରମ୍ପ ଏହି ସାମଗ୍ରୀ ହଟାଇବାରେ ସଫଳ ହୁଅନ୍ତି, ତେବେ ଏହା ଆମେରିକା ପାଇଁ ଏକ ବଡ଼ ରଣନୈତିକ ବିଜୟ ହେବ।

# ଚୀନର ତୈଳ ଯୋଗାଣ ବନ୍ଦ କରିବାକୁ ଆମେରିକାର ଚାଲ୍

ୱାସିଂଟନ/ହାଭାନା, ୧୭ ।୪(ଏଜେନ୍ସି): ବିଶ୍ୱ ରାଜନୀତିର ଚେସ ବୋର୍ଡରେ ଆମେରିକା ଏବେ ଚୀନର ଅଣ୍ଟା ଭାଙ୍ଗିବା ପାଇଁ ଚତୁର୍ଥ ବଡ଼ ଚାଲ୍ ଚଳାଇଛି। ଭେନେଜୁଏଲା, ହର୍ମୁଜ୍ ପ୍ରଣାଳୀ ଏବଂ ମାଲାକ୍କା ପରେ ଏବେ କ୍ୟୁବା ଆକାଶରେ ଆମେରିକାର ଅତ୍ୟାଧୁନିକ ଡ୍ରୋନ୍ 'ଏମକ୍ୟୁ-୪ସି ଟ୍ରାଇଟନ୍' ର ଉପସ୍ଥିତି ଚୀନ ପାଇଁ ବିପଦର ସଙ୍କେତ ଦେଇଛି। ୨୪୦ ନିୟୁତ ଡଲାର ଅର୍ଥାତ ପାଖାପାଖି ୨, ୦୧୬ କୋଟି ଟଙ୍କା ମୂଲ୍ୟର ଏହି ବିଶାଳକାୟ ଡ୍ରୋନ ମାଧ୍ୟମରେ ଆମେରିକା ଏବେ କ୍ୟାରିବିୟାନ୍ ସାଗର ଦେଇ ହେଉଥିବା ତୈଳ କାରବାର ଉପରେ ତୀକ୍ଷ୍ଣ ନଜର ରଖିଛି। ସାମରିକ ବିଶ୍ଳେଷକଙ୍କ ଅନୁଯାୟୀ, ଆମେରିକା ନୌସେନାର ଏହି ଶକ୍ତିଶାଳୀ ଡ୍ରୋନଟି କ୍ୟୁବାର ଉତ୍ତର-ପଶ୍ଚିମ ଏବଂ ଦକ୍ଷିଣ ଉପକୂଳରେ ବ୍ୟାପକ ସର୍ଭେଲାନ୍ସ ବା ଗୁପ୍ତଚର ଅଭିଯାନ ଚଳାଇଛି। ବୋଇଂ ୭୩୭ ବିମାନ ପରି ବିଶାଳ ଏହି ଡ୍ରୋନ୍ ୫୫, ୦୦୦ ଫୁଟ୍‌ରୁ ଅଧିକ ଉଚ୍ଚତାରେ ଲଗାତାର ୨୪ ଘଣ୍ଟା ଉଡ଼ାଣ ଭରିବାରେ ସକ୍ଷମ। ହାଭାନା ଏବଂ ଜାମାଇକା ମଧ୍ୟରେ ଥିବା ପ୍ରମୁଖ ସାମୁଦ୍ରିକ ପଥ ଉପରେ ଏହା ନଜର ରଖିଛି, ଯାହା ପାନାମା କେନାଲକୁ ଆଟଲାଣ୍ଟିକ୍ ମହାସାଗର ସହ ଯୋଡ଼ିଥାଏ। ଆମେରିକା




ଚୀନର ତୈଳ ଯୋଗାଣକୁ ରୋକିବା ପାଇଁ କ୍ରମାଗତ ଭାବେ ୪ଟି ପଦକ୍ଷେପ ନେଇଛି। ସେଗୁଡ଼ିକ ହେଲା-
ଭେନେଜୁଏଲା: ଜାନୁଆରୀ ମାସରେ ଭେନେଜୁଏଲାର ତୈଳ ଭଣ୍ଡାର ଉପରେ ଆମେରିକାର ପରୋକ୍ଷ ନିୟନ୍ତ୍ରଣ ପରେ ଚୀନକୁ ହେଉଥିବା ରପ୍ତାନି ପ୍ରାୟତଃ ବନ୍ଦ ହୋଇଯାଇଛି। ହର୍ମୁଜ ପ୍ରଣାଳୀ: ଇରାନ ଏବଂ ହର୍ମୁଜ୍ ଅଞ୍ଚଳରେ ଘେରାବନ୍ଦୀ କରି ଆମେରିକା ଚୀନର ପ୍ରାୟ ୪୦ ରୁ ୪୫ ପ୍ରତିଶତ ଦୈନିକ ଅଶୋଧିତ ତୈଳ ଚାହିଦାକୁ ପ୍ରଭାବିତ କରିଛି। ମାଲାକ୍କା ପ୍ରଣାଳୀ: ଇଣ୍ଡୋନେସିଆ ସହାୟତାରେ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥରେ ନଜର ରଖି ଆମେରିକା ଚୀନର ୮୦ ପ୍ରତିଶତ ସାମୁଦ୍ରିକ ତୈଳ ପରିବହନକୁ ନିଜ ଆୟତ୍ତକୁ ଆଣିଛି। କ୍ୟୁବା: ଏବେ କ୍ୟୁବା ନିକଟରେ ଡ୍ରୋନ୍ ମୁତୟନ କରି ଆମେରିକା ଚୀନର 'ଶ୍ୟାଡୋ ଟ୍ୟାଙ୍କର' ବା ଗୁପ୍ତ ତୈଳ ଜାହାଜ ଗୁଡ଼ିକୁ ଚିହ୍ନଟ କରିବାକୁ ଲକ୍ଷ୍ୟ ରଖିଛି। ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ କ୍ୟୁବା ଉପରେ କଡ଼ା ଆର୍ଥିକ ଅବରୋଧ ଲଗାଇଥିବା ବେଳେ ଚୀନ ଏହି ଦ୍ୱୀପରାଷ୍ଟ୍ରକୁ ଇନ୍ଧନ ଯୋଗାଇ ସାହାଯ୍ୟ କରିବାକୁ ଚେଷ୍ଟା କରୁଛି। ଆମେରିକାର ଏହି ନୂତନ ପଦକ୍ଷେପ କେବଳ ତୈଳ ଯୋଗାଣକୁ ରୋକିବା ପାଇଁ ନୁହେଁ, ବରଂ କ୍ୟୁବାରେ ଥିବା ଚୀନର ଗୁଇନ୍ଦା ଘାଟି ଗୁଡ଼ିକ ଉପରେ ନଜର ରଖିବା ପାଇଁ ଉଦ୍ଦିଷ୍ଟ।

# ହୁତିଙ୍କୁ ଭୟ: ଦୀର୍ଘ ପଥ ଦେଇ ମଧ୍ୟପ୍ରାଚ୍ୟ ଯାଉଛି ଆମେରିକାର ଶକ୍ତିଶାଳୀ ଯୁଦ୍ଧଜାହାଜ

ୱାସିଂଟନ, ୧୭ ।୪(ଏଜେନ୍ସି): ଆମେରିକା ନୌସେନାର ଅତ୍ୟନ୍ତ ଶକ୍ତିଶାଳୀ ପରମାଣୁ ସମ୍ପନ୍ନ ବିମାନବାହୀ ଜାହାଜ 'ୟୁଏସ୍‌ଏସ୍ ଜର୍ଜ ଏଚ୍‌ଡବ୍ଲ୍ୟୁ ବୁଶ୍' ଏବେ ମଧ୍ୟପ୍ରାଚ୍ୟ ଅଭିମୁଖେ ଏକ ଦୀର୍ଘ ପଥ ଅତିକ୍ରମ କରୁଛି। ହୁତି ବିଦ୍ରୋହୀଙ୍କ ଆକ୍ରମଣ ଭୟରେ ଏହି ବୃହତ୍‌କାୟ ଜାହାଜଟି ପାରମ୍ପରିକ ଲୋହିତ ସାଗର ବଦଳରେ ସମଗ୍ର ଆଫ୍ରିକା ମହାଦେଶ ବୁଲି ଯାଉଥିବା ଜଣାପଡ଼ିଛି। ଏହା ଦକ୍ଷିଣ ଆଫ୍ରିକାର 'କେପ୍ ଅଫ୍ ଗୁଡ୍ ହୋପ୍' ଦେଇ ଆଟଲାଣ୍ଟିକରୁ ଭାରତ ମହାସାଗରରେ ପ୍ରବେଶ କରିବ। ସାଧାରଣତଃ ଆମେରିକାର ପୂର୍ବ ଉପକୂଳରୁ ଆସୁଥିବା ଜାହାଜ ଗୁଡ଼ିକ ଜିବ୍ରାଲଟର ପ୍ରଣାଳୀ, ଭୂମଧ୍ୟସାଗର ଏବଂ ସୁଏଜ୍ କେନାଲ ଦେଇ ଲୋହିତ ସାଗର ମଧ୍ୟରେ ଯାତ୍ରା କରିଥାନ୍ତି। ମାତ୍ର



ବର୍ତ୍ତମାନର ଏହି ପରିବର୍ତ୍ତିତ ଗତିପଥ ପୂର୍ବ ଅପେକ୍ଷା ପ୍ରାୟ ୧.୫ ଗୁଣ ଅଧିକ ଦୀର୍ଘ। ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ଲୋହିତ ସାଗର ଏବଂ ବିଶେଷ କରି 'ବାବ୍-ଅଲ୍-ମାଣ୍ଡେବ୍' ପ୍ରଣାଳୀରେ ଡ୍ରୋନ୍ ଏବଂ ମିସାଇଲ୍ ଆକ୍ରମଣ ଜାରି ରଖିଛନ୍ତି। ମାତ୍ର ୩୨ କିଲୋମିଟର ଓସାର ବିଶିଷ୍ଟ ଏହି ପ୍ରଣାଳୀଟି ତୈଳ ପରିବହନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହୁତିମାନେ ୟେମେନର ପଶ୍ଚିମ ଉପକୂଳକୁ ନିଜ ନିୟନ୍ତ୍ରଣରେ ରଖିଥିବାରୁ, ଏହି ସଂକୀର୍ଣ୍ଣ ଜଳପଥ ଦେଇ ଯିବା ଆମେରିକାର ସବୁଠାରୁ ଶକ୍ତିଶାଳୀ ନୌସେନା ବାହିନୀ ପାଇଁ ମଧ୍ୟ ବିପଦଜ୍ଜନକ ମନେ କରାଯାଉଛି। ନର୍ଫକ୍‌ରୁ ଲୋହିତ ସାଗର ଦେଇ ଆରବ ସାଗର ପର୍ଯ୍ୟନ୍ତ ଏହି ଦୂରତା ପ୍ରାୟ ୮, ୦୦୦ ରୁ ୯, ୦୦୦ ନଟିକାଲ୍ ମାଇଲ୍। ଆଫ୍ରିକା ବୁଲି ଯାଉଥିବାରୁ ଏହି ଦୂରତା ବଢ଼ି ପ୍ରାୟ ୧୩, ୦୦୦ ରୁ ୧୫, ୦୦୦ ନଟିକାଲ୍ ମାଇଲ୍ ହୋଇଛି। ଏହା ଦର୍ଶାଉଛି ଯେ ଆଧୁନିକ ଯୁଦ୍ଧ କ୍ଷେତ୍ରରେ କ୍ଷୁଦ୍ର ବିଦ୍ରୋହୀ ଗୋଷ୍ଠୀଙ୍କ ପାଖରେ ଥିବା ଡ୍ରୋନ ଓ ମିସାଇଲ୍ ପ୍ରଯୁକ୍ତିବିଦ୍ୟା ଆମେରିକା ଭଳି ବିଶ୍ୱର ଶକ୍ତିଶାଳୀ ସେନାବାହିନୀକୁ ମଧ୍ୟ ନିଜ ରଣନୀତି ବଦଳାଇବାକୁ ବାଧ୍ୟ କରିପାରୁଛି।

# ପତ୍ନୀଙ୍କୁ ହତ୍ୟା କରି ଆତ୍ମହତ୍ୟା କଲେ ଆମେରିକାର ଡେପୁଟି ଗଭର୍ଣ୍ଣର

ୱାସିଂଟନ, ୧୭ ।୪(ଏଜେନ୍ସି): ଆମେରିକାର ଭର୍ଜିନିଆ ରାଜ୍ୟରୁ ଏକ ଅତ୍ୟନ୍ତ ବିଚଳିତ କଲା ଭଳି ଖବର ସାମ୍ନାକୁ ଆସିଛି। ପୂର୍ବତନ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଜଷ୍ଟିନ ଫେୟାରଫ୍ୟାକ୍ସ ନିଜ ପତ୍ନୀଙ୍କୁ ଗୁଳି କରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଏନାନଡେଲ ସ୍ଥିତ ତାଙ୍କ ବାସଭବନରେ ଏହି ଘଟଣା ଘଟିଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ପୋଲିସର ସୂଚନା ଅନୁଯାୟୀ, ଦୁର୍ଭାଗ୍ୟବଶତଃ ଏହି ହିଂସାକାଣ୍ଡ ସମୟରେ ଦମ୍ପତିଙ୍କ ଦୁଇ ପୁଅ ଘରେ ଉପସ୍ଥିତ ଥିଲେ। ସେମାନେ ହିଁ ପୋଲିସକୁ ଫୋନ୍ କରି ଏହି ଘଟଣା ସମ୍ପର୍କରେ ଜଣାଇଥିଲେ।



ଘଟଣାସ୍ଥଳରେ ପହଞ୍ଚିବା ପରେ ପୋଲିସ ୪୭ ବର୍ଷୀୟ ଜଷ୍ଟିନ ଫେୟାରଫ୍ୟାକ୍ସ ଏବଂ ତାଙ୍କ ପତ୍ନୀ ସେରିନାଙ୍କ ମୃତଦେହ ଉଦ୍ଧାର କରିଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଜଷ୍ଟିନ ପ୍ରଥମେ ସେରିନାଙ୍କୁ ଗୁଳି କରିଥିଲେ ଏବଂ ପରେ ନିଜ ଉପରକୁ ଗୁଳି ଚଳାଇ ଜୀବନ ହାରିଥିଲେ। ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଦମ୍ପତିଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ବିବାହ ବିଚ୍ଛେଦ ନେଇ ଗୁରୁତର ବିବାଦ ଚାଲିଥିଲା। ପୂର୍ବରୁ ଚଳିତ ବର୍ଷ ଜାନୁଆରୀ ମାସରେ ଜଷ୍ଟିନ ତାଙ୍କ ପତ୍ନୀଙ୍କ ବିରୋଧରେ ଆକ୍ରମଣର ଅଭିଯୋଗ ଆଣିଥିଲେ, ମାତ୍ର ତଦନ୍ତ ପରେ ତାହା ପ୍ରମାଣିତ ହୋଇପାରି ନଥିଲା। ବର୍ତ୍ତମାନ ପୋଲିସ ଘରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରି ଘଟଣାର କ୍ରମାନ୍ୱୟ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରୁଛି। ଏହା ଏକ ଅତ୍ୟନ୍ତ ଦୁଃଖଦାୟକ ଘଟଣା, ବିଶେଷ କରି ଶିଶୁମାନଙ୍କ ସମ୍ମୁଖରେ ଏଭଳି ଘଟିବା ଅତ୍ୟନ୍ତ ପରିତାପର ବିଷୟ ବୋଲି କୁହାଯାଉଛି।

# ରାହୁଲଙ୍କ ମନ୍ତବ୍ୟକୁ ନେଇ ଲୋକସଭାରେ ହଟ୍ଟଗୋଳ

ନୂଆଦିଲ୍ଲୀ, ୧୭।୪: ଲୋକସଭାରେ ଆଜି ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଉପରେ ଆଲୋଚନା ଚାଲିଥିବା ବେଳେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ଏକ ମନ୍ତବ୍ୟକୁ ନେଇ ହଟ୍ଟଗୋଳ ହୋଇଥିଲା। ତିନିଟି ବିଲକୁ ସେ ଦେଶ ବିରୋଧୀ ବୋଲି କହିବା ସହିତ ଏଥିପାଇଁ ସରକାରଙ୍କର ସମାଲୋଚନା କରିଥିଲେ। ଏହାସହିତ ତାଙ୍କର ମନ୍ତବ୍ୟ 'ବାଲାକୋଟ, ବିମୁଦ୍ରୀକରଣ ଏବଂ ସିନ୍ଦୂରର ଜାଦୁକର ଧରାପଡ଼ିଯାଇଛନ୍ତି..' ଗୃହରେ ହଟ୍ଟଗୋଳ ସୃଷ୍ଟି କରିଥିଲା। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ତାଙ୍କର ଏଭଳି ମନ୍ତବ୍ୟର ବିରୋଧ କରି କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଏପରି ଅପମାନଜନକ ଟିପ୍ପଣୀକୁ ବରଦାସ୍ତ କରାଯିବ ନାହିଁ। ରାହୁଲଙ୍କ ଏହି ମନ୍ତବ୍ୟର ନିନ୍ଦା କରି ସେମାନେ କହିଥିଲେ ଯେ ଏହାକୁ ଗୃହର ବିବରଣୀରୁ ବାଦ୍ ଦିଆଯାଉ। ସମଗ୍ର ଶାସକ



ଦଳ ଠିଆ ହୋଇ ରାହୁଲଙ୍କ ମନ୍ତବ୍ୟର ପ୍ରତିବାଦ କରୁଥିବା ବେଳେ ବାଚସ୍ପତି ଓମ୍ ବିର୍ଲା ମଧ୍ୟ ନାପସନ୍ଦ କରିଥିଲେ। ଏଭଳି ମନ୍ତବ୍ୟ ନଦେବାଲାଗି ସେ ରାହୁଲଙ୍କୁ ତାଗିଦ କରିଥିଲେ। ଶେଷରେ ଜାଦୁକର ଶବ୍ଦ ବ୍ୟବହାର ନକରିବା ଲାଗି ରାହୁଲ ରାଜି ହୋଇଥିଲେ। ରାହୁଲ ଏଭଳି ଶବ୍ଦ ବ୍ୟବହାର କରି ସମଗ୍ର ଦେଶବାସୀଙ୍କୁ ଅପମାନ କରିଛନ୍ତି ବୋଲି ରାଜନାଥ କହିଥିଲେ। ଏଥିରେ ପ୍ରତିକ୍ରିୟା ପ୍ରକାଶ କରି ରାହୁଲ କହିଥିଲେ, 'ବିଜେପି ଲୋକମାନଙ୍କ ମଧ୍ୟରେ ବିଭ୍ରାନ୍ତି ଭରି ରହିଛି। କେବଳ ଆପଣ ଭାରତବାସୀ ନୁହନ୍ତି କି ସେନା ନୁହନ୍ତି।

**■ ବିରୋଧ କଲେ ରାଜନାଥ, ରିଜିଜୁ**
**■ ତାଗିଦ କଲେ ବାଚସ୍ପତି ବିର୍ଲା**

ବିଜେପି ହେଉଛି ଏକ ରାଜନୈତିକ ସଙ୍ଗଠନ। ଆମେ ଦେଶବାସୀଙ୍କୁ ସମାଲୋଚନା କରୁନାହୁଁ। ଆମେ ସଶସ୍ତ୍ର ସେନାର ମଧ୍ୟ ସମାଲୋଚନା କରୁନାହୁଁ। ଆମେ କେବଳ ବିଜେପିକୁ ସମାଲୋଚନା କରୁଛୁ। ଭାରତବାସୀ ଏବଂ ସେନା ଆଳରେ ନିଜକୁ ଲୁଚାଇବା ବିଜେପି ବାଲା ବନ୍ଦ କରନ୍ତୁ।'



ଗ୍ରୀନ୍‌ଙ୍କ ପ୍ରଥମ ଅର୍ଦ୍ଧଶତକ

▶ପୃଷ୍ଠା ୧୨ ଦେଖନ୍ତୁ...


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-290 ♦SATURDAY ♦18 APRIL 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୨୯୦ ♦ଶନିବାର ♦୧୮ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


କେନ୍ଦ୍ରକୁ ଝଟ୍‌କା

# କାଟ୍ ଖାଇଲା ସମ୍ବିଧାନ ସଂଶୋଧନ ବିଲ୍

## ମିଳିଲାନି ଆବଶ୍ୟକ ୩୫୨ ସାଂସଦଙ୍କ ସମର୍ଥନ; କମ୍ ପଡ଼ିଲା ୫୪ ଭୋଟ୍

■ ନୂଆଦିଲ୍ଲୀ, ୧୭।୪ (ଏଜେନ୍ସି): ସଂସଦ ଓ ରାଜ୍ୟ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ଏବଂ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ସଂକ୍ରାନ୍ତ ବହୁପ୍ରତୀକ୍ଷିତ ଏବଂ ବିତର୍କିତ ୧୩୧ ସମ୍ବିଧାନ ସଂଶୋଧନ ବିଲ୍ ଆଜି ଲୋକସଭାରେ କାଟ୍ ଖାଇଯାଇଛି। ସରକାର ପାଖରେ ଆବଶ୍ୟକ ସଂଖ୍ୟା ନଥିବା ସତ୍ତ୍ୱେ ଏହି ବିଲ୍ ଆଗତ କରାଯାଇଥିଲା ଏବଂ ବିରୋଧୀ ଦଳ ଏହାର ଜୋରଧାର ବିରୋଧ କରିଥିଲେ। ବିରୋଧୀ ଦଳମାନଙ୍କୁ ମନାଇବା ଲାଗି ସରକାର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇନଥିଲେ। ବିଲ୍ କାଟ୍ ଖାଇଯିବା ଯୋଗୁଁ କେନ୍ଦ୍ର ସରକାର ସଂସଦରେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। କେନ୍ଦ୍ରରେ ମୋଦୀ ସରକାର ଅମଳରେ କୌଣସି ବିଲ୍ ଗୃହରେ କାଟ ଖାଇବାରେ ଏହା ପ୍ରଥମ ଘଟଣା ବୋଲି କୁହାଯାଉଛି।



ଏହି ବିଲ୍ ଉପରେ ଆଲୋଚନା ଏବଂ ଅନୁମୋଦନ ପାଇଁ ଗତକାଲି ଠାରୁ ଆରମ୍ଭ ହୋଇଛି ସଂସଦର ସ୍ୱତନ୍ତ୍ର ଅଧିବେଶନ। ଆଜି ଆଲୋଚନା ଶେଷ ହେବାପରେ ସନ୍ଧ୍ୟାରେ ବିଲ୍ ଉପରେ ମତଦାନ କରାଯାଇଥିଲା। ପ୍ରଥମେ ମହିଳା ସଂରକ୍ଷଣ ବିଲ୍ (ନାରୀ ଶକ୍ତି ବନ୍ଦନ ଅଧିନିୟମ) ଉପରେ ମତଦାନ ହୋଇଥିଲା। ମତଦାନ ବେଳେ ଲୋକସଭାରେ ୫୨୮ ସଭ୍ୟ ଉପସ୍ଥିତ ଥିବା ବେଳେ ଏହା ସପକ୍ଷରେ ୨୯୮ ଜଣ ଭୋଟ୍ ଦେଇଥିଲେ। ୨୩୦ ଜଣ ସାଂସଦ ଏହାର ବିରୋଧ କରିଥିଲେ। ଏହି ସମ୍ବିଧାନ ସଂଶୋଧନ ବିଲ୍ ଅନୁମୋଦନ ପାଇଁ ଉପସ୍ଥିତ ସାଂସଦମାନଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ସଭ୍ୟଙ୍କ (୩୫୨) ସମର୍ଥନ ଦରକାର ଥିବା ବେଳେ ଏଥିରୁ ୫୪ ଭୋଟ୍ କମ୍ ପଡ଼ିଥିଲା। ଫଳରେ ବିଲ୍ କାଟ୍ ଖାଇଯାଇଥିଲା। ବିଲ୍ କାଟ୍ ଖାଇଯିବା ପରେ ସରକାର ଆଉ ଅନ୍ୟ ଦୁଇଟି ବିଲ୍ ଉପରେ ମତଦାନ କରିବାରୁ ଓହରିଯାଇଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ରିଜିଜୁ କହିଥିଲେ ଯେ ମହିଳା ବିଲ୍ କାଟ୍ ଖାଇଯିଥିବାରୁ ଅନ୍ୟ ଦୁଇଟି ବିଲ୍ (ସୀମା ପୁନଃନିର୍ଦ୍ଧାରଣ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ)କୁ ମତଦାନ ପାଇଁ ଆଗତ କରାଯିବ ନାହିଁ। ▶ପୃଷ୍ଠା-୭

### ବିରୋଧୀ ହରାଇଲେ ଐତିହାସିକ ସୁଯୋଗ: ସରକାର

### ସମ୍ବିଧାନ ଭାଙ୍ଗିବାକୁ ଉଦ୍ୟମ ହୋଇଥିଲା: ବିରୋଧୀ

## ସତ୍ୟର ଜୟ ହୋଇଛି, ନ୍ୟାୟ ସ୍ଥାପିତ ହୋଇଛି: ମାନସ



■ ଭୁବନେଶ୍ୱର, ୧୭।୪ (ସମିସ): ଲୋକସଭାରେ ସମ୍ବିଧାନ ସଂଶୋଧନ ବିଲ୍ କାଟ୍ ଖାଇବା ପରେ ସତ୍ୟର ଜୟ ହୋଇଛି ବୋଲି କହିଛନ୍ତି ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ କହିଛନ୍ତି ଯେ ସଂସଦରେ ମହିଳା ସଂରକ୍ଷଣ ବିଲ୍ ନୁହେଁ; ବରଂ ବିବାଦିତ ଡିଲିମିଟେସନ ବିଲ୍ (୧୩୧ତମ ସମ୍ବିଧାନ ସଂଶୋଧନ) କାଟ୍ ଖାଇଛି। ଏହି ବିବାଦୀୟ ଡିଲିମିଟେସନ ବିଲ୍‌ରେ ଓଡ଼ିଶା ଭଳି ରାଜ୍ୟ ନିଜ ହକ୍ ଅଂଶ ପାଇବାରୁ ବଞ୍ଚିତ ହେବାର ଆଶଙ୍କା ଥିଲା। ଆମ ନେତା ନବୀନ ପଟ୍ଟନାୟକ ଏହି ବିଷୟରେ ଦୃଢ଼ ଏବଂ ▶ପୃଷ୍ଠା-୭

ବାଣିଜ୍ୟିକ ପରିବହନ ପାଇଁ ଇରାନର ଅନୁମତି

## ଖୋଲିଲା ହର୍ମୁଜ ପ୍ରଣାଳୀ

■ ତେହେରାନ/ବେରୁତ, ୧୭।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ଇରାନର ବୈଦେଶିକ ମନ୍ତ୍ରୀ ଘୋଷଣା କରିଛନ୍ତି ଯେ ଲେବାନନ୍‌ରେ ହୋଇଥିବା ଯୁଦ୍ଧ ବିରତିକୁ ସମ୍ମାନ ଜଣାଇ ହର୍ମୁଜ୍ ପ୍ରଣାଳୀକୁ ସମସ୍ତ ବାଣିଜ୍ୟିକ ଜାହାଜ ପାଇଁ ସମ୍ପୂର୍ଣ୍ଣ ରୂପେ ଖୋଲା ରଖାଯାଇଛି। ଇରାନର ବୈଦେଶିକ ମନ୍ତ୍ରୀ ଆରାଘଚି କହିଛନ୍ତି ଯେ, ଲେବାନନ୍‌ରେ ଘୋଷଣା କରାଯାଇଥିବା ୧୦ ଦିନିଆ ଯୁଦ୍ଧ ବିରତି ଅବଧି ପର୍ଯ୍ୟନ୍ତ ହରମୁଜ୍ ପ୍ରଣାଳୀ ଦେଇ ସମସ୍ତ ବାଣିଜ୍ୟିକ ପରିବହନ ଜାରି ରହିବ। ତେବେ ଇରାନର ଉପ-ବୈଦେଶିକ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ତେହେରାନ କୌଣସି ଅସ୍ଥାୟୀ ସମାଧାନ ଚାହେଁ ନାହିଁ; ବରଂ ସମଗ୍ର ଅଞ୍ଚଳରେ ଯୁଦ୍ଧର ସ୍ଥାୟୀ ସମାପ୍ତି ଚାହୁଁଛି।

### ଅବରୋଧ ଜାରି ରଖିବ ଆମେରିକା

ତେବେ ଆମେରିକା ଏହାକୁ ସ୍ୱାଗତ କରିଥିଲେ ମଧ୍ୟ କହିଛି ।।ଯେ ହର୍ମୁଜରେ ଏହାର ଅବରୋଧ ଜାରି ରହିବ। ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଆମେରିକାର ଲକ୍ଷ୍ୟ ଶତପ୍ରତିଶତ ପୂରଣ ନ ହେବା ପର୍ଯ୍ୟନ୍ତ ନୌସେନା ହର୍ମୁଜ ଅଞ୍ଚଳରେ ଅବରୋଧ ଜାରି ରଖିବେ। ତେବେ ଏହି ଅବରୋଧ ଶୀଘ୍ର ହଟିଯିବ। ଇରାନ ସହିତ ଚାଲିଥିବା ଆଲୋଚନାରେ ଅଗ୍ରଗତି ଘଟିଛି ଏବଂ ହର୍ମୁଜ ଆଉ ବନ୍ଦ ନକରିବା ଲାଗି ଇରାନ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି।

ଇତିମଧ୍ୟରେ ଆମେରିକା ବିଦେଶ ବିଭାଗର ସୂଚନା ▶ପୃଷ୍ଠା-୭

ବିଜୁଙ୍କ ପୁଣ୍ୟତିଥିରେ ବିଜେଡି ପାଳିଲା 'ପ୍ରବାଦ ପୁରୁଷ' ଦିବସ

# ଓଡ଼ିଆ ସ୍ୱାଭିମାନ ଆଜି ବିପଦରେ: ନବୀନ

- ଦିଲ୍ଲୀରୁ ଆଭାସୀ ଜରିଆରେ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଲେ ନବୀନ
- ଦେଶଭକ୍ତି, ସାହସ ଓ ସ୍ୱାଭିମାନ ପାଇଁ ବିଜୁବାବୁ ଅମର ହୋଇ ରହିବେ
- ମୁଖାର ଆବରଣ ପାପକୁ ବେଶି ଦିନ ଲୁଚାଇ ରଖିପାରିବ ନାହିଁ
- ସୀମା ପୁନଃନିର୍ଦ୍ଧାରଣ ଯୋଗୁଁ ଓଡ଼ିଶା ଭୀଷଣ ଭାବେ କ୍ଷତିଗ୍ରସ୍ତ ହେବ
- ରାଜ୍ୟ ସ୍ୱାର୍ଥ ଅପେକ୍ଷା ବିଜେପିର ସ୍ୱାର୍ଥ ପାଇଁ ସରକାର ଅଧିକ ଆଗ୍ରହୀ





■ ଭୁବନେଶ୍ୱର, ୧୭।୪ (ସମିସ): ଭାରତର ଗୌରବ, ସାହସ ସଂକଳ୍ପର ଜୀବନ୍ତ ପ୍ରତୀକ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସରେ ବିଜୁ ଜନତା ଦଳ ତରଫରୁ ଶ୍ରଦ୍ଧା ଓ ଗରିମାମୟ ଭାବରେ 'ପ୍ରବାଦ ପୁରୁଷ ଦିବସ' ଭାବେ ପାଳନ କରାଯାଇଛି। ଶଙ୍ଖ ଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଦିଲ୍ଲୀରୁ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ନିଜର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ନବୀନ କହିଛନ୍ତି ଯେ ଦେଶରେ ମହିଳା ମାନଙ୍କୁ ସଶକ୍ତୀକରଣ କରିବା ଲକ୍ଷ୍ୟରେ ସେମାନଙ୍କୁ ସାମ୍ବିଧାନିକ ପଦରେ ସ୍ଥାପିତ କରିବା ପାଇଁ ୯୦ ଦଶକରେ ବିଜୁ ବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ପଦକ୍ଷେପ ନେଇଥିଲେ। ସଂଯୋଗ ବଶତଃ ବିଜୁ ବାବୁଙ୍କ ▶ପୃଷ୍ଠା-୭

ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ପ୍ରକୋପ ବୃଦ୍ଧି

# ଉପକୂଳରେ କଲବଲ କରିବ ଗୁଳୁଗୁଳି

■ ଭୁବନେଶ୍ୱର, ୧୭।୪ (ସମିସ): ରାଜ୍ୟରେ ପ୍ରବଳ ତାତି ସାଙ୍ଗକୁ ଗୁଳୁଗୁଳି ଜାରି ରହିଛି। ଚଳିତ ସପ୍ତାହରେ ତାପମାତ୍ରା କ୍ରମାଗତ ଭାବେ ଆହୁରି ବଢ଼ିବ। ଏପ୍ରିଲ ମଧ୍ୟ ଭାଗର ତାପମାତ୍ରା ସ୍ୱାଭାବିକ ତୁଳନାରେ ୩-୫ଡିଗ୍ରୀ ଅଧିକ ରହିବାର ସମ୍ଭାବନା ରହିଛି। ବର୍ଷାର ଆଦୌ ସମ୍ଭାବନା ନଥିବା ବେଳେ ବାୟୁମଣ୍ଡଳୀୟ ସ୍ଥିରତା ଯୋଗୁଁ ଆଗାମୀ ୫ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ଆଶଙ୍କା ମଧ୍ୟ କମ୍ ରହିଛି। ତେଣୁ, ଏହି ସମୟରେ ପ୍ରବଳ ତାତି ଓ ଉପକୂଳରେ ଗୁଳୁଗୁଳି ଆଶଙ୍କା ରହିଛି। ଶୁକ୍ରବାର ରାଜ୍ୟର ୧୦ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଛି। ୪୩.୫ ଡିଗ୍ରୀ ସହ ଟିଟିଲାଗଡ଼ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ଝାରସୁଗୁଡ଼ାରେ ୪୧.୨, ସମ୍ବଲପୁରରେ ୪୧.୨, ଭବାନୀପାଟଣାରେ ୪୧.୫, ବଲାଙ୍ଗିରରେ ୪୨.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

### ୨୨ତାରିଖ ଯାଏଁ ୫ ସ୍ଥାନରେ ଭୀଷଣ ତାତି



ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ରାଜ୍ୟକୁ କ୍ରମାଗତ ଭାବେ ପ୍ରବାହିତ ଶୁଷ୍କ ଉତ୍ତର-ପଶ୍ଚିମ ବାୟୁ ଯୋଗୁଁ ରାଜ୍ୟରେ ତାପମାତ୍ରା କ୍ରମଶଃ ବୃଦ୍ଧି ପାଉଛି। ଆଭ୍ୟନ୍ତରୀଣ ଓଡ଼ିଶାରେ କେନ୍ଦ୍ରୀୟ ଭାରତର ସମତଳ ଅଞ୍ଚଳରୁ ଆସୁଥିବା ଗରମ ବାୟୁର ପ୍ରଭାବ ▶ପୃଷ୍ଠା-୭

ଖଣ୍ଡପଡ଼ା ଏସ୍‌ଡିପିଓଙ୍କ ବିରୋଧରେ ସାଂଘାତିକ ଅଭିଯୋଗ

# ରାତି ବିତେଇବାକୁ ମହିଳାଙ୍କୁ ଚାପ

■ ଭୁବନେଶ୍ୱର/ନୟାଗଡ଼, ୧୭।୪ (ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଏସ୍‌ଡିପିଓଙ୍କ ବିରୋଧରେ ଆଉ ଜଣେ ମହିଳା ସାଂଘାତିକ ଅଭିଯୋଗ ଆଣିବା ସହ ପ୍ରମାଣସ୍ୱରୂପ ଫୋନ୍ ବାର୍ତ୍ତାଳାପ, ହ୍ୱାଟସ୍‌ଆପ୍ ଚାଟ୍ ଦାଖଲ କରିଛନ୍ତି। ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନାରେ ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନଙ୍କ ନାମରେ ଲିଖିତ ଅଭିଯୋଗ କରିବା ସହ ଏନେଇ ପୁଲିସ ମହାନିର୍ଦ୍ଦେଶକ ଓ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି। ନୟାଗଡ଼ ଜିଲ୍ଲା ଫତେଗଡ଼ ଗ୍ରାମର ବଣ୍ଟି କହଁରଙ୍କ ପତ୍ନୀ ରଶ୍ମିତା କହଁର ଏଭଳି ଅଭିଯୋଗ କରିଛନ୍ତି। ଫତେଗଡ଼ ଥାନାରେ ରହିଥିବା ଏକ ପୁରୁଣା ମାମଲା ନଂ ୨୧୨/୨୫ ତଥା ଜିଆର ନଂ ୨୦୩/୨୫ ର ସମାଧାନ କରିବା ପାଇଁ ଖଣ୍ଡପଡ଼ା ଏସଡିପିଓ ଉକ୍ତ ମହିଳାଙ୍କୁ ବାରମ୍ବାର କାର୍ଯ୍ୟାଳୟକୁ ଡାକି ପ୍ରେମ ଜାଲରେ ଫସାଇବାକୁ ଚେଷ୍ଟା କରିଥିଲେ। ଏପରିକି, ମାନସିକ ଚାପ ମଧ୍ୟ ସୃଷ୍ଟି କରିଛନ୍ତି। ତାଙ୍କ ସ୍ୱାମୀକୁ କୌଣସି ଏକ ମାମଲାରେ ଗିରଫ କରିବା ପାଇଁ ଧମକ ଦେଇ ମାନସିକା ନିର୍ଯାତନା ଦେଇ ଆସୁଛନ୍ତି। ମହିଳାଜଣଙ୍କୁ ଏସ୍‌ଡିପିଓ ଶାଢ଼ି ଖୋଲିବା ଅବସ୍ଥାରେ ଫଟୋ ମାଗିବା ▶ପୃଷ୍ଠା-୭

### ବିଧାୟକଙ୍କ ଖାସ୍ ବୋଲି ବାଟ ହୁଡୁଛି ଶୃଙ୍ଖଳା






## ପାରିବାରିକ କଳହରୁ ଯୁବକଙ୍କୁ ହତ୍ୟା

■ ବ୍ରହ୍ମପୁର, ୧୭।୪ (ସମିସ): ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ରେଡ଼ିକା ସାହିରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଛୁରାମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ହତ୍ୟାର ଶିକାର ହୋଇଥିବା ଯୁବକଜଣଙ୍କ ହେଲେ, କେ. ଭଗବାନ ରେଡ୍ଡୀ। ଏହି ମାମଲାରେ ଅଭିଯୁକ୍ତ ତଥା ସେହି ସାହିର କେ. ଲିଙ୍ଗା ରେଡ୍ଡୀ ଓ ତାଙ୍କ ପତ୍ନୀ କେ. ଲକ୍ଷ୍ମୀ ରେଡ୍ଡୀଙ୍କୁ ପୁଲିସ ଗିରଫ କରିଛି।

### ଦମ୍ପତି ଗିରଫ, ୪ ଅଟକ

ରେଡିକା ସାହିର ପତ୍ନୀ କେ. ଲକ୍ଷ୍ମୀ ରେଡ୍ଡୀ, ବୃଦ୍ଧା ମା' ପାରୁ ରେଡ୍ଡୀ ଓ ୩ ଝିଅଙ୍କ ସହ କେ. ଲିଙ୍ଗା ରେଡ୍ଡୀ ରହୁଥିଲେ। ଲିଙ୍ଗା ଓ ତାଙ୍କ ପତ୍ନୀ ବୃଦ୍ଧା ମା'ଙ୍କୁ ଖରାପ ବ୍ୟବହାର କରିବା ସହ ଅବହେଳା କରୁଥିଲେ। ପଡ଼ୋଶୀ କେ. ଭଗବାନ ଓ ତାଙ୍କ ପତ୍ନୀ ଜ୍ୟୋତି ରେଡ୍ଡୀ ଏହାକୁ ବିରୋଧ କରିଆସୁଥିଲେ। ଏପରିକି, ବୃଦ୍ଧାଙ୍କୁ ନିର୍ଯାତନା ଦିଆଯାଉଥିବା ଭିଡିଓ ଓ ଫଟୋ ଉତ୍ତୋଳନ କରି ଭଗବାନ ଦୂରରେ ରହୁଥିବା ପାରୁ ରେଡ୍ଡୀଙ୍କ ଅନ୍ୟ ଜଣେ ଝିଅଙ୍କ ▶ପୃଷ୍ଠା-୭






# ସିଟି କଟକ

## ବିପଦସଂକୁଳ ଅବସ୍ଥାରେ ପଢୁଛନ୍ତି ଛାତ୍ରଛାତ୍ରୀ

# ସହରରେ ୧୦ଟି ସ୍କୁଲ କୋଠା ଅସୁରକ୍ଷିତ

**କଟକ, ୧୭ ।୪(ସମିସ)**

କଟକ ସହରରେ କେତେ କୋଠା ବିପଦସଂକୁଳ ଅବସ୍ଥାରେ ରହିଛି ଓ କେତେ କୋଠାକୁ ଭାଙ୍ଗିବା ପାଇଁ ପଦକ୍ଷେପ ନିଆଯାଇଥିବା ନେଇ ଅତୀତରେ ବିଧାନସଭାରେ ଉତ୍ତର ରଖିଥିଲେ ନଗର ଉନ୍ନୟନ ମନ୍ତ୍ରୀ। ଖୁବଶୀଘ୍ର ସହରର ବିପସଂକୁଳ କୋଠା ଗୁଡିକୁ ଭାଙ୍ଗିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେହି ସମୟରେ ମନ୍ତ୍ରୀ କହିଥିଲେ। ହେଲେ ଏବେ ବି ଆଖିଦୃଶିଆ ପଦକ୍ଷେପ ନିଆଯାଇପାରିନାହିଁ। ଏପରିକି କଟକ ସହରରେ ବିପଦସଂକୁଳ ଅବସ୍ଥାରେ ଥିବା ସ୍କୁଲ କୋଠା ଗୁଡିକ ସମ୍ପର୍କରେ ପୂର୍ତ୍ତ ବିଭାଗ ତରଫରୁ ଯାଞ୍ଚ ଶେଷ ହୋଇ ପ୍ରଶାସନକୁ ରିପୋର୍ଟ ଦିଆଯାଇଥିବା ଜଣାପଡ଼ିଛି। ପୂର୍ତ୍ତ ଡିଭିଜନ-୧ ଓ ୨ ପକ୍ଷରୁ ଏହି ସର୍ଭେ କରାଯାଇଥିଲା ବେଳେ ମୋଟ ୪୮ଟି ବିଦ୍ୟାଳୟକୁ ପରିଦର୍ଶନ କରି ବିଭାଗୀୟ ଯନ୍ତ୍ରୀମାନେ ରିପୋର୍ଟ ଦେଇଛନ୍ତି। ଏହି ରିପୋର୍ଟ ଅନୁସାରେ ସହରର ୧୦ଟି ସ୍କୁଲରେ ଥିବା ବିଭିନ୍ନ କୋଠା ବିପଦସଂକୁଳ ରହିଛି। ଏଥିମଧ୍ୟରେ ଉଭୟ ସରକାରୀ ଓ ବେସରକାରୀ ସ୍କୁଲ ରହିଛି। କଟକ ମିଶନରୋଡସ୍ଥିତ ଏକ ଘରୋଇ ସ୍କୁଲ ଓ ବକ୍ସିବଜାର ମଣିସାହୁ ଛକର ଏକ ହାଡିବନ୍ଧୁ ନୋଡାଲ ପବ୍ଲିକ ସ୍କୁଲର ସ୍ୱାଧିନତା ପୂର୍ବବର୍ତ୍ତୀ ସମୟର କୋଠା ଏବେ ବିପଦସଂକୁଳ ହୋଇ ରହିଛି। ସେହିଭଳି ଗଙ୍ଗାମନ୍ଦିର ସରକାରୀ ୟୁପି ସ୍କୁଲ, ସୟଦ ସେମିନାରି ସ୍କୁଲ, ତୁଳସୀପୁର ସରକାରୀ ହାଇସ୍କୁଲ, ରାଧାନାଥ ଶିକ୍ଷା ପ୍ରତିଷ୍ଠାନ ହଷ୍ଟେଲ, ଭକ୍ତମଧୁ ବିଦ୍ୟାପୀଠ ପରିସରରେ ଥିବା ଟାଟା ମେମୋରିଆଲ କୋଠା, ପିଏମ ଏକାଡେମୀ ଅଡିଟୋରିଅମ, ତୁଳସୀପୁର ପୁଲିସ ହାଇସ୍କୁଲ ଓ ମାରୱାଡି ହାଇସ୍କୁଲର କେତେକ କୋଠା ଅସୁରକ୍ଷିତ ଥିବା ନେଇ ପୂର୍ତ୍ତ ବିଭାଗ ରିପୋର୍ଟ ଦେଇଛି। ପ୍ରକାଶଥାଉକି ଦୀର୍ଘ ବର୍ଷ ଧରି ମାଳମାଳ ପୁରୁଣା କୋଠା ବିପଦସଂକୁଳ ଅବସ୍ଥାରେ ରହିଛି। ଏହି କୋଠା ଗୁଡିକର ଚିହ୍ନଟ ପ୍ରକ୍ରିୟା ଦୀର୍ଘ ବର୍ଷ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ଏଗୁଡିକୁ ଭାଙ୍ଗିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ। କଟକ ମହାନଗର ନିଗମ ଅଞ୍ଚଳରେ ୱାର୍ଡୱାରୀ ବିପଦସଂକୁଳ କୋଠା ଚିହ୍ନଟ ପାଇଁ ପ୍ରଶାସନିକସ୍ତରରେ କମିଟି ଗଠନ କରାଯାଇଛି। ଯାଞ୍ଚ ଓ ଚିହ୍ନଟ ପରେ ନୋଟିସ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସୂଚନାଥାଉକି ଗତ ୨୦୨୫ ନଭେମ୍ବର୮ ତାରିଖରେ କଟକ ବକ୍ସିବଜାର ହାଡିବନ୍ଧୁସାହୁଛକ ନିକଟରେ ଏକ ଆପାର୍ଟମେଣ୍ଟ ବାଲକୋନି ଭୁଶୁଡି ୩ଜଣଙ୍କ ମୃତ୍ୟୁ ଭଳି ଅଭାବନୀୟ ଘଟଣା ଘଟିଥିବାର ନଜିର ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ହାଇକୋର୍ଟରେ ଦାଖଲ ହୋଇଥିବା ରିପୋର୍ଟ ଅନୁସାରେ ସହରରେ ମୋଟ ୨୨୧ଟି କୋଠା ଅସୁରକ୍ଷିତ ଥିବା ଦର୍ଶାଯାଇଥିଲା। ଯାହା ବିପଦସଂକୁଳ ବୋଲି ଘୋଷଣା ହୋଇଥିବା ସତ୍ତ୍ୱେ ବିଭିନ୍ନ କାରଣରୁ ବର୍ଷ ବର୍ଷ ଏହି କୋଠା ସବୁ ଭଙ୍ଗାଯିବା ସମ୍ଭବ ହୋଇପାରିନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ତରଫରୁ ବିଏନଏସ ଧାରା ୧୫୨ରେ କେତେକ କୋଠା ମାଲିକଙ୍କୁ କେବଳ ନୋଟିସ ଜାରି ହୋଇଥିଲା। ବିଭିନ୍ନ ଅଞ୍ଚଳରେ ରହିଥିବା ବିପଦସଂକୁଳ କୋଠା ମଧ୍ୟରେ ସରକାରୀ କ୍ୱାର୍ଟର, ଅଫିସ, ସ୍କୁଲ, ଅବ୍ୟବହୃତ ଗୋଦାମ ଘର, ଘରୋଇ କୋଠା, ମାର୍କେଟ କମ୍ପେ୍ଲକ୍ସ ଆଦି ରହିଛି।

# ବାରବାଟୀ ଫୁଡ୍ କୋର୍ଟ ବଣ୍ଟନ ନେଇ ବିବାଦ



- ବାରବାଟୀ-କଟକ ବିଧାୟିକା ଏସ୍‌ଓପିର ନକଲ ଚିରିଲେ
- ଉନ୍ନତିମୂଳକ କାମରେ ବାଧା ସୃଷ୍ଟି କରୁଛନ୍ତି ବିଧାୟିକା: ମେୟର

**କଟକ, ୧୭ ।୪(ସମିସ):** ବାରବାଟୀ ଫୁଡ୍ କୋର୍ଟର ଦୋକାନ ବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ। ବର୍ତ୍ତମାନର ଜଟିଳ ଆବେଦନ ନିୟମାବଳୀ(ଏସଓପି) ସ୍ଥାନୀୟ କ୍ଷୁଦ୍ର ବ୍ୟବସାୟୀ ଓ ଯୁବବର୍ଗଙ୍କ ପାଇଁ ପ୍ରତିବନ୍ଧକ ସାଜିଥିବା ନେଇ ସେ ଗୁରୁତର ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ଏସଓପି ପ୍ରଭାବଶାଳୀ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଅଭିଯୋଗ କରିବା ସହ ଏହି ଏସଓପିର ନକଲକୁ ସାମ୍ବାଦିକ ସମ୍ମିଳନୀରେ ଚିରି ଦେଇଥିଲେ। ସିଏମସି କମିସନରଙ୍କୁ ଏକ ପତ୍ର ମଧ୍ୟ ଲେଖି ଫୁଡକୋର୍ଟ ପ୍ରସଙ୍ଗରେ ସ୍ୱଚ୍ଛତା ଆଣିବାକୁ କହିଛନ୍ତି। ଆବେଦନ ସମୟରେ ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସକୁ ବାଧ୍ୟତାମୂଳକ ନ କରି, ଦୋକାନ ବଣ୍ଟନ ପରେ ଏହା ହାସଲ କରିବାକୁ ସୁଯୋଗ ପ୍ରଦାନ, ବଣ୍ଟନ ପ୍ରକ୍ରିୟା ବିଷୟରେ ପ୍ରମୁଖ ଓଡ଼ିଆ ଖବରକାଗଜରେ ବ୍ୟାପକ ପ୍ରଚାର କରାଯିବା ସହ ଏସଓପି ଓ ଆବେଦନ ଫର୍ମକୁ ଓଡ଼ିଆ ଭାଷାରେ ପ୍ରକାଶ କରିବା, ସମସ୍ତ ଆଗ୍ରହୀ ଆବେଦନକାରୀଙ୍କୁ ସୁଯୋଗ ଦେବା ପାଇଁ ଆବେଦନ ସମୟସୀମାକୁ ଅତି କମରେ ୩୦ଦିନ ପର୍ଯ୍ୟନ୍ତ ବୃଦ୍ଧି ଓ ବେକାର ଗ୍ରାଜୁଏଟମାନଙ୍କୁ ଆବେଦନ ପାଇଁ ଯୋଗ୍ୟ ବିବେଚନା କରିବା ସହ ମହିଳା ସଶକ୍ତିକରଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଅତି କମରେ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯାଉ ବୋଲି ସୋଫିଆ ଦାବି କରିଛନ୍ତି। ଫୁଡ୍ କୋର୍ଟ କାର୍ଯ୍ୟକ୍ଷମ ହେବା ପୂର୍ବରୁ ସଠିକ୍ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏବଂ ପ୍ରବେଶ ଓ ପ୍ରସ୍ଥାନ ପଥର ଯୋଜନା ସହ ସ୍ଥାନୀୟ ଲୋକଙ୍କ ଆର୍ଥିକ ଉନ୍ନତି ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ଏହାର ବଣ୍ଟନ ପ୍ରକ୍ରିୟା ଯେପରି ସ୍ୱଚ୍ଛ ଓ ନ୍ୟାୟସଙ୍ଗତ ହେବ, ସେଥିପ୍ରତି ସିଏମସି ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କର୍ପୋରେଟର ଲିଜାରାଣୀ ରାଉତ, ଭାନୁ ସେନାପତି, ସ୍ୱର୍ଣ୍ଣପ୍ରଭା ପଶାୟତ ଏବଂ ବିଧାୟିକାଙ୍କ ପ୍ରତିନିଧି କେଦାର ପୃଷ୍ଟି ଉପସ୍ଥିତ ଥିଲେ। ଏହା ଉପରେ ପ୍ରତିକ୍ରିୟା ରଖି କଟକ ମେୟର ସୁବାସ ସିଂହ କହିଛନ୍ତି ଯେ ଫୁଡ କୋର୍ଟ ଆବଣ୍ଟନ ପ୍ରକ୍ରିୟା ସ୍ୱଚ୍ଛତାର ସହ କରାଯାଉଛି। କଟକର ଉନ୍ନତିକରଣ ଓ ବିକାଶମୂଳକ କାମରେ ବିଧାୟିକା ବାଧା ଦେଉଛନ୍ତି। ପ୍ରତିଦିନ ସେ କିଭଳି ସିଏମସି ବିରୋଧରେ କହିବେ ତାହା ଚିନ୍ତା କରୁଛନ୍ତି। ସେ ଓ ତାଙ୍କ ପରିବାର ଦୁର୍ନୀତିରେ ବୁଡି ରହିଥିବା ବେଳେ ଦୁର୍ନୀତି ବିଷୟରେ ସେ କଣ କହିବେ ବୋଲି ମେୟର ଶ୍ରୀ ସିଂହ କହିଛନ୍ତି।

## କମ ସମୟରେ ଉତ୍ତମ ତଦନ୍ତ ପାଇଁ ତ୍ୱରିତ ନ୍ୟାୟ

# ୬୮ ପୁଲିସ ଅଧିକାରୀ ଓ ସରକାରୀ ଓକିଲ ସମ୍ବର୍ଦ୍ଧିତ

**କଟକ, ୧୭ ।୪(ସମିସ):** ଗତ ୨୦୨୪ ଜୁଲାଇ ୧ରୁ ନୂତନ ଆଇନ ଭାରତୀୟ ନାଗରିକ ନ୍ୟାୟ ସଂହିତା ଲାଗୁ ହେବା ପରେ ଅପରାଧ ଅନୁସନ୍ଧାନର ସଫଳତା ଉପରେ ଡିଜିପି ଗୁରୁତ୍ୱ ପ୍ରଦାନ କରିଆସୁଛନ୍ତି। ନୂତନ ଆଇନର ସଫଳ ରୂପାୟନ ଓ ପ୍ରୟୋଗ ଆଧାରରେ ଓଡ଼ିଶା ପୁଲିସ ରାଜ୍ୟରେ ଦଣ୍ଡବିଧାନ ହାରରେ ଅଭୂତପୂର୍ବ ସଫଳତା ଆଣି ପାରିଛି। ଏହି ସଫଳତାକୁ ସମ୍ମାନ ଜଣାଇ ଆଜି କଟକ ପୁଲିସ ମୁଖ୍ୟାଳୟସ୍ଥିତ ଆର.କେ. ପାଢ଼ୀ ମେମୋରିଆଲ ହଲ ଠାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଏଥିରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୋଟ ୬୮ ଜଣ ପୁଲିସ ଅଧିକାରୀ ଓ ସରକାରୀ ଓକିଲଙ୍କୁ ସମ୍ମାନିତ କରିଛନ୍ତି। ଏଥି ମଧ୍ୟରେ ୧୦ଜଣ ଏସପି, ୧୫ ଜଣ ତଦାରଖ ଅଧିକାରୀ, ୧୭ଜଣ ସରକାରୀ ଓକିଲ ଓ ୨୬ଜଣ ତଦନ୍ତକକାରୀ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ଉତ୍ତମ ତଦନ୍ତ ପାଇଁ ତଦନ୍ତକାରୀ



ଅଧିକାରୀମାନଙ୍କୁ ନଗଦ ୫ ହଜାର ଟଙ୍କା ସହ ପ୍ରଶଂସାପତ୍ର ପ୍ରଦାନ କରିଥିବା ବେଳେ ଏସପି, ତଦାରଖକାରୀ ଅଧିକାରୀ ଏବଂ ସରକାରୀ ଓକିଲଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି।

କାର୍ଯ୍ୟକ୍ରମରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଆରକ୍ଷୀ ମହା ନିରୀକ୍ଷକ ଡଃ ସାର୍ଥକ ଷଡ଼ଙ୍ଗୀ(ଦଣ୍ଡବିଧି ତଦନ୍ତ ବିଭାଗ, ଅପରାଧ ଶାଖା)ଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପୁଲିସ ପକ୍ଷରୁ ତ୍ୱରିତ ତଦନ୍ତ ଓ ଚାର୍ଜସିଟ ଦାଖଲ ପରେ ଭୁବନେଶ୍ୱର ସହରାଞ୍ଚଳ ଅନ୍ତର୍ଗତ ଚନ୍ଦକା ଥାନାର ପୋକସୋ ଆଇନ ଅନୁସାରେ ପଞ୍ଜୀକୃତ ମାମଲାର ୩୭ ଦିନରେ ତ୍ୱରିତ ବିଚାର କରାଯାଇ ଦୋଷୀ ପୀଡ଼ିତାକୁ ନ୍ୟାୟ ପ୍ରଦାନ କରାଯାଇଛି। ସେହିଭଳି କଟକ ବାରଙ୍ଗ ଥାନା ମାମଲାରେ ୮୮ ଦିନରେ, ଲିଙ୍ଗରାଜ ଥାନାର ମାମଲାରେ ୮୯ ଦିନ ମଧ୍ୟରେ, ମୟୂରଭଞ୍ଜ ଉଦଳା ଥାନାରେ ପଞ୍ଜୀକୃତ ଏକ ଗଣଦୁଷ୍କର୍ମ ମାମଲାରେ ୧୪୯ ଦିନରେ ମାମଲାର ତ୍ୱରିତ ବିଚାର କରାଯାଇ ଦୋଷୀକୁ ଦଣ୍ଡିତ କରାଯାଇଛି। ମୟୂରଭଞ୍ଜ ଶରତ ଥାନା ମାମଲାରେ ୧୫୩ ଦିନରେ, କଟକ ନିଆଳି ଥାନା ମାମଲାରେ ୧୫୪ ଦିନରେ ତ୍ୱରିତ ବିଚାର କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ତା.୦୧.୦୭.୨୦୨୪ ରୁ ତା.୩୧.୧୨.୨୦୨୫ ମଧ୍ୟରେ ନୂତନ ଆଇନ ବଳରେ, ଯେଉଁଥିରେ ଅଭିଯୁକ୍ତଙ୍କୁ ୭ବର୍ଷରୁ ଅଧିକ କାରାଦଣ୍ଡ ମିଳିଛି, ସେଥିମଧ୍ୟରୁ ୨୭ଟି ସମ୍ବେଦନଶୀଳ ମାମଲାରେ ତଦନ୍ତକାରୀ ଦଳକୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଛି ।

# ୧୯ରେ ରଜନୀକାନ୍ତ ନାୟକ ସଙ୍ଗୀତ ସନ୍ଧ୍ୟା

**କଟକ, ୧୭।୪(ସମିସ):** ସହିଦ ଭବନରେ ଗୀତିକାର ରଜନୀକାନ୍ତ ନାୟକଙ୍କ ସଙ୍ଗୀତ ସନ୍ଧ୍ୟା ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଏମ୍‌ସି ମେୟର ସୁବାଷ ଚନ୍ଦ୍ର ସିଂ, ସମ୍ମାନିତ ଅତିଥିଭାବେ ବାରବାଟୀ କଟକ ବିଧାୟିକା ଙ୍କ ସୋଫିଆ ଫିର୍ଦ୍ଦୋଶ ଏବଂ ବରେଣ୍ୟ ଅତିଥିଭାବେ ଡ. ନିରଞ୍ଜନ ତ୍ରିପାଠୀ, ମୋନାଲିସା ଦାସ ଏବଂ ବିଜେପି ନେତା ଶ୍ରୀତମ ଦାସ ଯୋଗଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ସନ୍ଧ୍ୟାରେ ଶେଖର ଘୋଷ, ସୁଭାଷ ଦାସ, ଦେବାଶିଷ ମହାପାତ୍ର, ମହମ୍ମଦ ଆବିଦ୍, କୁମାର ବାପି ପ୍ରମୁଖ କଣ୍ଠଶିଳ୍ପୀମାନେ ଯୋଗଦାନ କରି





ରଜନୀକାନ୍ତ ନାୟକଙ୍କ ଲିଖିତ ଗୀତ ଗୁଡ଼ିକୁ ପରିବେଷଣ କରିବେ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ପରେଶନାଥ ଦାସ ସୂଚନା ଦେଇଛନ୍ତି। ଏଥିରେ ରଜନୀକାନ୍ତ ନାୟକ, ଜୟଶ୍ରୀ ନାୟକ, ଗୀତା ନାୟକ, ପରେଶନାଥ ଦାସ ସମ୍ପାଦକ, ମହମ୍ମଦ ଆବିଦ, ଅଶୋକ ବିଶ୍ୱାସ, ପ୍ରଦୀପ ଜେଠୀ, ପ୍ରଶାନ୍ତ ପରିଡ଼ା, ବିଚିତ୍ରା ନନ୍ଦ ମହାପାତ୍ର, ସନାତନ ଦାସ, ପ୍ରଫୁଲ୍ଲ ସାହୁ, ତିରୁପତି ବକ୍ସି ସୁବାସ ଦାସ, ଗଙ୍ଗାଧର ସାହୁ ଏବଂ ରାମ ଗୋପାଲ ଅଗରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରିମ୍‌ସରେ ଓଡ଼ିଆ ପକ୍ଷ ଉଦ୍‌ଯାପିତ



**କଟକ, ୧୭।୪(ସମିସ):** ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଓଡିଆ ପକ୍ଷ ପାଳିତ ହୋଇଯାଇଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ଛାତ୍ରୀମାନେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଓଡ଼ିଶାର ଗୌରବମୟ ଐତିହ୍ୟ, ପରମ୍ପରା ଓ ଅସ୍ମିତା ଉପରେ ଆଲୋକପାତ କରି ଛାତ୍ରଛାତ୍ରୀସମୃଦ୍ଧ ଓଡ଼ିଶା ନିର୍ମାଣରେ ବ୍ରତୀ ହେବାକୁ ଦିଗ୍‌ଦର୍ଶନ ଦେଇଥିଲେ। ମୁଖ୍ୟଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଯୋଗଦେଇଥିଲେ। ସ୍ୱରଚିତ କବିତା ପାଠୋତ୍ସବରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ଦିଲ୍ଲୀପ ମଲ୍ଲିକ ଉତ୍ସବରେ ପୌରୋହିତ୍ୟ କରିଥିଲାବେଳେ ଉପାଧ୍ୟକ୍ଷ ଡ. ଅଜିତ ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଦେଇଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଯାତ୍ରୀ ପରିବହନ ଆଳରେ ନିଶା ଚାଲାଣ

# ୧୪ ଲକ୍ଷର ବ୍ରାଉନ୍‌ସୁଗର ଜବତ; ଅଟୋ ଚାଳକ ଗିରଫ

**କଟକ, ୧୭ ।୪(ସମିସ):** ନିଶାଦ୍ରବ୍ୟ ଚାଲାଣ ବେଳେ ଜଣେ ବେପାରୀ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ହାତରେ ଧରାପଡ଼ିଛି। ଅଭିଯୁକ୍ତ ହେଉଛି ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଭୁଇଁପୁର ଗାଁର ରାଜେଶ ସାହୁ (୨୯)। ତା' ପାଖରୁ ୧୦୭ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି। ଶୁକ୍ରବାର ଅଭିଯୁକ୍ତ ରାଜେଶ ନିଶାଦ୍ରବ୍ୟ ଧରି ଏକ ପାସେଞ୍ଜର ଅଟୋରେ କଟକ ଅଭିମୁଖେ ଆସୁଥିଲା। ଏହି ସୂଚନା ପାଇବା ମାତ୍ରେ ଫ୍ଲାଇଂ ସ୍କ୍ୱାଡ ତାର ପିଛା କରିଥିଲା। ଶେଷରେ ରାଜପଥର କଟକ ମଧୁପାଟଣା ଥାନା ନିକଟ ସମ୍ରାଟ ସିନେମା ହଲ ସମ୍ମୁଖରେ ଅଭିଯୁକ୍ତର ଅଟୋକୁ ଚିହ୍ନଟ କରିଥିଲା। ସେଠାରେ ତଲାସି ବେଳେ ଗାଡି ଭିତରୁ ଏକ ଜରି ପୁଡିଆ ମିଳିଥିଲା। ସେଥିରେ ୧୦୭ ଗ୍ରାମର ବ୍ରାଉନସୁଗର ରହିଥିଲା। ଯାହାର ବଜାର ମୂଲ୍ୟ ପ୍ରାୟ ୧୪ ଲକ୍ଷ ୨୦ ହଜାର ଟଙ୍କା ହେବ। ଏହା ପରେ ନିଶାଦ୍ରବ୍ୟ ଓ ଚାଲାଣରେ ବ୍ୟବହୃତ ଅଟୋ ସହିତ ଅଭିଯୁକ୍ତ ରାଜେଶକୁ ଗିରଫ କରାଯାଇଥିଲା। ସେ ଯାତ୍ରୀ ପରିବହନ ସହିତ ନିଶାଦ୍ରବ୍ୟ ଚାଲାଣ କରୁଥିବା ଜଣାପଡ଼ିଛି। ଦୀର୍ଘ ଦିନ ହେବ ସେ ଏଭଳି କାରବାରରେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତକୁ କୋର୍ଟଚାଲାଣ ପରେ ଜେଲ ପଠାଇ ଦିଆଯାଇଛି।

# ମହାନଦୀରେ ବୁଡ଼ିଯାଉଥିବା ବୃଦ୍ଧା ଉଦ୍ଧାର

**କଟକ, ୧୭।୪(ସମିସ):** ମହାନଦୀରେ ବୁଡ଼ି ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଜଣେ ବୃଦ୍ଧା। ବିଡ଼ାନାସୀ ଥାନା ଅନ୍ତର୍ଗତ ଦେଉଳସାହି ଧୋବାସାହିର ପ୍ରମିଳା ସେଠୀ (୬୫) ଆଜି ସକାଳ ପ୍ରାୟ ୯ଟା ସମୟରେ ଚହଟା ଘାଟ ନିକଟସ୍ଥ ଶନି ମନ୍ଦିର ପଛପଟେ ଗାଧୋଉଥିଲେ। ଗାଧୋଇବା ସମୟରେ ସେ ଅସାବଧାନତା ବଶତଃ ଗଭୀର ଜଳ ମଧ୍ୟକୁ ଚାଲିଯାଇଥିଲେ। ସଙ୍କଟଜନକ ସ୍ଥିତିରେ ମଧ୍ୟ ପ୍ରମିଳା ଧୈର୍ଯ୍ୟହରା ନ ହୋଇ ପାଣି ଉପରକୁ ହାତ ହଲାଇ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତୁରନ୍ତ ୧୧୨ ନମ୍ବରକୁ ସୂଚନା ଦେଇଥିଲେ। ଖବର ପାଇ ବିଡ଼ାନାସୀ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରବର ଟ୍ୟୁବ୍ ସାହାଯ୍ୟରେ ନଦୀ ଭିତରକୁ ପଶି ବୃଦ୍ଧାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। କୂଳକୁ ଅଣାଯିବା ପରେ ତାଙ୍କ ପେଟରୁ ପାଣି ବାହାର କରାଯାଇଥିଲା ଏବଂ ତତ୍କାଳ ଆମ୍ବୁଲାନ୍ସ ଯୋଗେ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ଚିକିତ୍ସା ପରେ ସେ ସୁସ୍ଥ ଥିବା ନେଇ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ ବଳ ଓ ବିଡ଼ାନାସୀ ଥାନା ଅଧିକାରୀ ଅସିତ କୁମାର ବଳବନ୍ତରାୟ ସୂଚନା ଦେଇଛନ୍ତି। ଅଗ୍ନିଶମ ବାହିନୀର ଏହି ସାହସିକ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଉଚ୍ଚ ପ୍ରଶଂସା କରାଯାଉଛି।

## 'ଝଡ଼ର ଇଗଲ'ଙ୍କୁ ସ୍ମରଣ କଲା କଟକ

# ଓଡ଼ିଆଙ୍କ ମନ, ପ୍ରାଣ ଓ ଚେତନାରେ ବିଜୁ ବାବୁ





**କଟକ, ୧୭।୪(ସମିସ)**

ଆଧୁନିକ ଓଡ଼ିଶାର ନିର୍ମାତା ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମଧୁପାଟଣାସ୍ଥିତ ପ୍ରମିଳା ମଣ୍ଡପ ପଡ଼ିଆରେ ଅନୁଷ୍ଠିତ ଏକ ବିଶାଳ ସ୍ମୃତି ସଭାରେ ବରିଷ୍ଠ ନେତୃବୃନ୍ଦ ଯୋଗଦେଇ ବିଜୁ ବାବୁଙ୍କୁ ଓଡ଼ିଶାର ଭାବନା ଓ ସମ୍ଭାବନାର ପ୍ରତୀକ ଭାବେ ଅଭିହିତ କରିଛନ୍ତି। ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଲେ ଯେ, ଯେପରି କଲମ୍ବସ ଆମେରିକାକୁ ଆବିଷ୍କାର କରିଥିଲେ, ସେହିପରି ବିଜୁ ବାବୁ ଚୌଦ୍ୱାରକୁ ବିଶ୍ୱ ଶିଳ୍ପ ମାନଚିତ୍ରକୁ ଆଣିଥିଲେ। ସେ କେବଳ ଜଣେ ଜନନେତା ନ ଥିଲେ, ବରଂ ପ୍ରତ୍ୟେକ ଓଡ଼ିଆଙ୍କ ମନ ଓ ଚେତନାରେ ବାସ କରୁଥିବା ଏକ ବିପ୍ଳବୀ ପୁରୁଷ ଥିଲେ। ତାଙ୍କର ସାହସିକତା ଆଜି ବି ଓଡ଼ିଶାବାସୀଙ୍କ ପାଇଁ ପ୍ରେରଣାର ଉତ୍ସ। ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ବିଜୁ ବାବୁଙ୍କ ଦୂରଦର୍ଶିତା ଉପରେ ଆଲୋକପାତ କରି କହିଥିଲେ ଯେ, ପାରାଦୀପ ବନ୍ଦର ପ୍ରତିଷ୍ଠା ଓ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କୁ ସଂରକ୍ଷଣ ଦେବାରେ ସେ ଦେଶରେ ପଥପ୍ରଦର୍ଶକ ଥିଲେ। 'ଓଡ଼ିଶାର ସ୍ୱାର୍ଥ ପାଇଁ ଆଇନ ଅମାନ୍ୟ କରିବାକୁ ପଡ଼ିଲେ କର'- ବିଜୁ ବାବୁଙ୍କ ଏହି ଉକ୍ତି ତାଙ୍କର ଦୃଢ଼ ସଂକଳ୍ପକୁ ଦର୍ଶାଏ ବୋଲି ସେ ପ୍ରକାଶ କରିଥିଲେ। ପ୍ରତ୍ୟୁଷରୁ ପ୍ରଥମେ ଯୋବ୍ରା ଆନିକଟ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ଜଗତପୁର ମହାନଦୀ ଘାଟରେ ତିଳତର୍ପଣ କରାଯାଇଥିଲା। ଏହା ପରେ ଏକ ବିରାଟ ମୋଟର ସାଇକଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଅବସରରେ ବଡ଼ ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ସଭାପତିତ୍ୱ ଓ ପ୍ରଦୀପ୍ତ ଖୁଣ୍ଟିଆଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ମେୟର ସୁବାସ ସିଂହ, ଡେପୁଟି ମେୟର ଦମୟନ୍ତୀ ମାଝୀ, ବରିଷ୍ଠ ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲ, ଅନିତା ବେହେରା, ଶିଶିର ପରିଡ଼ା, ପ୍ରଜ୍ଞା ବେଉରା, ଚିରଞ୍ଜୟ ସାହୁ, ନନ୍ଦଲାଲ ସିଂହ, ନିଶିଥ କରଣ, ଦେବେନ୍ଦ୍ର କାହାଳୀ, ପ୍ରମିଳା ମହାନ୍ତି ଏବଂ ହଜାର ହଜାର କର୍ମୀ ଉପସ୍ଥିତ ରହି ଦଳ ପ୍ରତି ବିଶ୍ୱାସଘାତକତା କରିଥିବା ନେତାଙ୍କୁ ଆଗାମୀ ଦିନରେ ଜବାବ ଦେବାକୁ ବଜ୍ର ଶପଥ ଗ୍ରହଣ କରିଥିଲେ।

**ଚୌଦ୍ୱାର-କଟକରେ ପ୍ରବାଦ ପୁରୁଷଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ**

## ବାରବାଟୀ-କଟକରେ ବିଜୁ ବାବୁଙ୍କ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମ

କଟକ - ଓଡ଼ିଶା ବିକାଶର ଅନନ୍ୟ ସ୍ଥପତି ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଅବସରରେ ବାରବାଟୀ-କଟକ ବିଜୁ ଜନତା ଦଳ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଜେଡି କୋଷାଧ୍ୟକ୍ଷ ସୁବାସ ସିଂହଙ୍କ ନେତୃତ୍ୱରେ କଟକର ଐତିହାସିକ ଗଡ଼ଗଡ଼ିଆ ଘାଟଠାରେ ବିଜୁ ବାବୁଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ତିଳ ତର୍ପଣ କରାଯିବା ସହ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତି ସଭାରେ ବିଜୁ ବାବୁଙ୍କର ଓଡ଼ିଶା ତଥା ଭାରତ, ରୁଷ ଏବଂ ଇଣ୍ଡୋନେସିଆ ପ୍ରତି ଥିବା ଅବିସ୍ମରଣୀୟ ଅବଦାନ ସମ୍ପର୍କରେ ନେତୃବୃନ୍ଦ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀ ସିଂହ କହିଥିଲେ ଯେ, ବିଜୁ ବାବୁଙ୍କ



ମହାନତା ଏଭଳି ଥିଲା ଯେ ତାଙ୍କ ମୃତ୍ୟୁ ସମୟରେ ପାର୍ଥିବ ଶରୀର ଉପରେ ଭାରତ ସମେତ ରୁଷ ଓ ଇଣ୍ଡୋନେସିଆର ଜାତୀୟ ପତାକା ଶୋଭା ପାଉଥିଲା, ଯାହା ବିଶ୍ୱ ଦରବାରରେ ତାଙ୍କର ସ୍ୱତନ୍ତ୍ର ପରିଚୟକୁ ସୂଚାଉଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଶଶି ଭୂଷଣ ବେହେରା, ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ବିଜୁ ମହିଳା ଜନତା ଦଳ ଜିଲ୍ଲା ସଭାପତି ଅନିତା ବେହେରା ଏବଂ ବରିଷ୍ଠ ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲଙ୍କ ସମେତ ବହୁ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ପ୍ରଦୀପ ରାଉତ, ଇତିଶ୍ରୀ ଦାସ, ପୁଷ୍ପିତା ମହାନ୍ତି ଏବଂ ବହୁ ଯୁବ ଓ ମହିଳା କର୍ମକର୍ତ୍ତା ଯୋଗଦେଇ ପ୍ରବାଦ ପୁରୁଷଙ୍କ ସ୍ମୃତି ଚାରଣ କରିଥିଲେ। ସମସ୍ତ କର୍ମକର୍ତ୍ତା ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ପ୍ରକାଶଥାଉ କି, ବିଜୁ ବାବୁଙ୍କ ଜନ୍ମଭୂମି ଆନନ୍ଦ ଭବନରେ ବହୁ ବିଜେଡି ନେତା ଓ କର୍ମୀ ପହଞ୍ଚି ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିଭଳି ବିଜୁ ପଟ୍ଟନାୟକ ଛକ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ଜିଲ୍ଲା ପ୍ରଶାସନ

ମହାନ ଜନନେତା ତଥା ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଆଜି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ସହରର ବିଭିନ୍ନ ସ୍ଥାନରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କର ସ୍ମୃତିଚାରଣ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହାନ୍ତ ପ୍ରଥମେ ବିଜୁ ପଟ୍ଟନାୟକ ଛକ ଏବଂ ପରେ ଯୋବ୍ରାସ୍ଥିତ ପ୍ରବାଦ ପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହା ପରେ ସେ ବିଜୁ ବାବୁଙ୍କ ବାସଭବନ ତଥା ସଂଗ୍ରହାଳୟ 'ଆନନ୍ଦ ଭବନ' ଯାଇ ସେଠାରେ ଥିବା ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ କେନ୍ଦ୍ରାଞ୍ଚଳ ଉପ-ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦୀପ୍ତି ଚୌଧୁରୀ ଏବଂ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ଓଡ଼ିଶାର ବିକାଶ କ୍ଷେତ୍ରରେ ବିଜୁ ବାବୁଙ୍କ ଯୁଗାନ୍ତକାରୀ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।



ସକାଳ
THE SAKALA



# ରଣ ବୋଝ! ଯୁବକଙ୍କ ଆତ୍ମହତ୍ୟା

**● ମୃତଦେହ ଦେଖି ଫେରିଗଲେ କମ୍ପାନୀ ଏଜେଣ୍ଟ**

**ଟାଙ୍ଗୀ, ୧୭ ।୪(ସମିସ):** ଗୁରୁବାର ରାତିରେ ଟାଙ୍ଗୀ ଥାନା ହରିଅନ୍ତା ପଞ୍ଚାୟତ ତରତ ଗଡ଼ାରେ ବାସ କରୁଥିବା ସର୍ବେଶ୍ୱର ବେହେରା (୨୫) ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜାଣିବାକୁ ମିଳିଛି । ଟାଙ୍ଗୀ ପୁଲିସ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପୂର୍ବକ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଅବିବାହିତ ଥିବା ମୃତ ସର୍ବେଶ୍ୱର ରଣ କରି ଏକ ଅଟୋ କିଣିଥିଲେ । କିସ୍ତି ଫେଲ୍ ଯୋଗୁଁ ଫାଇନାନ୍ସ କମ୍ପାନୀ ଚାପରେ ରହିଥିଲେ । ଏପରିକି କମ୍ପାନୀ ଏଜେଣ୍ଟ ବକେୟା ଆଦାୟ ଲାଗି ଶୁକ୍ରବାର ସକାଳୁ ପହଞ୍ଚିବା ଓ ମୃତଦେହ ଦେଖି ଫେରିବା ସାଧାରଣରେ ଚର୍ଚ୍ଚାକୁ ଆସିଛି ।

# ବିଧାୟକଙ୍କ ଜୋନ୍‌ସ୍ତରୀୟ ଜନଶୁଣାଣି

**କିଶନନଗର, ୧୭।୪(ସମିସ):** କଟକ ସଦର ଅନ୍ତର୍ଗତ କିଶନନଗର ତହସିଲରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ପକ୍ଷରୁ ଅନୁଷ୍ଠିତ ୭ ନମ୍ବର ଜିଲ୍ଲା ପରିଷଦ ଜୋନର ୮ଟି ପଞ୍ଚାୟତର ଜନ ଅଭିଯୋଗ ଶୁଣାଣୀ ହୋଇଯାଇଛି । ଏଥିରେ ମାତ୍ର ୩୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଗୁଡ଼ିକର ତ୍ୱରିତ ସମାଧାନ ପାଇଁ ବିଧାୟକ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ସୁପାରିଶ କରିଥିଲେ । ଏଥିରେ ସଦର ବିଡିଓ ପ୍ରତିକ ସାହୁ ଯୋଗଦେଇଥିବା ବେଳେ ଶିବିର ପରିଚାଳନାରେ ତହସିଲଦାର କ୍ଷୀରୋଦ ଦାଶ, ଅତିରିକ୍ତ ତହସିଲଦାର ଜ୍ୟୋତି ରଞ୍ଜନ ବେହେରାଙ୍କ ସମେତ ତହସିଲର ସମସ୍ତ ଅଧିକାରୀ ଓ କର୍ମଚାରୀ ସହାୟତା କରିଥିଲେ ।

# ବେଆଇନ ଗର୍ଭପାତ; ନକଲି ଡାକ୍ତର ଗିରଫ

**● ଲକ୍ଷାଧିକ ଟଙ୍କାର ମେସିନାରୀ ସାମଗ୍ରୀ ଜବତ**

**ବଡମ୍ବା, ୧୭।୪(ସମିସ):** ବଡମ୍ବା ଥାନା ଅଧୀନ କୋଲେଶ୍ୱର ଗ୍ରାମ ପଞ୍ଚାୟତର ସୁନାପାଳ ବଜାର ଉପରେ ଥିବା ଏକ ବେଆଇନ କ୍ଲିନିକ୍‌ରେ ଗର୍ଭପାତ ଚାଲିଥିବାର ଖବର ପାଇ ବଡମ୍ବା ପୁଲିସ ଚଢଉ କରି କାର୍ଯ୍ୟରତ ନକଲି ଡାକ୍ତର ଜୟନ୍ତ ବସ୍ତିଆଙ୍କୁ ଗୁରୁବାର ଗିରଫ କରାଯାଇଛି ।



ଗିରଫ ନକଲି ଡାକ୍ତର ଶ୍ରୀ ବସ୍ତିଆଙ୍କ ଘର କାନପୁର ଥାନା ଅଧୀନ ରିସିପଡ଼ା ଗ୍ରାମପଞ୍ଚାୟତ ହରିପୁର ଗ୍ରାମରେ ବୋଲି ସୂଚନା ମିଳିଛି । ସେ ସୁନାପାଳ ଛକ ଉପରେ ଦୀର୍ଘ ୧୫ ବର୍ଷ ହେବ ଘର କରି ସେଠାରେ ବେଆଇନ ଗର୍ଭପାତ କରୁଥିଲେ । ଦୀର୍ଘ ବର୍ଷ ପରେ କୌଣସି ସୂତ୍ରରୁ ଖବର ପାଇ ବଡମ୍ବା ପୁଲିସ ଗର୍ଭପାତ କରୁଥିବା ବାସଭବନରେ ମହିଳା ପୁଲିସଙ୍କୁ ପଠାଇ ଗୁପ୍ତରେ ତଦନ୍ତ କରିଥିଲେ । ତଦନ୍ତ ସମୟରେ ବେଆଇନ ଗର୍ଭପାତ ହେଉଥିବାର ଦେଖି ବଡମ୍ବା ଥାନା ଆଇଆଇସି ପରମାନନ୍ଦ ନାୟକ, ବଡମ୍ବା ଡାକ୍ତରଖାନାର ଡାକ୍ତର ଦୋଳଗୋବିନ୍ଦ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଗର୍ଭପାତ ହେଉଥିବା ମହିଳାଙ୍କୁ ଉଦ୍ଧାର କରିଥିଲେ । ଅଭିଯୁକ୍ତ ଡାକ୍ତର ଜଣେ ହୋମିଓପାଥି ଡାକ୍ତର ବୋଲି ଜଣାପଡ଼ିଛି ଏବଂ ଅଭିଯୁକ୍ତ ନକଲି ଡାକ୍ତରଙ୍କ ସରଞ୍ଜାମ ଔଷଧ ମେସିନାରୀ ସବୁକୁ ବଡମ୍ବା ପୁଲିସ ଜବତ କରିଛି । ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

**କୁମ୍ଭକର୍ଣ୍ଣ ନିଦ୍ରାରେ ଦେବୋତ୍ତର ବିଭାଗ**

# ମାସାଧିକ ଧରି ଅନ୍ଧାରରେ ବାବା ସିଂହନାଥଙ୍କ ପୀଠ

**ବଡ଼ମ୍ବା, ୧୭।୪(ସମିସ)**



**● ବିଶ୍ୱପ୍ରସିଦ୍ଧ ଟି-ସେତୁ ଓ ମନ୍ଦିର ପରିସର ଅନ୍ଧାର**
**● ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ**
**● ବିଧାୟକଙ୍କ ନିରବତାକୁ ନେଇ ପ୍ରଶ୍ନବାଚୀ**

କଟକ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ତଥା ଐତିହାସିକ ଶୈବପୀଠ ବାବା ସିଂହନାଥଙ୍କ ମନ୍ଦିର ଆଜକୁ ପ୍ରାୟ ଏକ ମାସ ହେବ ଅନ୍ଧାରରେ ରହିଛି । ବିଦ୍ୟୁତ ବିଭାଗ ଓ ବଡ଼ମ୍ବା ଦେବୋତ୍ତର ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଏବଂ ପ୍ରଶାସନିକ ଉଦାସୀନତା ଯୋଗୁଁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପୀଠକୁ ଆଲୋକିତ କରିବାରେ ବଡ଼ମ୍ବା ବ୍ଲକ ପ୍ରଶାସନ ଓ ଦେବୋତ୍ତର ବିଭାଗର 'କୁମ୍ଭକର୍ଣ୍ଣ' ନିଦ୍ରା ଏବେ ସାଧାରଣରେ ତୀବ୍ର ସମାଲୋଚନାର ଶିକାର ହୋଇଛି । ମହାନଦୀ ବକ୍ଷରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଓଡ଼ିଶାର ସର୍ବବୃହତ୍ତମ ଟି-ସେତୁ ଏବଂ ସିଂହନାଥ ପୀଠ ଏବେ ସନ୍ଧ୍ୟା ହେଲେ ଅନ୍ଧକାରରେ ବୁଡ଼ି ରହୁଛି । ପୂର୍ବ ସରକାରଙ୍କ ସମୟରେ ପୋଲ ଓ ମନ୍ଦିରର ଆଲୋକୀକରଣ ପାଇଁ ବ୍ୟାପକ ଅନୁଦାନ ଖର୍ଚ୍ଚ ହୋଇଥିଲେ ହେଁ, ରକ୍ଷଣାବେକ୍ଷଣ ଅଭାବରୁ ସେତୁ ଉପରେ ଲାଗିଥିବା ଅଧିକାଂଶ ସୋଲାର ଲାଇଟ୍ ଏବେ ଅଚଳ ହୋଇପଡ଼ିଛି । ବିଦ୍ୟୁତ ଦେୟ ପୈଠ ନ ହେବା କାରଣରୁ ପୂର୍ବରୁ ମଧ୍ୟ ବିଦ୍ୟୁତ କାଟ କରାଯାଇଥିଲା, ଯାହାକୁ ନେଇ ସେବାୟତମାନେ ବାରମ୍ବାର ଅଭିଯୋଗ କରିଆସୁଛନ୍ତି । ପୀଠର ଏହି ଦୟନୀୟ ଅବସ୍ଥା ସମ୍ପର୍କରେ ସେବାୟତମାନେ ବଡ଼ମ୍ବା ବିଧାୟକ ବିଜୟ ଦଳବେହେରାଙ୍କୁ ବାରମ୍ବାର ଅବଗତ କରାଇଥିଲେ । ପୂର୍ବରୁ ବିଧାୟକଙ୍କ ହସ୍ତକ୍ଷେପ ପରେ ବିଦ୍ୟୁତ ସଂଯୋଗ ହୋଇଥିଲେ ହେଁ, ଏବେ ମାସେ ଧରି ସମସ୍ୟା ଲାଗି ରହିଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ । ରାଜ୍ୟରେ ବିଜେପିର 'ଡବଲ ଇଞ୍ଜିନ' ସରକାର ଶାସନ ଗାଡ଼ିରେ ଥିବା ବେଳେ ଏକ ଗୁରୁତ୍ୱପୂର୍ଣ୍ଣ ଶୈବପୀଠ ଏଭଳି ଅବହେଳିତ ହୋଇ ପଡ଼ିରହିବା ସ୍ଥାନୀୟ ଜନସାଧାରଣଙ୍କୁ ବ୍ୟଥିତ କରିଛି । ବଡ଼ମ୍ବା ତହସିଲଦାର ତଥା ଦେବୋତ୍ତର ଅଧିକାରୀଙ୍କୁ ସେବାୟତମାନେ ଜଣାଇଥିଲେ ମଧ୍ୟ ବିଭାଗୀୟସ୍ତରରେ କୌଣସି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ସିଂହନାଥ ପୀଠ ଓ ଟି-ସେତୁ କେବଳ ଏକ ଧାର୍ମିକ ସ୍ଥଳ ନୁହେଁ, ବରଂ ଏହା ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର । ଅନ୍ଧାର ଯୋଗୁଁ ସନ୍ଧ୍ୟା ପରେ ପୀଠକୁ ଯାଉଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ଅସୁରକ୍ଷିତ ମଣୁଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ବିଦ୍ୟୁତ ସଂଯୋଗ ସ୍ୱାଭାବିକ କରିବାକୁ ଦୃଢ଼ ଦାବି ହୋଇଛି ।

# ଚୌଦ୍ୱାରରେ ଦୁଧୁ ଘାଟ ପାଣିଘାଟ ଯାତ୍ରା ଉଦ୍‌ଯାପିତ

**ଚୌଦ୍ୱାର, ୧୭।୪(ସମିସ):** ଚୌଦ୍ୱାର ପୌରପାଳିକା ୩ନଂ ୱାର୍ଡ ଅନ୍ତର୍ଗତ ମଙ୍ଗଳାସାହିସ୍ଥିତ ମଙ୍ଗଳା ମନ୍ଦିରରେ ଦୁଧୁଘାଟ ପାଣିଘାଟ ଯାତ୍ରା ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି । ଆଜକୁ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ଯାତ୍ରାରେ ସାରା ଦିନ ବ୍ୟାପି ମା'ଙ୍କ ନୀତିକାନ୍ତିରେ ପୂଜାର୍ଚ୍ଚନା ସମ୍ପନ୍ନ ହେବା ସହିତ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶିଶୁମାନଙ୍କ ଦ୍ୱାରା ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ଚିତାକର୍ଷକ ହୋଇଥିଲା । ଭଗବାନ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାଉନସିଲର ଆଶୁତୋଷ ଦାସ, ଭାସ୍କର ଚନ୍ଦ୍ର ପ୍ରଧାନ, ଭାଜପାର ସନ୍ତୋଷ ସାହୁ, କିରଣବାଳା ନାୟକ ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଲୋଚନ ସାହୁ, ବିଜୟ ସେଠୀ, ବିଶ୍ୱନାଥ ସାହୁ, ଅଲେଖ



ଚନ୍ଦ୍ର ସାହୁ, ଦିଲ୍ଲୀପ ସାହୁ, ଗଗନ ବେହେରାଙ୍କ ସମେତ ସାହିର ସମସ୍ତ ଯୁବକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କମଙ୍ଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

**ଟାଙ୍ଗୀ, ୧୭।୪(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ କମଙ୍ଗ ଗ୍ରାମସ୍ଥ ବାବା ପରମେଶ୍ୱର ୟୁଥ୍ କ୍ଲବ୍ ଆନୁକୂଲ୍ୟରେ



ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଟିମ୍ କ୍ୟାପଟେନ୍ ସୌମ୍ୟରଞ୍ଜନ ପଲେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୁବ ସଂଗଠକ ବିଷ୍ଣୁ ଚରଣ ମାଝୀ, ସମ୍ମାନିତ ଅତିଥି ଭାବେ ମାନସ ରଞ୍ଜନ ମଲ୍ଲିକ, ଖଗେଶ୍ୱର ପାତ୍ର, ଅଜୟ ବେହେରା ଓ ଚକ୍ରଧର ନାୟକ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଗରୁଡ଼ଗାଁ କ୍ରିକେଟ

**ନେଳିଆକୁ ହରାଇ ଗରୁଡ଼ଗାଁ ଚାମ୍ପିଅନ**

ଟିମ୍ ଓ ରନର୍ସଅପ ନେଳିଆ କ୍ରିକେଟ ଟିମକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ଆଠଟି ଟିମ୍ ଭାଗ ନେଇଥିବା ଜଣାପଡ଼ିଛି । କ୍ଲବର ତପନ ମାଝୀ, ପ୍ରଶାନ୍ତ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ବେଆଇନ୍ ବାଲି ଚାଲାଣ, ଦୁଇ ଟ୍ରାକ୍ଟର ଜବତ

**ଟାଙ୍ଗୀ, ୧୭ ।୪(ସମିସ):** ବେଆଇନ୍ ମାଙ୍କଡ଼ା ପଥର ଓ ମୋରମ୍ ଜବତ ପରେ ଟାଙ୍ଗୀ ପୁଲିସ ଶୁକ୍ରବାର ସକାଳୁ ଜରିପଡ଼ା ଅଞ୍ଚଳରେ ଚଢ଼ଉ କରି ବାଲି ବୋଝେଇ ଦୁଇଟି ଟ୍ରାକ୍ଟର ଜବତ କରିଛି । ଟ୍ରାକ୍ଟର ଚାଳକ



ଘଟଣାସ୍ଥଳରୁ ଫେରାର ହୋଇଥିବାବେଳେ ଟାଙ୍ଗୀ ପୁଲିସ ମାମଲା ରଜୁକରି ମାଲିକଦ୍ୱୟଙ୍କୁ ନୋଟିସ୍ ଜାରି କରିଥିବା ସୂଚନା ମିଳିଛି । ବିରୂପା ନଦୀ ତଟବର୍ତ୍ତୀ ଗୋବିନ୍ଦପୁର, ଜରିପଡ଼ା, ଭଟିମୁଣ୍ଡା ଓ ନପଙ୍ଗ ପଞ୍ଚାୟତର ବିଭିନ୍ନ ସ୍ଥାନରୁ ବେଆଇନ୍ ବାଲି ଚାଲାଣ ଅଭିଯୋଗ ପରେ ଟାଙ୍ଗୀ ପୁଲିସ ପଦକ୍ଷେପ ଗ୍ରହଣ କରିଥିବା ଆଇଆଇସି ବିକାଶ ସେଠୀ ସୂଚନା ଦେଇଛନ୍ତି ।

# ଶ୍ୟାମସୁନ୍ଦରପୁରରେ ଜଳଛତ୍ର ଉଦଘାଟିତ

**ଟାଙ୍ଗୀ, ୧୭ ।୪(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଉଚପଦା ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମରେ ସ୍ୱାଭିମାନ ସେବା ସଂଘ ଓ ଆରଏସବି ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଜଳଛତ୍ର ମଙ୍ଗଳବାର



ଉଦଘାଟିତ ହୋଇଯାଇଛି । ସଂଘର ପ୍ରତିଷ୍ଠାତା ଦୁଷ୍ମନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଫାଉଣ୍ଡେସନର ମୁଖ୍ୟ ପରିଚାଳକ ରାକେଶ ଗୁପ୍ତା ଓ ସୁଶାନ୍ତ ବେହେରା ପ୍ରମୁଖ ଯୋଗଦେଇ ଜଳଛତ୍ର ଉଦଘାଟନ କରିବା ସହ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ପଥିକଙ୍କୁ ଦୁଇ ମାସ ଧରି ଜଳସେବା କାର୍ଯ୍ୟକ୍ରମ ଚାଲିବ ଏଥି ସହ ବିଭିନ୍ନ ସଚେତନତା, ଶିକ୍ଷା ଅନୁଷ୍ଠାନରେ ବିଭିନ୍ନ ପ୍ରତିଯୋଗିତା କରାଯିବ ବୋଲି କହିଥିଲେ । ସଂଘର ତୁଷାରକାନ୍ତ ସ୍ୱାଇଁ, ବିକ୍ରମ ଦେହୁରୀ ଓ ସମୀର ଦାସଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।



# ସମ୍ପାଦକୀୟ



ଦୁଃସ୍ଥିତିରୁ ସମଗ୍ର ମାନବ ସମାଜକୁ ଉଦ୍ଧାର କରିବା ପାଇଁ ପ୍ରେମ ହିଁ ଏକମାତ୍ର ବାଟ।
-ଲିଓ ଟଲଷ୍ଟୟ

ସକାଳ
THE SAKALA

## ବିକାଶ ଖୋଜୁଛି ଗାଁ

ମହାତ୍ମା ଗାନ୍ଧୀ ଏକଦା କହିଥିଲେ, ଦେଶର ଆତ୍ମା ଗାଁରେ ରହିଛି। ଗ୍ରାମୀଣ ଶିକ୍ଷା, ଗମନାଗମନ, କୃଷି ଏବଂ ସର୍ବୋପରି ଗ୍ରାମ ବିକାଶରେ ହିଁ ଦେଶର ପ୍ରକୃତ ବିକାଶ ସମ୍ଭବ ବୋଲି ବୁଦ୍ଧିଜୀବୀମାନେ କହିଆସୁଛନ୍ତି। ଏହି ଆଧାରରେ ସ୍ୱାଧୀନତା ପରବର୍ତ୍ତୀ ଦେଶର ନିର୍ବାଚିତ ସରକାରମାନେ ଗ୍ରାମୀଣ ବିକାଶ ଉଦ୍ଦେଶ୍ୟରେ ବହୁବିଧ ଯୋଜନା ପ୍ରଣୟନ କରିବା ସହ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରି ଆସିଛନ୍ତି। କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ସହ କୃଷକଙ୍କ ଆୟ ଦ୍ୱିଗୁଣ କରିବା, ଉତ୍ପାଦିତ ଦ୍ରବ୍ୟର ସଂରକ୍ଷଣ ଓ ବିପଣନ ଆଦି ପାଇଁ ମଧ୍ୟ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ରାସ୍ତାଘାଟର ଉନ୍ନତି, ପାନୀୟ ଜଳ, ବିଜୁଳି, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ଗ୍ରାମାଞ୍ଚଳର ସର୍ବନିମ୍ନ ଆବଶ୍ୟକତା ପୂରଣ ପାଇଁ ପ୍ରତିବର୍ଷ ସରକାର ନୂଆ ନୂଆ ଯୋଜନା କରିବା ସହ ବଜେଟରେ ମଧ୍ୟ ସ୍ୱତନ୍ତ୍ର ଅର୍ଥ ବରାଦ କରାଯାଉଛି। ଏସବୁ ସତ୍ତ୍ୱେ ଗାଁର ପ୍ରକୃତ ବିକାଶକୁ ନେଇ ଆଜି ମଧ୍ୟ ଦ୍ୱିଧାଭାବ ସୃଷ୍ଟି ହେଉଛି ଅନେକଙ୍କ ମନରେ।

ରାଜ୍ୟର ପଶ୍ଚିମ ଓ ଦକ୍ଷିଣ ଭାଗରେ ଥିବା ଏକାଧିକ ଜିଲ୍ଲାର ଶ୍ରମିକ ନିଜ ଅଞ୍ଚଳରେ କାମଧନ୍ଦା ନ ପାଇ କର୍ମ ଅନ୍ୱେଷଣରେ ଘର ଛାଡ଼ି ବର୍ଷ ବର୍ଷ ଧରି ଅନ୍ୟ ରାଜ୍ୟରେ ଗୋଟି ଖଟୁଛନ୍ତି। ସେମାନଙ୍କ ସଂଖ୍ୟା କେତେ, ସେ ସଂପର୍କରେ କୁଆଡ଼େ ସଂପୃକ୍ତ ଜିଲ୍ଲା ପ୍ରଶାସନ ହିସାବ ରଖୁଥିବା କୁହାଯାଉଛି। ଏପରିକି ବିଦେଶ ବା ଅନ୍ୟ ରାଜ୍ୟକୁ ଦାଦନ ଖଟି ଯାଉଥିବା ଶ୍ରମିକଙ୍କ ପିଲାଛୁଆଙ୍କ ପାଠପଢ଼ା ଓ ଲାଳନପାଳନ ଦାୟିତ୍ୱ ଜିଲ୍ଲା କର୍ତ୍ତୃପକ୍ଷ ନେବାର ମଧ୍ୟ ବିଧିବ୍ୟବସ୍ଥା ରହିଛି। ହେଲେ ପ୍ରକୃତରେ କ'ଣ ଏହା ପରିଲକ୍ଷିତ ହେଉଛି ? ବିଧି ବ୍ୟବସ୍ଥା ସଂପର୍କରେ ଲୋକମାନଙ୍କ ନିକଟରେ ସଚେତନତାର ଅଭାବ ହେଉ ବା ପ୍ରଶାସନିକ ସ୍ତରରେ ଆନ୍ତରିକତାର ଅଭାବ ଯୋଗୁଁ, ଏହି ଶ୍ରେଣୀର ଲୋକମାନଙ୍କ ନିକଟରେ ସରକାରୀ ଯୋଜନା ସବୁ ଅପହଞ୍ଚ ହୋଇ ରହିଯାଇଛି। ଫଳରେ ନିଜର ପିଲକବିଲା ଧରି ଏମାନେ ପରଦେଶକୁ ଚାଲି ଯାଉଛନ୍ତି, ଏବଂ ପରିସ୍ଥିତିର ଶିକାର ହୋଇ କିଏ ନିଜ ପିଲାଙ୍କୁ ଅନ୍ୟ ହାତକୁ ଟେକି ଦେଉଛି ତ ଆଉ କିଏ ଆର୍ଥିକ ବୋଝରୁ ମୁକୁଳିବା ପାଇଁ ବଢ଼ିଲା ଝିଅକୁ ବୁଢ଼ା ବରକୁ ସମର୍ପି ଦେଉଛି, କିଛିଟା ଅର୍ଥ ନେଇ। ପୁଣି କେତେବେଳେ ମଧ୍ୟ ମାଲିକର ନିର୍ଯାତନାର ଶିକାର ହୋଇ ହେଉ, ଅବା ଟଙ୍କା ଅଭାବରେ ଉପଯୁକ୍ତ ଚିକିତ୍ସା କରି ନ ପାରି ଅକାଳରେ ପ୍ରାଣ ହରାଉଛି। ପରିଣତି ସ୍ୱରୂପ, ଅନ୍ୟରାଜ୍ୟରୁ ଦାଦନ ଶ୍ରମିକର ଶବ ଘରକୁ ଫେରିବାର ଖବର ଖବରକାଗଜର ଶିରୋନାମା ପାଲଟୁଛି।

କାହିଁକି ଗାଁର ଶ୍ରମଜୀବୀ ବିଦେଶ ଯାଉଛି। ଶ୍ରମ ସ୍ଥାନାନ୍ତର ରୋକିବା ସହ ଗାଁର ଶ୍ରମିକଙ୍କୁ ବର୍ଷକୁ ଶହେ ଦିନର କାମ ଯୋଗାଇ ଦେବା ପାଇଁ ଆରମ୍ଭ ହୋଇଥିଲା ମହାତ୍ମା ଗାନ୍ଧୀ ଗ୍ରାମୀଣ ରୋଜଗାର ଯୋଜନା। ଏହି ଯୋଜନାରେ ଗାଁର ଶ୍ରମିକମାନଙ୍କୁ ଖୋଜି ବାହାର କରିବା ପାଇଁ ନିଯୁକ୍ତ ହୋଇଥିଲେ ଗାଁ ସାଥୀ। ପୋଖରୀ ଖୋଳା, ଗାଁ ସଡ଼କ ନିର୍ମାଣ ଭଳି ମାଟି କାମରେ ଏମାନଙ୍କୁ ନିୟୋଜିତ କରାଯାଉଥିଲା। ହେଲେ ଧୀରେ ଧୀରେ ଏଥିରୁ ଫାଇଦା ଉଠାଇବାକୁ ସରକାରୀ ବାବୁମାନଙ୍କଠାରୁ ଆରମ୍ଭ କରି ଗାଁ ମାମଲତକାରଙ୍କ ପର୍ଯ୍ୟନ୍ତ ସମସ୍ତେ ଲାଗି ପଡ଼ିଲେ। ମଣିଷଙ୍କ ଜାଗାରେ ମେସିନ୍ ମାଟି ଖୋଳିବାରେ ଲାଗିଲା। ମଷ୍ଟର ରୋଲ୍‌ରେ ମିଛ ଶ୍ରମିକଙ୍କ ନାମ ଯୋଡ଼ି ସରକାରୀ ଅର୍ଥ ଝାମ୍ପିନେଲେ ଠିକାଦାର, ସେଥିରୁ କିଛି ଭାଗ ବି ଗଲା ନେତା ଓ ବାବୁମାନଙ୍କ ପକେଟକୁ। ଏବେ 'ମନରେଗା' ନାମରେ ଥିବା ଏହି ଯୋଜନାର ନାମ ପରିବର୍ତ୍ତନ ହୋଇଛି।

'ଭି ବି ଜି ରାମ୍ ଜି' ନାମରେ ପ୍ରଚଳିତ ହୋଇଥିବା ନୂଆ ଯୋଜନାର କାର୍ଯ୍ୟକାରିତାର ଦୃଶ୍ୟମାନତା ବି କ୍ଷୀଣ। ନୂଆ ଯୋଜନାରେ ଗାଁର ଶ୍ରମିକଙ୍କୁ ୧୨୫ ଦିନର ଶ୍ରମ ଯୋଗାଇ ଦିଆଯିବ କି ନାହିଁ ତାହା ତ ଆଗାମୀ ଦିନରେ ଜଣାପଡ଼ିବ; ହେଲେ ଏବେ ବି ପୁରୁଣା 'ମନରେଗା'ର ହିସାବକିତାବ ସରୁନାହିଁ। ପୁରୁଣା ଆର୍ଥିକ ଅନିୟମିତତାର ଖୋଳତାଡ଼ ବାହାନାରେ ନୂଆ ଯୋଜନା କାର୍ଯ୍ୟକାରୀ ହୋଇପାରୁ ନ ଥିବା କୁହାଯାଉଛି।

ଗ୍ରାମୀଣ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ବିକଳ ଚିତ୍ର ଗ୍ରାମ ବିକାଶର ବାସ୍ତବିକତାକୁ ପଦାରେ ପକାଇଛି। ଏବେବି ରାଜ୍ୟର ଅଧିକାଂଶ ଗ୍ରାମର ଲୋକ ପ୍ରାଥମିକ ଚିକିତ୍ସା ସୁବିଧା ଟିକିଏ ପାଇବା ପାଇଁ ବ୍ଲକ୍ ସଦର ମହକୁମା ଯାଏ ଦୌଡୁଛନ୍ତି। ଗ୍ରାମାଞ୍ଚଳ ସ୍କୁଲଗୁଡ଼ିକରେ ଶିକ୍ଷକ ଅଭାବ ସାଙ୍ଗକୁ ଶୈକ୍ଷିକ ଭିତ୍ତିଭୂମିର ଦୁର୍ବଳ ସ୍ଥିତି ଗ୍ରାମାଞ୍ଚଳ ଶିକ୍ଷା ବ୍ୟବସ୍ଥାକୁ ପଙ୍ଗୁ କରିଦେଇଛି। ସେହିପରି ସ୍ୱଜଳ ଧାରା ହେଉ ବା 'ବସୁଧା' ଯୋଜନାରେ ପାନୀୟ ଜଳ ଯୋଗାଣ ହେଉ, କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ପାଣି ଟାଙ୍କି ଆଜି ଅଚଳ। କେଉଁଠି ପାଣି ଟାଙ୍କିର ମୋଟର ପମ୍ପକୁ ବିଦ୍ୟୁତ୍ ସଂଯୋଗ ନାହିଁ ତ ଆଉ କେଉଁଠି ମୋଟର ଚଳାଇବାକୁ ନିୟୋଜିତ କର୍ମଚାରୀ ଦରମା ନ ପାଇ ସ୍ଥାନ ଛାଡ଼ି ପଳାଇଲେଣି। ଆଉ କେଉଁଠି ରକ୍ଷଣାବେକ୍ଷଣ ଅଭାବରୁ ପାଣି ଟାଙ୍କିଗୁଡ଼ିକ ଭୁଶୁଡ଼ି ପଡ଼ିବା ଅବସ୍ଥାକୁ ଆସିଲାଣି ତ ଆଉ କେଉଁଠି ଘରକୁ ସଂଯୋଗ କରୁଥିବା ପାଣି ପାଇପ୍‌କୁ ଦୁର୍ବୃତ୍ତମାନେ ତାଡ଼ି ନେଇଗଲେଣି। ଏହି ସ୍ଥିତିରେ ଚଳିତ ଗ୍ରୀଷ୍ମ ଆରମ୍ଭରୁ ପାଣି ଟୋପେ ପାଇଁ ସନ୍ତୁଳି ହେଲେଣି ଗାଁ ଲୋକେ।

ଏସବୁ ଅବ୍ୟବସ୍ଥାର ରୂପରେଖ ଭିତରେ ଥିବା ଗାଁଗୁଡ଼ିକରେ ବସବାସ କରୁଥିବା ଲୋକମାନଙ୍କ ଆର୍ଥିକ, ସାମାଜିକ ଓ ମାନସିକ ସ୍ଥିତି କିଭଳି ଥିବ, ତାହାର ବିଶ୍ଳେଷଣ କରିବା ଆଜିର ଶାସକ ଓ ପ୍ରଶାସକଙ୍କ ପାଇଁ ମୁଖ୍ୟ ଆହ୍ୱାନ ହେବା ଉଚିତ। ●

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

## 'ଆତ୍ମନିର୍ଭରଶୀଳ ଗ୍ରାମ: ବିଶ୍ୱ ସଙ୍କଟର ଏକମାତ୍ର ସମାଧାନ'

ମାନସ କୁମାର କର

ସାମ୍ପ୍ରତିକ ବିଶ୍ୱ ଆଜି ଏକ ଜଟିଳ ଛକ ଉପରେ ଛିଡ଼ା ହୋଇଛି। ଦୂର ଦିଗନ୍ତରେ ଜଳୁଥିବା ଯୁଦ୍ଧର ନିଆଁ କେବଳ ସୀମା ମଧ୍ୟରେ ଆବଦ୍ଧ ନୁହେଁ; ବରଂ ଏହାର ପ୍ରଭାବ ଆମ ରୋଷେଇ ଘରର ଚୁଲି ପର୍ଯ୍ୟନ୍ତ ପ୍ରସାରିତ। ଇରାନ-ଇସ୍ରାଏଲ ମଧ୍ୟରେ ସଂଘର୍ଷ ଯୋଗୁଁ ଯେତେବେଳେ ତେଲ ଓ ଗ୍ୟାସ୍‌ର ଯୋଗାଣ ବାଧାପ୍ରାପ୍ତ ହୁଏ, ସେତେବେଳେ ଅଷ୍ଟ୍ରେଲିଆ ଭଳି ସମ୍ପନ୍ନ ରାଷ୍ଟ୍ର ବି ନିଜର ପେଟ୍ରୋଲ ପମ୍ପରେ ତାଲା ପକାଇବାକୁ ବାଧ୍ୟ ହୁଏ। ଏହା ଏକ କଠୋର ସତ୍ୟ ଯେ, ଆମେ ଆଜି ଏକ ଏଭଳି ପରନିର୍ଭରଶୀଳ ବିଶ୍ୱରେ ବାସ କରୁଛେ, ଯେଉଁଠି ଗୋଟିଏ ଦେଶର ଭୁଲ୍ ନିଷ୍ପତ୍ତି ସାରା ପୃଥିବୀର ଅର୍ଥନୀତିକୁ ପଙ୍ଗୁ କରିଦେଇପାରେ। ବିଜ୍ଞାନ ଆମକୁ ପୃଥିବୀର ଦୁଇ ପ୍ରାନ୍ତକୁ ଯୋଡ଼ି ଦେଇଛି ସତ; କିନ୍ତୁ ସେହି ଯୋଗସୂତ୍ର ଆଜି ଆମ ପାଇଁ ଏକ ସଙ୍କଟର କାରଣ ସାଜିଛି।

ଏହି ସାଂଘାତିକ ସମୟରେ ମନେପଡ଼ନ୍ତି ମହାତ୍ମା ଗାନ୍ଧୀ ଏବଂ ତାଙ୍କର 'ହିନ୍ଦ୍ ସ୍ୱରାଜ'ର ସେହି କାଳଜୟୀ ଅବଧାରଣା। ଗାନ୍ଧିଜୀ ଗ୍ରାମକୁ ଏକ ସ୍ୱୟଂଶାସିତ ଓ ଆତ୍ମନିର୍ଭରଶୀଳ ଏକକ (ୟୁନିଟ) ଭାବେ ଦେଖିବାକୁ ଚାହୁଁଥିଲେ। ତାଙ୍କ ମତରେ, ଯଦି ଏକ ଗ୍ରାମ ନିଜର ମୌଳିକ ଆବଶ୍ୟକତା ପାଇଁ ବାହାର ଦୁନିଆ ଉପରେ ନିର୍ଭର ନ କରେ, ତେବେ କୌଣସି ବିଶ୍ୱବ୍ୟାପୀ ସଙ୍କଟ ତା'ର ପ୍ରଗତିର ରଥକୁ ଅଟକାଇ ପାରିବ ନାହିଁ। ଏହି ଚିନ୍ତାଧାରାକୁ ଆହୁରି ସଶକ୍ତ କରିଥିଲେ ସମାଜସେବୀ ଇଲା ଭଟ୍ଟ। ସେ ତାଙ୍କ ପୁସ୍ତକ ଅନୁବନ୍ଧ'ରେ "୧୦୦ କିଲୋମିଟର ପରିସୀମା"ର ଏକ ସୁନ୍ଦର ସୂତ୍ର ଦେଇଛନ୍ତି- ଅର୍ଥାତ୍ ଆମେ ଯାହା ଖାଉଛୁ ବା ବ୍ୟବହାର କରୁଛୁ, ତାହା ଯଦି ନିଜ ଆଖପାଖରୁ ସଂଗ୍ରହ କରିବା, ତେବେ ସ୍ଥାନୀୟ ଅର୍ଥନୀତି ସମୃଦ୍ଧ ହେବ ଏବଂ ପରିବେଶ ମଧ୍ୟ ସୁରକ୍ଷିତ ରହିବ। ଏହି 'ଅନୁବନ୍ଧ' କେବଳ ଏକ ବାଣିଜ୍ୟିକ ସମ୍ପର୍କ ନୁହେଁ; ବରଂ ଏହା ମଣିଷ ଓ ପ୍ରକୃତି ମଧ୍ୟରେ ଏକ ଆଧ୍ୟାତ୍ମିକ ସଂଯୋଗ।

ଅତୀତକୁ ଫେରି ଚାହିଁଲେ ଦେଖାଯାଏ, ଆମ ଗାଁଗୁଡ଼ିକ ସତରେ ଆତ୍ମନିର୍ଭରଶୀଳତାର ଏକ ଜ୍ୱଳନ୍ତ ଉଦାହରଣ ଥିଲା। ସେତେବେଳେ ଘର ତିଆରି ପାଇଁ ସହରର ସିମେଣ୍ଟ ବା ଲୁହା ଉପରେ ନିର୍ଭର କରିବାକୁ ପଡୁ ନ ଥିଲା। ଗାଁର ଚିକିଟା ମାଟି, ବାଉଁଶ ଏବଂ ଧାନ କିଆରିର ଛଣରେ ତିଆରି ହେଉଥିଲା ସୁନ୍ଦର ଆଶ୍ରୟସ୍ଥଳୀ, ଯାହା ଶୀତରେ ଉଷୁମ ଓ ଖରାରେ ଶୀତଳ ରହୁଥିଲା। ବିଲର ସୋରିଷରୁ ଘଣା ଟାଣି ତେଲ ବାହାରୁଥିଲା, ପଶୁସମ୍ପଦରୁ କ୍ଷୀର-ଦହିର ସୁଅ ଛୁଟୁଥିଲା ଏବଂ ଗୋବରରୁ ପ୍ରସ୍ତୁତ ଘଷି ରୋଷେଇ ଘରର ଚୁଲିକୁ ଜଳାଇ ରଖୁଥିଲା। ସବୁଠାରୁ ବଡ଼ କଥା ହେଉଛି, କୌଣସି ଜିନିଷ ବଳକା ହେଉ ନ ଥିଲା କି ନଷ୍ଟ ହେଉ ନ ଥିଲା। ନଡ଼ା ପଶୁଙ୍କ ଖାଦ୍ୟ ସାଜୁଥିଲା ତ ଗୋବର ସାର ହୋଇ ପୁଣି ମାଟିକୁ ଫେରୁଥିଲା।

ସେ ସମୟରେ ବାହାଘର ବା ପର୍ବପର୍ବାଣୀ କେବଳ ଗୋଟିଏ ପରିବାରର ଉତ୍ସବ ନ ଥିଲା; ତାହା ଥିଲା ସାରା ଗାଁର। ଆଜିର ଯାନ୍ତ୍ରିକ 'କ୍ୟାଟରିଂ' ବଦଳରେ ସେତେବେଳେ ସାଇପଡ଼ିଶା ମହିଳାମାନେ ନିଜ ନିଜର ଚାମଚ, ଡଙ୍କି, ପନିକି ଓ କୋରଣା ଧରି ମେଳି ହେଉଥିଲେ। ବାଡ଼ିର କଖାରୁଟିଏ ବାହାଘର ପାଇଁ ସାଇତି ରଖାଯାଉଥିଲା। ଖାଦ୍ୟ ପରଷିବା ପାଇଁ ବାହାରୁ ପ୍ଲାଷ୍ଟିକ ଆସୁ ନ ଥିଲା; ବରଂ ଗାଁର କାରିଗରମାନେ ପ୍ରସ୍ତୁତ କରୁଥିବା ଖଲିପତ୍ର, କଦଳୀପତ୍ର ଓ ବାଉଁଶ ପାତିଆ ଝୁଡ଼ିରେ 'ପଞ୍ଚଫେନି' ଭୋଜିର ଆନନ୍ଦ ନିଆଯାଉଥିଲା।



ଏହି ସାମୂହିକତା ଏବଂ ବିନିମୟ (ବାର୍ଟର ସିଷ୍ଟମ) ପ୍ରଥା ହିଁ ଥିଲା ଗ୍ରାମ୍ୟ ସଂସ୍କୃତିର ପ୍ରକୃତ ଶକ୍ତି। ମଣିଷ ପାଇଁ ମଣିଷ ଛିଡ଼ା ହେବାର ସେହି ପାରମ୍ପରିକ ବିଶ୍ୱାସ ଆଜିର ମୁଦ୍ରାସ୍ଫୀତି ଯୁଗରେ ଦୁର୍ଲଭ।

ଆଜି ସମୟ ବଦଳିଛି; କିନ୍ତୁ ଆବଶ୍ୟକତା ସେଇଆ ଅଛି। ଆଜିର ଡିଜିଟାଲ୍ ଯୁଗରେ ଆମେ ସେହି ପୁରୁଣା ପରମ୍ପରାକୁ ଏକ ବୈଜ୍ଞାନିକ ରୂପ ଦେଇପାରିବା। ଯଦି ଆମେ ଏକ ଡିଜିଟାଲ୍ ବାର୍ଟର ପ୍ଲାଟଫର୍ମ ପ୍ରସ୍ତୁତ କରିବା, ତେବେ ଗ୍ରାମାଞ୍ଚଳର ଲୋକେ ନିଜର ଅତିରିକ୍ତ ଉତ୍ପାଦକୁ ପରସ୍ପର ମଧ୍ୟରେ ସହଜରେ ଅଦଳବଦଳ କରିପାରିବେ। ଏହା ମଧ୍ୟସ୍ଥିଙ୍କ ପ୍ରାଦୁର୍ଭାବ କମାଇବା ସହ ଚାଷୀକୁ ଉପଯୁକ୍ତ ମୂଲ୍ୟ ଦେବ।

ସେହିପରି 'ସାମୂହିକ ଶ୍ରମ'କୁ ଆଜି 'ଟାଇମ୍ ବ୍ୟାଙ୍କିଙ୍ଗ୍'ର ରୂପ ଦିଆଯାଇପାରେ। ଯେଉଁଠି ଟଙ୍କା ନୁହେଁ; ବରଂ 'ସମୟ' ଓ 'ସେବା'ର ବିନିମୟ ହେବ। ଜଣେ ଯୁବକ ଯଦି ଗାଁର ଜଣେ ବୃଦ୍ଧଙ୍କର କିଛି ଡିଜିଟାଲ୍ କାମ ବା ବ୍ୟାଙ୍କ୍ କାମ କରିଦିଅନ୍ତି, ତେବେ ବଦଳରେ ସେହି ବୃଦ୍ଧ ଜଣକ ତାଙ୍କ ବାଡ଼ିବଗିଚାରୁ କିଛି ଶୁଦ୍ଧ ଫଳ ବା ପନିପରିବା ଦେଇପାରିବେ। ଏହା କେବଳ ଅର୍ଥନୀତିକୁ ସଜାଡ଼ିବ ନାହିଁ, ବରଂ ପିଢ଼ି ପିଢ଼ି ମଧ୍ୟରେ ଥିବା ଦୂରତାକୁ କମାଇ ମଣିଷ ସହ ମଣିଷର ସମ୍ପର୍କକୁ ପୁଣି ଥରେ ସଞ୍ଜୀବିତ କରିବ। ଆମେ ଯଦି ଗାଁରେ 'ସାମୂହିକ ଉତ୍ପାଦନ କେନ୍ଦ୍ର' ଗଢ଼ି ଘାଣି ତେଲ, ହଳଦୀ ବା ଶୁଦ୍ଧ ମସଲା ପ୍ରସ୍ତୁତ କରିବା, ତେବେ ବାହାରୁ ଆସୁଥିବା ରସାୟନଯୁକ୍ତ ସାମଗ୍ରୀ ଉପରେ ଆମର ନିର୍ଭରଶୀଳତା କମିଯିବ।

ଇତିହାସ ନିଜକୁ ଦୋହରାଏ। ଯେତେବେଳେ ସାଇବର୍ ଦୁନିଆର ସୁବିଧା ବିଫଳ ହୁଏ, ସେତେବେଳେ ପୁଣି ଷ୍ଟୋଭ୍, କୋଇଲା ଏବଂ କାଠଚୁଲିର ପ୍ରାସଙ୍ଗିକତା ବଢ଼ିଯାଏ। ଏହି ବିଶ୍ୱବ୍ୟାପୀ ସଂକଟ ଆମକୁ ଶିଖାଉଛି ଯେ, ଅତିମାତ୍ରାରେ ପରନିର୍ଭରଶୀଳତା ଆମ ସ୍ୱାଧୀନତାକୁ ଅପହରଣ କରିନିଏ। ଗାନ୍ଧିଜୀଙ୍କ ଆତ୍ମନିର୍ଭର ଗ୍ରାମର ସ୍ୱପ୍ନ କେବଳ ଅତୀତର ରୋମାଞ୍ଚ ନୁହେଁ; ବରଂ ଏହା ଭବିଷ୍ୟତ ପାଇଁ ଏକମାତ୍ର 'ବ୍ଲୁ-ପ୍ରିଣ୍ଟ'। ସମୟ ଆସିଛି, ଆମେ ଆଧୁନିକ ଜ୍ଞାନକୌଶଳକୁ ଆଧାର କରି ନିଜ ମୂଳ (Roots) କୁ ଫେରିବା ଏବଂ ଏଭଳି ଏକ ସ୍ୱାଭିମାନୀ ସମାଜ ଗଢ଼ିବା ଯେଉଁଠି ଆମେ ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇପାରିବା। ଗାଁ ଯଦି ଆତ୍ମନିର୍ଭର ହେବ, ତେବେ ଆମ ଦେଶ ଏବଂ ରାଜ୍ୟ ମଧ୍ୟ ଅଜେୟ ହେବ। ●

କୋଟାଙ୍ଗ, କୋଣାର୍କ
ମୋ- ୭୩୮୧୩୮୨୨୧୦

## ଭୁଲ୍ ର ସଂଜ୍ଞା

ପ୍ରବିର କୁମାର ସାହୁ

ଭୁଲ୍‌ର ସଂଜ୍ଞା କଣ ? ଯାହା ଠିକ୍ ନୁହେଁ ଅଥବା ଯାହା ସମାଜ ଆଗରେ ଏକ ଅପରାଧ। ଅସଲରେ ଠିକ୍ ସଂଜ୍ଞା ନ ଜାଣି ଭୁଲ୍ ର ଗଭୀରତା ମାପିବା ଅସମ୍ଭବ। ଏଇ ଠିକ୍ ଆଉ ଭୁଲ୍ ଚକ୍ରରେ ତ ମଣିଷର ଜୀବନ ଚାଲିଛି। ଏହି ପ୍ରକାର କାର୍ଯ୍ୟ ଠିକ୍ ଆଉ ଏହି ପ୍ରକାର କାର୍ଯ୍ୟ ଭୁଲ୍, ଏମିତି ହିଁ ସମାଜ ଶିଖେଇ ଚାଲି ଥାଏ ମଣିଷକୁ ସଦାକାଳ। ଏଠି ସ୍ୱତଃ ମନକୁ ପ୍ରଶ୍ନ ଉଠେ ଭୁଲ୍ ର ସଂଜ୍ଞା ସବୁବେଳେ ସମାଜ ନିରୂପଣ କରିବ କାହିଁକି ? ଏମିତି ଅନେକ ଅପରାଧ ଆଉ ଭୁଲ୍ ଅଛି, ଯାହା ସମୟ ଚକ୍ରରେ ଲୁଚି ଯାଉଛି। ଯେଉଁ ଭୁଲ୍ ପ୍ରମାଣିତ ହେଇ ପାରୁ ନାହିଁ, ତାହା ଠିକ୍ ଭୁଲ୍ ଚକ୍ରରୁ ବାହାରି ଯାଇ କଠୋର ସତ୍ୟରେ ପ୍ରକାଶିତ ହେଉଛି। ଏଇମିତି ଅନେକ ପ୍ରମାଣ ଅଭାବରୁ ଠିକ୍ ମାନେ ଭୁଲ୍ ଆଉ ଭୁଲ୍ ମାନେ ଠିକ୍ ବୋଲି ସମାଜରେ ପ୍ରଚଳିତ ହେଇ ଚାଲିଛନ୍ତି।

ଭୁଲ୍ ସବୁବେଳେ ଭୁଲ୍। ଅନ୍ଧାରରେ ବି କଲେ ଭୁଲ୍। ଆଲୋକରେ ବି କଲେ ଭୁଲ୍। ତେଣୁ ଅନ୍ୟମାନେ ଅଥବା ସମାଜ ନ ଜାଣି ପାରିଲେ ବି, ଭୁଲ୍ କରୁଥିବା ମଣିଷ ହିଁ କେବଳ ଜାଣେ ସେ ଭୁଲ୍ କରୁଛି। ବାସ୍ ସେତିକି ଯଥେଷ୍ଟ। ହୁଏତ ଆପଣ କରୁଥିବା ଠିକ୍ କାର୍ଯ୍ୟ ପାଇଁ ଅସଂଖ୍ୟ ପ୍ରମାଣର ଆବଶ୍ୟକତା ପଡ଼ି ପାରେ। କିନ୍ତୁ ଭୁଲ୍‌କୁ ପ୍ରମାଣିତ କରିବା ପାଇଁ ଗୋଟିଏ ପ୍ରମାଣ ହିଁ ଯଥେଷ୍ଟ। ଆଜିର ସମାଜରେ ଠିକ୍ ଘଟଣା ବା ଭଲ ଖବର ଯେତିକି ମାତ୍ରାରେ ଆଲୋଚନା ହୁଏ ନାହିଁ। ତା'ଠାରୁ ଅନେକ ଗୁଣରେ ଗୋଟେ ଖରାପ ଖବରର ଆଲୋଚନା ଦୀର୍ଘ ଦିନ ଧରି ଚାଲେ। ଠିକ୍ କାମ କରୁଥିବା ଲୋକଟି ଯେତେ ମାତ୍ରାରେ ପ୍ରଶଂସା ପାଏ ନାହିଁ, ତା'ଠାରୁ ଅଧିକ ମାତ୍ରାରେ ନିନ୍ଦା ପାଏ ଭୁଲ୍ କରୁଥିବା ଲୋକଟି। ଅସଲରେ ମଣିଷ ଯେତେମାତ୍ରାରେ ଅନ୍ୟର ଭୁଲ୍ ଦେଖେଇବା ପାଇଁ ତତ୍ପର, ସେତେମାତ୍ରାରେ ଅନ୍ୟଠାରୁ ଭଲ ଗୁଣ ଶିଖିବା ପାଇଁ ଉତ୍ସୁକ ନୁହେଁ।



ସଂସାରରେ ଏପରି କେହି ବ୍ୟକ୍ତି ନାହାଁନ୍ତି, ଯେ ଜୀବନ ସାରା ଭୁଲ୍ ଅଥବା ଜୀବନ ସାରା ଠିକ୍ କାମ କରିଛନ୍ତି। ଉଭୟ ଭୁଲ୍ ଆଉ ଠିକ୍ ର ସମ୍ମିଶ୍ରଣରେ ହିଁ ଜୀବନ ଆଗକୁ ବଢୁଛି। ପ୍ରତ୍ୟେକ ମୁହୂର୍ତ୍ତରେ ଯଦି ଆପଣ ଜୀବନର ଭୁଲ୍‌କୁ ସଂଶୋଧନ କରି ଆଗକୁ ବଢୁଛନ୍ତି, ତେବେ ଜୀବନ ଆପଣଙ୍କୁ କେବେ ପଶ୍ଚାତାପର ସୁଯୋଗ ଦେବ ନାହିଁ। ସମୟ ସବୁବେଳେ ମଣିଷକୁ ଭୁଲ୍‌ର ସଂଶୋଧନ କରିବାକୁ ସମୟ ଦିଏ। ଅନେକ ସମୟରେ ଭୁଲ୍‌ର ସଂଶୋଧନ କଷ୍ଟକର ହେଇ ପାରେ; କିନ୍ତୁ ଅସମ୍ଭବ ନୁହେଁ। ଆଜୀବନ ଭୁଲ୍‌ର ପଶ୍ଚାତାପରେ ଜଳିବା ଅପେକ୍ଷା ସଂଶୋଧନ କରିଦେବା ନିହାତି ଶ୍ରେୟସ୍କର। ସାମଗ୍ରିକ ଭାବେ ଜୀବନକୁ ଲକ୍ଷ୍ୟ କଲେ ଏତକ ବୁଝା ଯାଇପାରେ, ଜୀବନରେ ଭୁଲ୍‌ର ସଂଶୋଧନ ଜୀବନକୁ ଅନ୍ୟ ଏକ ଦିଗ ଦେଇଛି। ନୂଆ ବାଟରେ ଚାଲିବାର ପଥ ମଧ୍ୟ ଦେଖାଇଛି।

କର୍ମଫଳ ଅଛି। କର୍ମଫଳରୁ କାହାର ନିସ୍ତାର ନାହିଁ। ଯେମିତି ଭଲ କର୍ମର ଫଳ ଅଛି, ଖରାପ୍ କର୍ମର ଫଳ ମଧ୍ୟ ଅଛି। ସମାଜ ଆଖିରେ ଲୁଚି ଯାଇଥିବା କିମ୍ବା ଆପଣ ଲୁଚେଇ ଦେଇଥିବା ପ୍ରତ୍ୟେକ ଭୁଲ୍, କର୍ମଫଳ ଭାବରେ ଆପଣଙ୍କ ନିକଟକୁ ଫେରେ। ମଣିଷ ଯେତିକି ମାତ୍ରାରେ ନିଜ କର୍ମ ପାଇଁ ଦାୟୀ, ଠିକ୍ ସେତିକି ମାତ୍ରାରେ ନିଜର କର୍ମଫଳ ପାଇଁ ମଧ୍ୟ ଦାୟୀ। ଯେଉଁଠି ସ୍ୱୟଂ ଈଶ୍ୱର ନିଜ କର୍ମଫଳରୁ ମୁକ୍ତି ପାଇ ନାହାନ୍ତି, ମଣିଷ ବା ପାଇବ କିପରି! ନର୍କ, ଯେଉଁଠି ମଣିଷ ନିଜର ସମସ୍ତ ପାପ, ଭୁଲ୍ ଇତ୍ୟାଦିର ଫଳ ଭୋଗେ। ନର୍କ କେଉଁଠି ଅଛି ତାହାର ପ୍ରମାଣସିଦ୍ଧ ଠିକଣା କାହା ପାଖରେ ନାହିଁ। ତେଣୁ ଜୀବନ ହେଉଛି ସବୁଠାରୁ ସୁନ୍ଦରତମ ନର୍କ। ଆଉ ଏଇ ଜୀବନରେ ହିଁ ସବୁ ଫଳ ଭୋଗିବାକୁ ପଡ଼ିବ।

ତେବେ ମଣିଷ କରୁଥିବା ଭୁଲ୍‌ର ସରଳ ସମାଧାନ ଅଛି କି ? ବା କେଉଁ ଉପାୟରେ ମଣିଷ ଅନ୍ତତଃ ନିଜ ଭୁଲ୍ ର ସଂଖ୍ୟା କମେଇ ପାରିବ? ହଁ ଅଛି। ଯଦି ମଣିଷ ପ୍ରତ୍ୟେକ ଦିନ ଚିନ୍ତା କରିବ, ମୁଁ ଯାହା କରୁଛି କିମ୍ବା ମୋ କର୍ମ ଦ୍ୱାରା ଅନ୍ୟ କାହାର କିଛି ଅନିଷ୍ଟ ହେଉ ନାହିଁ ତ! ମୋ କର୍ମ ପାଇଁ ମୁଁ ଭବିଷ୍ୟତରେ ପଶ୍ଚାତାପ କରିବି ନାହିଁ ତ! ମଣିଷ କେବଳ ଏଇ ଦୁଇଟି ପ୍ରଶ୍ନ ନିଜକୁ ପଚାରି ସମସ୍ତ ଜାଣତ ଭୁଲ୍‌ରୁ ଦୂରେଇ ରହି ପାରିବ। ଜୀବନରେ ସମ୍ପୂର୍ଣ୍ଣ ଭୁଲ୍‌ରୁ ମୁକ୍ତି ଅସମ୍ଭବ। କିନ୍ତୁ ଭୁଲ୍‌ର ସଂଶୋଧନ ପାଇଁ ଜୀବନ ଆଉ ସମୟ ସବୁବେଳେ ସୁଯୋଗ ଦିଅନ୍ତି। ଆଉ ସେଇ ସୁଯୋଗର ସଠିକ୍ ଉପଯୋଗ ଫଳରେ ମଣିଷ ନିଜ ଜୀବନକୁ ସମ୍ପୂର୍ଣ୍ଣ ଠିକ୍ ନ ହେଲେ ବି, ଅଧିକାଂଶ ଭାଗରେ ଠିକ୍ କରାଇ ପାରିବ। ●

କଣିପାଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ - ୯୮୬୧୦୬୮୪୫୬

## ମରି ନ ଯାଉ ଜାଣିବାର ଇଚ୍ଛା

ବୈଷ୍ଣବ ମେହେର

ଯାହାର ନୂଆଁ କିଛି ଜାଣିବାର ଆଗ୍ରହ ଯେତେ ଅଧିକ, ତା'ର ଜ୍ଞାନର ମାତ୍ରା ମଧ୍ୟ ସେତିକି ପ୍ରବୃଦ୍ଧ। ଅପରପକ୍ଷେ ଜ୍ଞାନ ହିଁ ବ୍ୟକ୍ତିକୁ କୌଶଳଯୁକ୍ତ କରାଇ ପ୍ରତିଷ୍ଠିତ କରାଇବାରେ ସହାୟକ ହେଉ ଥିବାରୁ ଏହା ନିଃସନ୍ଦେହରେ କୁହାଯାଇପାରେ ଯେ, ଜାଣିବାର ଇଚ୍ଛା ବା ଜିଜ୍ଞାସା ହେଉଛି ଯେକୌଣସି ବ୍ୟକ୍ତି ପାଇଁ ସଫଳତାର ପ୍ରଥମ ସୂତ୍ର। ସୁତରାଂ, ଛୋଟ ସମୟରୁ ପିଲାଙ୍କ ଜାଣିବାର ଇଚ୍ଛାକୁ ସର୍ବଦା ସମ୍ମାନ ଦେବା ସମସ୍ତଙ୍କ କର୍ତ୍ତବ୍ୟ। ନିଜର କାର୍ଯ୍ୟବ୍ୟସ୍ତତା ହେଉ ବା ଛୋଟ ପିଲା ଭାବି, ଅନେକ ଅଭିଭାବକ ପିଲାଙ୍କ ଭିତରେ ଉଠୁଥିବା ପ୍ରଶ୍ନକୁ ଅତି ସାଧାରଣ ଭାବେ ଏଡ଼ାଇ ଯାଆନ୍ତି। ଏହାଦ୍ୱାରା ପିଲାଟି କେବଳ ଯେ ନିରାଶ ହୁଏ ତାହା ନୁହେଁ; ବରଂ ଆଗକୁ ତା'ର ଜାଣିବାର ଇଚ୍ଛା ବା ଜିଜ୍ଞାସା ମଧ୍ୟ ଧୀରେଧୀରେ ମରିଯାଏ। ଠିକ୍ ସେହିଭଳି ଯେନତେନ ପ୍ରକାରେ ନିଜ ଦାୟିତ୍ୱ ସାରିଦେବାର ମନୋବୃତ୍ତି ରଖୁଥିବା କେତେକ ଶିକ୍ଷକ, ପିଲା କିପରି ପ୍ରଶ୍ନ ପଚାରିବ ନାହିଁ, ସେନେଇ ବ୍ୟବସ୍ଥା କରିଥା'ନ୍ତି। କୌଣସି ଏକ ପ୍ରସଙ୍ଗରେ ପାଠ ପଢ଼ା ସରିବା ପରେ ଛାତ୍ରଛାତ୍ରୀଙ୍କ ମନରେ ସେହି ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ନେଇ ଏକାଧିକ ପ୍ରଶ୍ନ ଉଙ୍କିମାରେ। ସେସବୁ ସନ୍ଦେହ ମୋଚନ ନ ହେବା ଯାଏଁ ଜଣେ ଛାତ୍ରର ପାଠ ସଂପୂର୍ଣ୍ଣ ହୁଏ ନାହିଁ। କିନ୍ତୁ ଅନେକ ଶିକ୍ଷକ ଛାତ୍ରଛାତ୍ରୀଙ୍କ ଉକ୍ତ ସନ୍ଦେହ ଦୂର କରିବା ପରିବର୍ତ୍ତେ ବିଭିନ୍ନ ମାଧ୍ୟମରେ ସେମାନଙ୍କୁ ହତୋତ୍ସାହିତ କରୁଥିବା ଦେଖିବାକୁ ମିଳେ। ଫଳରେ ଶିକ୍ଷକଙ୍କୁ ଭୟ କରି, ଲଜ୍ଜା ବୋଧକରି କିମ୍ବା ଅନ୍ୟମାନେ କ'ଣ ଭାବିବେ ଆଦି ଚିନ୍ତାରେ ପିଲା ବାଧ୍ୟ ହୋଇ ପ୍ରଶ୍ନ ପଚାରି ନ ଥା'ନ୍ତି। ଅଭିଭାବକ ହୁଅନ୍ତୁ କିମ୍ବା ଶିକ୍ଷକ, ସେମାନଙ୍କ ଏଭଳି ଆଚରଣ ପିଲା ଭିତରର ଜିଜ୍ଞାସାକୁ ହତ୍ୟା କରିଦିଏ। ଆଉ ଏକ ଗୁରୁତ୍ୱର କଥା ସେତେବେଳେ ଶୁଣିବାକୁ ମିଳେ, ଯେତେବେଳେ ଶିକ୍ଷକଟିଏ ଆପଣଙ୍କ ପିଲା ବହୁତ ବଢ଼ିଆ, ପୂରା ଦିନ ଚୁପ୍‌ଚାପ୍ ବସିରୁହେ, ଆଦୌ ଏପଟସେପଟ ହୁଏ ନାହିଁ କି କୌଣସି ପ୍ରଶ୍ନ କରେ ନାହିଁ ବୋଲି ଖୁସି ମନରେ ଅଭିଭାବକଙ୍କୁ କହୁଥା'ନ୍ତି। ଏହିଭଳି ପିଲା ନିଶ୍ଚିତ ଭାବରେ ସାଂଘାତିକ ବୋଲି କହିବାକୁ ହେବ। ପିଲା ଯଦି ପିଲାଳିଆମି କରିବ ନାହିଁ, ଚୁପ୍‌ଚାପ୍ ବସି ରହିବ, ଆଉ କାହାକୁ କିଛି ପ୍ରଶ୍ନ କରିବ ନାହିଁ ତେବେ ଏଭଳି ପିଲାର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ତେଣୁ ଏଭଳି ପିଲାକୁ ନେଇ କେହି ଖୁସି ବ୍ୟକ୍ତ ନ କରି, ତା' ମନରେ ଜାଣିବାର ଆଗ୍ରହ ସୃଷ୍ଟି କଲେ ହିଁ ତା'ର ମଙ୍ଗଳ ହେବ।

ଅପରପକ୍ଷେ ପ୍ରାଚୀନ କାଳରୁ ଭାରତରେ ଜିଜ୍ଞାସାକୁ ଆଦର ଓ ସମ୍ମାନ ଦିଆଯାଇ ଆସୁଛି। ଆମେ ଜାଣୁ, ମୁନିକୁମାର ନଚିକେତା ବହୁତ ପ୍ରଶ୍ନ ପଚାରୁଥିଲେ। ଥରେ ଏକ ବିଶେଷ ଯଜ୍ଞ ଆୟୋଜନ ପରେ ବିଧି ଅନୁଯାୟୀ ପିତା ନିଜ ପାଖରେ ଥିବା ସମସ୍ତ ସମ୍ପତ୍ତି ଅନ୍ୟଙ୍କୁ ଦାନ କରିବାରେ ଲାଗିଥା'ନ୍ତି। ଏହି ସମୟରେ ସ୍ୱଭାବବଶତଃ ମୁନିକୁମାର ପିତାଙ୍କୁ ନାନା ପ୍ରଶ୍ନ ପଚାରିବାକୁ ଲାଗିଲେ। ଯେପରି ଏସବୁ ଗାଈ କାହାକୁ ଦେବ। ଧାନ ଚାଉଳ, ସୁନାରୂପା କାହାକୁ ଦେଉଛି। ଏଭଳି ଏକାଧିକ ପ୍ରଶ୍ନ ପଚାରୁଥିବା ମୁନିକୁମାର ଶେଷରେ ମୋତେ କାହାକୁ ଦେବ ବୋଲି ପଚାରନ୍ତେ କାର୍ଯ୍ୟବ୍ୟସ୍ତତା ଯୋଗୁଁ ସାମାନ୍ୟ ରାଗିଯାଇ ତୋତେ ଯମକୁ ଦେଉଛି ବୋଲି ପିତା କହି ଦେଇଥିଲେ। ପରିଣାମ ମୁନିକୁମାର ଯମାଳୟକୁ ଯାଇ ନିଜ ନିଷ୍ଠାରେ ଯମରାଜଙ୍କୁ ଅଭିଭୂତ କରି ତାଙ୍କଠାରୁ ଜୀବନ ଓ ମୃତ୍ୟୁର ଜ୍ଞାନ ଲାଭ କରିବାରେ ସମର୍ଥ ହୋଇଥିଲେ। ଏ ସଫଳତା ଜଣେ ଛୋଟ ପିଲାର ଜାଣିବାର ଇଚ୍ଛା ପାଇଁ ହିଁ ସମ୍ଭବ ହୋଇଥିଲା। ଆମେ ଇଭ୍ ଓ ଆଦାମ୍ ଙ୍କ କଥା ମଧ୍ୟ ଜାଣିଛେ। ଉଭୟେ ସ୍ୱର୍ଗର ବଗିଚାରେ ବୁଲୁଥିବା ବେଳେ ନିଜ ଜିଜ୍ଞାସାକୁ ଦମନ କରି ନ ପାରି ଏକ ବର୍ଜିତ ଫଳକୁ ଖାଇ ଦେଇଥିଲେ। ପରିଣାମ ସେଠାକାର ଭଗବାନଙ୍କ ନିର୍ଦ୍ଦେଶରେ ସେମାନଙ୍କୁ ମର୍ତ୍ତ୍ୟକୁ ପଠାଇ ଦିଆଗଲା ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କଠାରୁ ମଣିଷ ସମାଜର ଅୟମାରମ୍ଭ ହୋଇଥିବା ବିଶ୍ୱାସ କରାଯାଏ।

ସେହିପରି ଭାରତୀୟ ପୁରାଣରେ ଉଦିତ ସୂର୍ଯ୍ୟକୁ ସେଓ ଭାବି ହନୁମାନ ଗିଳିଦେବାରୁ ହନୁମାନଙ୍କ ଏହି ଜିଜ୍ଞାସାର ଫଳସ୍ୱରୂପ ବ୍ରହ୍ମା ବାଳକ ହନୁମାନଙ୍କୁ ଆଶୀର୍ବାଦ ଦେଇଥିଲେ। ଏହାପରେ ହନୁମାନଙ୍କୁ ଦ୍ୱିଜ ବୋଲି କୁହାଗଲା। "ଦ୍ୱିଜ" ର ଅର୍ଥ ହେଉଛି ଦୁଇଟି ଜନ୍ମ। ମାଆ' ଗର୍ଭରୁ ଜନ୍ମ ହୋଇ ନିଜର ସ୍ୱତନ୍ତ୍ର ସତ୍ତା ପାଇବା ହେଉଛି ପ୍ରଥମ ଜନ୍ମ ଏବଂ ମୁଁ କିଏ, ମୋତେ କ'ଣ କରିବାକୁ ହେବ, ଭଳି ବିଭିନ୍ନ ଜିଜ୍ଞାସାର ଫଳପ୍ରଦ ଉତ୍ତର ପାଇବା ହେଉଛି ଦ୍ୱିତୀୟ ଜନ୍ମ। ସମୁଚିତ ଜ୍ଞାନରୁ ହିଁ ମଣିଷ ଦ୍ୱିତୀୟ ଜନ୍ମ ଲଭିଥାଏ। ଗଛ ଉପରୁ ସେଓ କାହିଁ କେଉଁ କାଳରୁ ପଡ଼ି ଆସୁଥିଲା। କେହି କେବେ ସେ ବିଷୟରେ ଚିନ୍ତା କରି ନ ଥିଲେ। ଦିନେ ଜଣେ ମଣିଷ ପ୍ରଥମ କରି ଗଛରୁ ସେଓ ଉପରକୁ ନ ଯାଇ ତଳେ ପଡ଼ିବାର କାରଣ ଜାଣିବାକୁ ଚାହିଁଲେ। ଏହି ଜିଜ୍ଞାସା ପରବର୍ତ୍ତୀ ସମୟରେ ମଣିଷ ସମାଜ ପାଇଁ ଏକ ବିରାଟ ପରିବର୍ତ୍ତନ ଆଣିଦେଲା। ଅପରପକ୍ଷେ ଆଜିକୁ ପ୍ରାୟ ବାଇଶି କି ତେଇଶି ଶହ ବର୍ଷ ପୂର୍ବେ ମହାକବି କାଳିଦାସ ନିଜର ମେଘଦୂତ କାବ୍ୟରେ ମେଘରେ ପତ୍ର ଲେଖିବା କଥା କହିଥିଲେ। ସେତେବେଳର ଆମ ଦେଶର ବିଜ୍ଞାନୀମାନେ ଯଦି ମେଘରେ ବି ପତ୍ର ପ୍ରେରଣ କରାଯାଇପାରେ ପ୍ରସଙ୍ଗରେ ନିଜ ଭିତରରେ ଜିଜ୍ଞାସାକୁ ଉଦ୍ରେକ କରି ପାରିଥା'ନ୍ତେ, ତେବେ ଆଜି ମୋବାଇଲ ଉପରେ ଯେଉଁ ମେସେଜ, ଭିଡିଓ ସବୁ ଆସୁଛି, ଏହି ପ୍ରଯୁକ୍ତିକୁ ସର୍ବପ୍ରଥମେ ଭାରତ ଆଣି ପାରିଥା'ନ୍ତା।

କହିବା ବାହୁଲ୍ୟ ଯେ, କୌଣସି ବ୍ୟକ୍ତିର ଜାଣିବାର ଅସୀମ ଇଚ୍ଛା ହିଁ ତାକୁ ଚରମ ସଫଳତାରେ ପହଞ୍ଚାଇ ଦିଏ। ତେଣୁ ବିଶେଷତଃ ଛୋଟ ପିଲାଙ୍କ ଜିଜ୍ଞାସାକୁ କୌଣସି ପ୍ରକାରେ ଚାପି ନଦେଇ ତା'ର ସନ୍ଦେହ ମୋଚନ ନିମିତ୍ତ ସକରାତ୍ମକ ସହଯୋଗ ଯୋଗାଇ ଦେଲେ ତା' ଭିତରର ନୂତନ ସମ୍ଭାବନା ଆଗକୁ ପ୍ରସ୍ଫୁଟିତ ହେବା ସୁନିଶ୍ଚିତ ହୁଏ। ●

ସିନାପାଲି, ନୂଆପଡ଼ା
ମୋ- ୯୭୭୭୭୫୩୯୩୫



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ଆକର୍ଷଣୀୟ ହୋଇପାରୁନି ମ୍ୟୁଚୁଆଲ ଫଣ୍ଡ ପ୍ଲାନ୍

# ୧୪୦ କୋଟି ଜନସଂଖ୍ୟାରେ ୬କୋଟି ନିବେଶକ

ମୁମ୍ବାଇ, ୧୭।୪ (ଏଜେନ୍ସି): ଭାରତର ଜନସଂଖ୍ୟା ପ୍ରାୟ ୧୪୦ କୋଟିରୁ ଅଧିକ। ତେବେ ଏହି ଲୋକଙ୍କ ମଧ୍ୟରୁ ମାତ୍ର ୧୨ କୋଟି ଲୋକ ଷ୍ଟକ୍ ବଜାରରେ ନିବେଶ କରିବା ପାଇଁ ଡିମାଟ୍ ଆକାଉଣ୍ଟ ଖୋଲିଛନ୍ତି। ତଥାପି, ଏହି ୧୨ କୋଟି ଲୋକ ମଧ୍ୟ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରନ୍ତି ନାହିଁ। ଏଥିରେ ଆଶ୍ଚର୍ଯ୍ୟର କଥା ହେଉଛି ଯେ ଦେଶର ମାତ୍ର ୬ କୋଟିରୁ ଅଧିକ ଲୋକ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରିଛନ୍ତି। ତଥାପି, ପ୍ରତ୍ୟେକ ଅବଗତ ନିବେଶକ ଜାଣନ୍ତି ଯେ ମ୍ୟୁଚୁଆଲ୍ ଫଣ୍ଡ ବ୍ୟାଙ୍କ ସ୍ଥାୟୀ ଜମା ଅପେକ୍ଷା ଅଧିକ ରିଟର୍ଣ୍ଣ ପ୍ରଦାନ କରିଥାଏ।

ଗତ କିଛି ବର୍ଷ ଧରି, କେବଳ ଷ୍ଟକ୍ ବଜାରରେ ସାଧାରଣ ନିବେଶକଙ୍କ ସଂଖ୍ୟା ବୃଦ୍ଧି ପାଇଛି ତାହା ନୁହେଁ, ବରଂ ମ୍ୟୁଚୁଆଲ୍ ଫଣ୍ଡ ନିବେଶ ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ନିବେଶକମାନେ କେବଳ ବଡ଼ ସହରଗୁଡ଼ିକରେ ନୁହେଁ, ବରଂ ସହର ଏବଂ ଗ୍ରାମଗୁଡ଼ିକରେ ମଧ୍ୟ ନିବେଶ କରୁଛନ୍ତି। ତଥାପି, ସେମାନଙ୍କ ସଂଖ୍ୟା କମ୍ ରହିଛି। ଏଥିପାଇଁ, ନିପ୍ପନ୍ ଇଣ୍ଡିଆ ମ୍ୟୁଚୁଆଲ୍ ଫଣ୍ଡ "ପ୍ରତ୍ୟେକ ଭାରତୀୟ ନିବେଶକ" ନାମକ ଏକ ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ନିବେଶକମାନଙ୍କୁ ଶୃଙ୍ଖଳିତ ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବିଷୟରେ ଶିକ୍ଷା ଦେବା, ସୂଚନା ଦେବା ଏବଂ ସଚେତନ କରିବା ଯାହା ଦ୍ୱାରା ସେମାନେ ମ୍ୟୁଚୁଆଲ୍ ଫଣ୍ଡ ରିଟର୍ଣ୍ଣରୁ ଲାଭ ପାଇପାରିବେ।

କମ୍ପାନୀ ସୂଚନା ଅନୁଯାୟୀ, ଏହି ଅଭିଯାନ ଖୁଚୁରା ନିବେଶକମାନଙ୍କୁ ଶିକ୍ଷା ଦେବ ଏବଂ ନିବେଶ ଜଗତରେ ପ୍ରଥମ ପାଦ ଦେବା ସମୟରେ ସେମାନଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ପାଇଁ କାର୍ଯ୍ୟକ୍ରମ ଆୟୋଜନ କରିବ। ଅଭିଯାନର ପ୍ରଥମ ପର୍ଯ୍ୟାୟରେ ସମ୍ଭାବ୍ୟ ନିବେଶକମାନଙ୍କ ସହିତ ଯୋଗାଯୋଗ କରାଯିବ। ଲକ୍ଷ୍ୟ ହେଉଛି ପ୍ରତ୍ୟେକ ପରିବାରର ଅତି କମ୍‌ରେ ଜଣେ ସଦସ୍ୟ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରିବା। ବିଶ୍ଳେଷଣରୁ ଜଣାପଡ଼ିଛି ଯେ ମ୍ୟୁଚୁଆଲ୍ ଫଣ୍ଡଗୁଡ଼ିକ ଏସ୍ଆଇପି ଭଳି ସରଳ ଉପକରଣ ସହିତ ସିଧାସଳଖ ଇକ୍ୱିଟି ନିବେଶ ଅପେକ୍ଷା ଅଧିକ ବ୍ୟବସ୍ଥିତ ନିବେଶ ବିକଳ୍ପ ପ୍ରଦାନ କରେ, ଯାହା ଅଧିକ ସମୟ ବିପଦ ବହନ କରେ ଏବଂ ବଜାର ପ୍ରବେଶ ଏବଂ ପ୍ରସ୍ଥାନ ନିଷ୍ପତ୍ତି ଉପରେ ଅଧିକ ନିର୍ଭରଶୀଳ।

ଷ୍ଟକ୍ ବଜାର ନିୟାମକ ସେବି ସମ୍ପ୍ରତି ସୂଚିତ କରିଛି ଯେ ୯୦%ରୁ ଅଧିକ ନିବେଶକ ଫ୍ୟୁଚର୍ସ ଏବଂ ବିକଳ୍ପ (ଏଫ୍ଆଣ୍ଡଓ) ଭଳି ଉନ୍ନତ ଉପକରଣରେ ନିବେଶ କରି କ୍ଷତି ସହିଛନ୍ତି। ଏହା ଏପରି ଏକ ସମୟରେ ଆସିଛି, ଯେତେବେଳେ ମ୍ୟୁଚୁଆଲ୍ ଫଣ୍ଡଗୁଡ଼ିକ ପ୍ରତି ମାସରେ ନୂତନ ରେକର୍ଡ ସ୍ଥାପନ କରୁଛନ୍ତି। ଚଳିତ ମାସରେ ଏଏମ୍ଏଫ୍ଆଇ ପକ୍ଷରୁ ପ୍ରକାଶିତ ମ୍ୟୁଚୁଆଲ୍ ଫଣ୍ଡ ତଥ୍ୟ ଅନୁଯାୟୀ, ମାର୍ଚ୍ଚ ମାସରେ ପାଣ୍ଠିକୁ ପ୍ରବେଶ ୫୬% ବୃଦ୍ଧି ପାଇ ୪୦,୪୫୦ କୋଟି ଟଙ୍କାରେ ପହଞ୍ଚିଛି। ବାର୍ଷିକ ଆଧାରରେ, ଏହା ୬୧% ବୃଦ୍ଧିକୁ ପ୍ରତିନିଧିତ୍ୱ କରେ। ଗତ ବର୍ଷ ସମାନ ମାସରେ ପାଣ୍ଠିରେ ନିବେଶ ୨୫,୦୮୨ କୋଟି ଟଙ୍କାରେ ପହଞ୍ଚିଥିଲା।

## ବଲାଙ୍ଗିରକୁ ରେଡ୍‌ୱାର୍ଣ୍ଣିଂ | ଆଜିଠୁ ୨୧ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ବନ୍ଦ

ବଲାଙ୍ଗିର,୧୭।୪(ସମିସ): ରାଜ୍ୟ ପାଣିପାଗ ବିଭାଗ ବା ଆଇଏମଡି ଦ୍ୱାରା ବଲାଙ୍ଗିରକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ମଧ୍ୟ ପଦକ୍ଷେପ ନେଇଛି। ସାଧାରଣ ଲୋକଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲା ପ୍ରଶାସନ ନିଷ୍ପତ୍ତିକ୍ରମେ ଶନିବାରଠାରୁ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସମସ୍ତ ସ୍କୁଲ, କଲେଜ ଓ ବୈଷୟିକ ପ୍ରତିଷ୍ଠାନଗୁଡ଼ିକୁ ୨୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିଷ୍ପତ୍ତି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଏହି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି। ତେବେ ପରୀକ୍ଷା କାର୍ଯ୍ୟସୂଚୀ ଅପରିବର୍ତ୍ତିତ ରହିଛି।

## ଅବଶିଷ୍ଟାଂଶ...

### କାଟ୍ ଖାଇଲା...

କାରଣ ଏହି ଦୁଇଟି ବିଲ୍ ସମ୍ବିଧାନ ସଂଶୋଧନ ବିଲ୍ ସହିତ ଯୋଡ଼ି ହୋଇ ରହିଥିଲା। ଏହାପରେ ବାଚସ୍ପତି ଗୃହକୁ ମୁଲତବୀ କରିଦେଇଥିଲେ। ମହିଳା ସଂରକ୍ଷଣ ସହିତ ସୀମା ପୁନଃନିର୍ଦ୍ଧାରଣ ଯୋଡ଼ି ସରକାର ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଆଣିଥିଲେ। ସରକାର ଏହି ବିଲ୍ ଜରିଆରେ ପ୍ରସ୍ତାବ ଦେଇଥିଲେ ଯେ ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା ଲୋକସଭା ସଭ୍ୟସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି ପାଇବ। ଏଥିରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷିତ ରହିବ। ଏହା ଆଜି ଅନୁମୋଦିତ ହୋଇଥିଲେ ୨୦୨୯ ସାଧାରଣ ନିର୍ବାଚନରୁ କାର୍ଯ୍ୟକାରୀ ହୋଇଥାଆନ୍ତା। କିନ୍ତୁ ବିରୋଧୀ ଦଳ ଏହି ଦୁଇଟି ବିଲକୁ ଯୋଡ଼ାଯାଇଥିବାରୁ ଏହାର ବିରୋଧ କରିଥିଲେ। ସେମାନେ ମହିଳା ସଂରକ୍ଷଣ ବିଲକୁ ସମର୍ଥନ କରିଥିଲେ ମଧ୍ୟ ସୀମା ପୁନଃନିର୍ଦ୍ଧାରଣକୁ ବିରୋଧ କରିଥିଲେ। ୨୦୧୧ ଜନଗଣନାକୁ ଆଧାର କରି ସୀମା ପୁନଃନିର୍ଦ୍ଧାରଣ କରାଯାଇପାରିବ ନାହିଁ ଏବଂ ଏଥିପାଇଁ ୨୦୨୭ ଜନଗଣନା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସେମାନେ ଦାବି କରିଥିଲେ।

ମହିଳାମାନଙ୍କ ସ୍ୱାର୍ଥ ପାଇଁ ୩୩ ଭାଗ ସଂରକ୍ଷଣ ଜରୁରୀ ଏବଂ ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟାରେ କୌଣସି ଦକ୍ଷିଣ ରାଜ୍ୟର ପ୍ରତିନିଧିତ୍ୱ କମିବ ନାହିଁ ବୋଲି ସରକାର ବିରୋଧୀଙ୍କୁ ଆଶ୍ୱାସନା ଦେଇଥିଲେ। ଏପରିକି ଏଥିପାଇଁ ଲିଖିତ ପ୍ରତିଶ୍ରୁତି ଦେବାକୁ ମଧ୍ୟ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଥିଲେ। ସେହିଭଳି ନାରୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏଭଳି ଐତିହାସିକ ସୁଯୋଗ ହାତଛଡ଼ା ନକରିବା ଲାଗି ପ୍ରଧାନମନ୍ତ୍ରୀ ମୋଦୀ ସମସ୍ତ ସାଂସଦଙ୍କୁ ବ୍ୟକ୍ତିଗତ ଭାବେ ଅନୁରୋଧ କରିଥିଲେ। ତେବେ ବିଲ୍ କାଟ ଖାଇଲା ପରେ ସରକାର ବିରୋଧୀଙ୍କର ତୀବ୍ର ସମାଲୋଚନା କରି ସେମାନଙ୍କୁ ନାରୀ ସଂରକ୍ଷଣ ବିରୋଧୀ ବୋଲି କହିଛନ୍ତି। ବିଲ୍ ପରାଜୟ ଲାଗି ଅମିତ ଶାହ କଂଗ୍ରେସ, ଟିଏମସି, ଡିଏମକେ ଏବଂ ସମାଜବାଦୀ ପାର୍ଟିକୁ ଦାୟୀ କରି କହିଛନ୍ତି ଯେ ମହିଳାଙ୍କ ସମ୍ମାନ ଲାଗି ସରକାର ଉଦ୍ୟମ ଜାରି ରଖିବେ।

ଅନ୍ୟପକ୍ଷେରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ ମହିଳାଙ୍କ ନାମରେ ସମ୍ବିଧାନକୁ ଭାଙ୍ଗିବା ଲାଗି ସରକାର ଅସାମ୍ବିଧାନିକ କାର୍ଯ୍ୟ କରୁଥିଲେ ଏବଂ ବିରୋଧୀ ସେହି ଚକ୍ରାନ୍ତକୁ ବ୍ୟର୍ଥ କରିଦେଇଛନ୍ତି। ଏହି ବିଲ୍ ଜରିଆରେ ସରକାର ଦେଶର ନିର୍ବାଚନ ଚିତ୍ର ବଦଳାଇବାକୁ ଉଦ୍ୟମ କରିଥିଲେ। ମହିଳାମାନଙ୍କ ବିକାଶ ଏହି ବିଲ୍‌ର ଉଦ୍ଦେଶ୍ୟ ନଥିଲା। ମହିଳାଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଯଦି ସରକାରଙ୍କର ଆନ୍ତରିକତା ରହିଛି, ତାହାହେଲେ ମହିଳା ସଂରକ୍ଷଣ ବିଲ୍-୨୦୨୩କୁ କାର୍ଯ୍ୟକାରୀ କରନ୍ତୁ ଏବଂ ସମଗ୍ର ବିରୋଧୀ ଦଳ ଏଥିରେ ପୂର୍ଣ୍ଣମାତ୍ରାରେ ସହଯୋଗ କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ରାହୁଲ କହିଛନ୍ତି। ଇତିମଧ୍ୟରେ ବିଜେପି ପକ୍ଷରୁ ଆଜି ଘୋଷଣା କରଯାଇଛି ଯେ ମହିଳା ସଂରକ୍ଷଣ ବିଲକୁ ପରାଜିତ କରିଥିବା କଂଗ୍ରେସ ବିରୋଧରେ ଦେଶବ୍ୟାପୀ ପ୍ରତିବାଦ କରାଯିବ। ବିଲ୍ କାଟ୍ ଖାଇବା ପରେ ଆଜି ରାତି ଏନଡିଏର ମହିଳା ସାଂସଦ ସଂସଦ ପରିସରରେ ଧାରଣା ଦେଇଥିଲେ।

### ସତ୍ୟର ଜୟ ହୋଇଛି...

ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ସେ କେବଳ ଏହା ବିରୋଧରେ ଦୃଢ଼ ଆପତ୍ତି ଉଠାଇ ନ ଥିଲେ; ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ସମସ୍ତ ସାଂସଦଙ୍କୁ ଚିଠି ଲେଖି ଏକତ୍ରିତ ହୋଇ ଓଡ଼ିଶାର ହିତକୁ ସୁରକ୍ଷିତ ରଖିବାକୁ ଅନୁରୋଧ କରିଥିଲେ। ମାତ୍ର ଦୁଃଖଦାୟକ କଥା ହେଉଛି ଯେ ଓଡ଼ିଶାର ୨୦ ଜଣ ବିଜେପି ସାଂସଦ ଏହି ସମୟରେ ସଠିକ୍ ଭୂମିକା ନିର୍ବାହ କଲେ ନାହିଁ। ସେମାନେ ରାଜ୍ୟର ଅଧିକାର ପାଇଁ ଠିଆ ହେବା ପରିବର୍ତ୍ତେ, ଦଳୀୟ ନିର୍ଦ୍ଦେଶକୁ ଅନୁସରଣ କରିଥିଲେ। ଏହାସତ୍ତ୍ୱେ ସତ୍ୟର ଜୟ ହୋଇଛି ଏବଂ ନ୍ୟାୟ ସ୍ଥାପିତ ହୋଇଛି। ସଂସଦରେ ସୀମିତ ପ୍ରତିନିଧିତ୍ୱ ଥିଲେ ମଧ୍ୟ ଆମେ ଆମ ନେତାଙ୍କ ଅତୁଟ ପ୍ରତିବଦ୍ଧତା ପାଇଁ ଗର୍ବିତ। ନବୀନ ପଟ୍ଟନାୟକ ସର୍ବଦା ଓଡ଼ିଶା ଓ ଓଡ଼ିଆ ଲୋକମାନଙ୍କ ପାଇଁ ଲଢ଼ି ଆସୁଛନ୍ତି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

### ଖୋଲିଲା ହର୍ମୁଜ...

ଅନୁଯାୟୀ, ଇସ୍ରାଏଲ ଏବଂ ଲେବାନନ୍ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ପାଇଁ ୧୦ ଦିନିଆ ଯୁଦ୍ଧ ବିରତି ଘୋଷଣା କରାଯାଇଛି। ଏହି ଖବର ପ୍ରସାରିତ ହେବା ପରେ ଲେବାନନର ବିଭିନ୍ନ ସ୍ଥାନରେ ଲୋକମାନେ ଉତ୍ସବ ପାଳନ କରୁଥିବା ଦେଖିବାକୁ ମିଳିଛି। ତେବେ ହିଜବୁଲ୍ଲା ଏହି ଯୁଦ୍ଧ ବିରତିକୁ ସତର୍କତା ଓ ସାବଧାନତାର ସହ ଗ୍ରହଣ କରିବ ବୋଲି କହିଛି। ତୁର୍କୀର ରାଷ୍ଟ୍ରପତି ରସେପ୍ ତାୟିପ୍ ଏରଦୋଗାନ କହିଛନ୍ତି ଯେ, ହରମୁଜ୍ ପ୍ରଣାଳୀକୁ ବାଣିଜ୍ୟିକ କାରବାର ପାଇଁ ଖୋଲା ରଖିବା ବିଶ୍ୱ ଅର୍ଥନୀତି ପାଇଁ ପ୍ରାଥମିକତା ହେବା ଉଚିତ। ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ସୃଷ୍ଟି ହୋଇଥିବା ଏହି ଯୁଦ୍ଧ ବିରତି ସୁଯୋଗକୁ ଏକ ସ୍ଥାୟୀ ଶାନ୍ତି ଚୁକ୍ତିରେ ପରିଣତ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଯୁଦ୍ଧ ବିରତି ଲାଗୁ ହେବାର କିଛି ଘଣ୍ଟା ପୂର୍ବରୁ ଇସ୍ରାଏଲୀ ସେନା ଦକ୍ଷିଣ ଲେବାନନରେ ପ୍ରବଳ ବୋମାମାଡ଼ କରିଥିଲେ। ଏଥିରେ ସିଦୋନ ଜିଲ୍ଲାରେ ୩ ଜଣ ଏବଂ ଜାହରାନୀ ଅଞ୍ଚଳରେ ୮ ଜଣଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟ ମିଳିଛି। ବର୍ତ୍ତମାନ ଦକ୍ଷିଣ ଲେବାନନ୍‌ର ତେବନିନ୍ ଡାକ୍ତରଖାନା ଲିଟାନି ନଦୀର ଦକ୍ଷିଣରେ କାର୍ଯ୍ୟ କରୁଥିବା ଏକମାତ୍ର ଚିକିତ୍ସାଳୟ ହୋଇ ରହିଛି, ଯାହା ନିଜେ ମଧ୍ୟ ଏକାଧିକ ଆକ୍ରମଣର ଶିକାର ହୋଇଛି। ବିଶେଷଜ୍ଞଙ୍କ ମତରେ, ଏହି ଯୁଦ୍ଧ ବିରତି ସାଧାରଣ ନାଗରିକଙ୍କ ପାଇଁ ଏକ 'ଆଶାର କିରଣ' ସଦୃଶ। ଯଦିଓ ଏହା ଏକ ସ୍ଥାୟୀ ସମାଧାନ ନୁହେଁ, ତଥାପି ଏହା ଡୋନାଲ୍ଡ ଟ୍ରମ୍ପ ଏବଂ ଇରାନ ମଧ୍ୟରେ ଆଗାମୀ ଦିନରେ ଏକ ବଡ଼ ଧରଣର ଶାନ୍ତି ଆଲୋଚନା ପାଇଁ ପଥ ପରିଷ୍କାର କରିପାରେ।

### ଓଡ଼ିଆ ସ୍ୱାଭିମାନ...

ତିରୋଧାନ ଦିବସରେ ସଂସଦରେ ମହିଳା ସଂରକ୍ଷଣ ବିଲ୍ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଉଛି । ତେଣୁ ବିଜୁ ଜନତା ଦଳ ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ ଜଣାଉଛି । ମାତ୍ର ଇତିହାସ ସାକ୍ଷୀ ଅଛି, ଓଡିଶା ଲଗାତର ଭାବେ କେନ୍ଦ୍ରୀୟ ଅବହେଳାର ଶିକାର ହୋଇଆସୁଛି । ଏବେ ଡିଲିମିଟେସନ ବିଲ୍ ମାଧ୍ୟମରେ ଓଡିଶାର ରାଜନୈତିକ ପରିଚୟ ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଓଡିଆ ସ୍ୱାଭିମାନ ଆଜି ବିପଦରେ । ସଂସଦରେ ଓଡିଶାର ପ୍ରତିନିଧିତ୍ୱ କମିଯାଉଥିବା ଆଶଙ୍କା ଉପୁଜିଥିବାରୁ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖି ବିଧାନସଭାର ଏକ ବିଶେଷ ଅଧିବେଶନ ଡାକି, ଓଡିଶାର ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ଅନୁରୋଧ କରିଥିଲି; କିନ୍ତୁ ଏବେ ଲାଗୁଛି ରାଜ୍ୟ ବିଜେପି ସରକାର ଏହିଭଳି ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନୀରବଦ୍ରଷ୍ଟା ସାଜିବାକୁ ପସନ୍ଦ କରୁଛି । ରାଜ୍ୟ ବିଜେପି ସରକାର ଓଡିଆ କି ଓଡିଶାର ସ୍ୱାର୍ଥ ନୁହେଁ ବରଂ ଦଳୀୟ ସ୍ୱାର୍ଥ ପୂରଣ ପାଇଁ ଗୁରୁତ୍ୱ ଦେଉଥିବା ସ୍ପଷ୍ଟ ହେଉଛି। ଆଉ ଏକ ଚିଠି ମାଧ୍ୟମରେ ମୁଁ ଏହି ପ୍ରସଙ୍ଗରେ ରାଜ୍ୟର ସମସ୍ତ ସାଂସଦମାନଙ୍କୁ ଅବଗତ କରିବା ସହିତ ରାଜ୍ୟର ହିତ ଦୃଷ୍ଟିରୁ ଦଳଗତ ରାଜନୀତିରୁ ଊର୍ଦ୍ଧ୍ୱରେ ରହି, ଏ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରିବାକୁ ଅନୁରୋଧ କରିଛି । ବିଜୁ ବାବୁ ଓଡିଆ ସ୍ୱାଭିମାନର ପ୍ରତୀକ ଥିଲେ । ଆଜି ତାଙ୍କ ତିରୋଧାନ ଦିବସରେ ଓଡିଆ ସ୍ୱାଭିମାନର ସୁରକ୍ଷା ପାଇଁ ଆମର ସମ୍ମିଳିତ ଉଦ୍ୟମ ହେବ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ।

ତିରୋଧାନ ଦିବସ ଅବସରରେ ସକାଳେ ବିଜୁ ସାଗରଠାରେ ବିଜେଡି ପକ୍ଷରୁ ତିଳତର୍ପଣ ଅର୍ପଣ କରାଯାଇଥିଲା। ପରେ ଫରେଷ୍ଟ ପାର୍କ ଓ ଏୟାରପୋର୍ଟ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କ୍ୟାପିଟାଲ ହସ୍ପିଟାଲରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶ୍ରଦ୍ଧାଞ୍ଜଳି ସଭା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ପଣ୍ଡା, ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡଃ ଲେନିନ ମହାନ୍ତି ଓ ଡଃ ପ୍ରିୟବ୍ରତ ମାଝୀ ଆଜିର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶଙ୍ଖ ଭବନରେ ଆୟୋଜିତ 'ପ୍ରବାଦ ପୁରୁଷ ଦିବସ' କାର୍ଯ୍ୟକ୍ରମକୁ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସଂଯୋଜନା କରିଥିବା ବେଳେ ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, କଳିକେଶ ନାରାୟଣ ସିଂଦେଓ, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଇତ୍ୟାଦି ନିଜର ବକ୍ତବ୍ୟ ରଖିବା ସହିତ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭୁବନେଶ୍ୱର ମେୟର ସୁଲୋଚନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବିଜୟ ନାୟକ, ତୁମ୍ବନାଥ ପଣ୍ଡା, ମିହିର ରାୟ, ମନ୍ମଥ ରାଉତରାୟ, ସୁମିତ୍ରା ଜେନା, ବିପ୍ଳବ ପାତ୍ର, ଅମରେଶ ପତ୍ରି, ଦୁର୍ଗା ସାମନ୍ତରାୟ, ତନ୍ମୟ ସ୍ୱାଇଁ, ଡେପୁଟି ମେୟର ମଞ୍ଜୁଲତା କହଁର, ପୂର୍ବତନ ବିଧାୟକ ଆୟୁବ ଖାନ୍, ବାସନ୍ତୀ ମଲ୍ଲିକ, ରମାରଞ୍ଜନ ବଳିଆରସିଂହ, ପୂର୍ବତନ ମେୟର ମିହିର ମହାନ୍ତି, କର୍ପୋରେଟର ମାନସୀ ସୁନ୍ଦରରାୟ, ପ୍ରୀତିନନ୍ଦା ରାଉତରାୟ, ଭାରତୀ ସିଂହ, ଆସିଆ ବେଗମ, ରଞ୍ଜୁଲତା ରାୟ, ଛବି ଦାସ, ପୁଷ୍ପାଞ୍ଜଳି ସେଠୀ, ପିଙ୍କି ସ୍ୱାଇଁ, ଅଲିଅଲି ମଲ୍ଲିକ, ପ୍ରଭାସିନୀ ମହାନ୍ତି, ପୁଷ୍ପା ରାଉତଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ଉପକୂଳରେ କଳବଳ...

ରହିଥିବା ବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ ଦକ୍ଷିଣ-ଦକ୍ଷିଣ ପଶ୍ଚିମ ବାୟୁ ପ୍ରଭାବରେ ଅଧିକ ଜଳୀୟବାଷ୍ପ ଆସୁଛି। ଫଳରେ 'ହିଟ୍ ଇଣ୍ଡେକ୍ସ' ବୃଦ୍ଧି ପାଇ ଅସହ୍ୟ ଗୁଳୁଗୁଳି ସୃଷ୍ଟି ପାଇଁ ପାଗ ଅନୁକୂଳ ରହୁଛି। ଆସନ୍ତା ଏପ୍ରିଲ ୨୨ ତାରିଖ ପର୍ଯ୍ୟନ୍ତ ଆକାଶ ନିର୍ମଳ ରହିବ ଏବଂ ପ୍ରଖର ସୂର୍ଯ୍ୟକିରଣ ଅନୁଭୂତ ହେବ। ପାଣିପାଗ ମଡେଲଗୁଡ଼ିକ ଅନୁଯାୟୀ, ବଙ୍ଗୋପସାଗର ଉପରେ ଏକ ଶକ୍ତିଶାଳୀ ପ୍ରତି-ଘୂର୍ଣ୍ଣିବଳୟ (ଆଣ୍ଟିସାଇକ୍ଲୋନିକ ସର୍କୁଲେସନ) ସୃଷ୍ଟି ହୋଇଛି। ଏହା ବାୟୁମଣ୍ଡଳରେ ବର୍ଷା ପ୍ରକ୍ରିୟାକୁ ବାଧାପ୍ରାପ୍ତ କରୁଛି। ଏହାସହ ପ୍ରଶାନ୍ତ ମହାସାଗରରେ ଏଲ୍-ନିନୋ ବର୍ତ୍ତମାନ 'ନ୍ୟୁଟ୍ରାଲ' ବା ସ୍ଥିର ଅବସ୍ଥାରେ ରହିଛି। ଏହା ଏପ୍ରିଲରେ ସାଧାରଣତଃ ମହାଦେଶୀୟ ତାପମାତ୍ରା ବୃଦ୍ଧିରେ ସହାୟକ ହୋଇଥାଏ। ଏଭଳି କାରଣମାନ ରାଜ୍ୟରେ ତାପମାତ୍ରା ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ନିର୍ବାହ କରୁଛି।

ଅନ୍ୟପଟେ, ରାଜ୍ୟରେ ଆଗକୁ ତାପମାତ୍ରା ପ୍ରାୟ ୪୨ ଡିଗ୍ରିରୁ ଅଧିକ ରହିବ। ଝାରସୁଗୁଡ଼ା ଏବଂ ସମ୍ବଲପୁରରେ ଏହା ୪୫ ଡିଗ୍ରି ଛୁଇଁବାର ସମ୍ଭାବନା ଅଛି। ସେହିପରି ଉପକୂଳ ଓଡ଼ିଶାରେ ତାପମାତ୍ରା ୩୭-୩୯ ଡିଗ୍ରୀ ମଧ୍ୟରେ ରହିଲେ ମଧ୍ୟ ୭୫ ପ୍ରତିଶତ ଆର୍ଦ୍ରତା ହେତୁ ଅନୁଭୂତ ହେଉଥିବା ତାପମାତ୍ରା ପ୍ରାୟ ୪୮ ଡିଗ୍ରି ପରି ମନେହେବ ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି। ଭୁବନେଶ୍ୱର ଏବଂ କଟକରେ ଏପ୍ରିଲ ୧୯ସୁଦ୍ଧା ତାପମାତ୍ରା ୪୧ ଡିଗ୍ରୀ ଛୁଇଁପାରେ। ଜଳୀୟବାଷ୍ପ ଯୋଗୁଁ ଗୁଳୁଗୁଳି ଅସହ୍ୟ ହେବ। ଏପ୍ରିଲ ୧୭-୨୨ ମଧ୍ୟରେ ୫ଟି ପ୍ରମୁଖ ସ୍ଥାନ ଯଥା ଝାରସୁଗୁଡ଼ା ୪୪.୫-୪୫.୫, ସମ୍ବଲପୁର ୪୪-୪୫, ବୌଦ୍ଧ ୪୩.୫-୪୪.୫, ଅନୁଗୋଳ ୪୩-୪୪, ବଲାଙ୍ଗିର ୪୩-୪୩.୫ ଡିଗ୍ରୀ ରହିବାର ଆଶଙ୍କା ରହିଛି।

### ପାରିବାରିକ କଳହରୁ...

ପାଖକୁ ପଠାଇଥିଲେ। ଏହାକୁ କେନ୍ଦ୍ର କରି ଗତକାଲି ମଧ୍ୟ ରାତ୍ରିରେ ଉଭୟ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଲିଙ୍ଗା ଏକ ଛୁରିରେ ଭଗବାନଙ୍କୁ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ଏନେଇ ବଡ଼ବଜାର ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲାରେ ଏକାଧିକଙ୍କ ସମ୍ପୃକ୍ତି ରହିଥିବା ପୁଲିସ ତଦନ୍ତ ବେଳେ ଜଣାପଡ଼ିଥିବା ବେଳେ ଥାନାରେ ୪ଜଣଙ୍କୁ ଅଟକ ରଖି ପଚରାଉଚରା ଚାଲିଛି।

### ରାତି ବିତେଇବାକୁ...

ସହ ବାରମ୍ବାର ତାଙ୍କ ସହ ଦୈହିକ ସମ୍ପର୍କ ରଖିବା ପାଇଁ ବାଧ କରୁଥିବା ଅଭିଯୋଗ ହୋଇଛି। ଏପରିକି, ଏସ୍‌ଡିପିଓ ପରୋକ୍ଷରେ ତାଙ୍କ ସହ ରାତି ବିତାଇବା ପାଇଁ ଡାକିଥିବାର ଏକ ଅଡିଓ-କ୍ଲିପ୍ ମଧ୍ୟ ମହିଳାଙ୍କଠାରୁ ମିଳିଛି। ସେଥିରେ ଏସ୍‌ଡିପିଓ ଅଟୋରେ ଆସି ରାତିରେ ରହିବାକୁ କହୁଥିବା ଏବଂ ସମ୍ପର୍କ ରଖିଲେ କିଛି ଅସୁବିଧା ହେବ କି ବୋଲି ପ୍ରଶ୍ନ କରିଥିବା ଶୁଣାଯାଇଛି। ଉକ୍ତ ମହିଳା ଏହାକୁ ବାରମ୍ବାର ବିରୋଧ କରିବା ସହ ଅନେକ ସମୟରେ ଏଡ଼ାଇ ଯିବାକୁ ବାଧ ହୋଇଥିଲେ ବି ଏସ୍‌ଡିପିଓ ତାଙ୍କ ପିଛା ଛାଡୁନଥିବା ଅଭିଯୋଗ ହୋଇଛି। ଏନେଇ ମହିଳାଜଣଙ୍କ ପୁଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଯାଇ ଘଟଣା ସମ୍ପର୍କରେ ଅଭିଯୋଗ କରିଛନ୍ତି। ସୋମବାର ତାଙ୍କୁ ଡିଜିଙ୍କୁ ଭେଟିବାକୁ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ଏହା ପୂର୍ବରୁ ମଧ୍ୟ ଫତେଗଡ଼ ଥାନା ଅନ୍ତର୍ଗତ ଭଗବନାପୁର ଗ୍ରାମର ମଞ୍ଜୁ ଦଳେଇ ଏସ୍‌ଡିପିଓଙ୍କ ନାମରେ ଲାଞ୍ଚ ମାଗିବା ସହ ଅନୈତିକ କାର୍ଯ୍ୟ କରିବାକୁ ଏସ୍‌ଡିପିଓ ବାଧ କରୁଥିବା ଅଭିଯୋଗ ହୋଇଥିଲା। ଏନେଇ ମଞ୍ଜୁ ନୟାଗଡ଼ ଜିଲ୍ଲାପାଳ, ଏସ୍‌ପି ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କୁ ଅଭିଯୋଗ କରିଥିଲେ। ଖଣ୍ଡପଡ଼ା ଏସ୍‌ଡିପିଓ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଖାସ୍ ଅଟନ୍ତି। ଖଣ୍ଡପଡ଼ା ବିଧାୟକଙ୍କ ସହ ତାଙ୍କର ଘନିଷ୍ଠତା ନିବିଡ଼ ହୋଇଥିବାରୁ ସେ ଏଠାରେ ଅନେକ ବିଶୃଙ୍ଖଳିତ କାର୍ଯ୍ୟ କରୁଛନ୍ତି ବୋଲି ବାରମ୍ବାର ଅଭିଯୋଗ ହୋଇଆସୁଛି। ତଥାପି ପୁଲିସ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ବେଳେ ଆଜି ସାମ୍ନାକୁ ଆସିଥିବା ଘଟଣାକୁ ନେଇ ଜିଲ୍ଲାରେ ଅସନ୍ତୋଷର ନିଆଁ ଜଳିବା ଆରମ୍ଭ ହୋଇଛି। ଉକ୍ତ ମହିଳାଙ୍କୁ ନ୍ୟାୟ ପ୍ରଦାନ ଏବଂ ଏସ୍‌ଡିପିଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ନଚେତ୍ ବିଭିନ୍ନ ସଂଗଠନ ନୟାଗଡ଼ରୁ ରାଜଧାନୀ ମହିଳା ଶୋଭାଯାତ୍ରା କରିବେ ବୋଲି ପ୍ରସ୍ତୁତି ହେଉଛନ୍ତି। ଏହି ଘଟଣାକୁ ନେଇ ଏସ୍‌ଡିପିଓ ମଦନ ମୋହନ ପ୍ରଧାନଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ଫୋନ୍ ଉଠାଇ ନାହାନ୍ତି।

## ଏନ୍‌କାଉଣ୍ଟର୍‌ରେ ୪ ନକ୍ସଲ ନିହତ

ରାଉରକେଲା,୧୭।୪(ସମିସ): ବୁଧବାରଠାରୁ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ବଲିବାଠାରେ ସୁରକ୍ଷା ବଳ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଥିବା ବେଳେ ଓଡ଼ିଶା ସୀମାନ୍ତବର୍ତ୍ତୀ ଝାଡ଼ଖଣ୍ଡ ରାଜ୍ୟର ଚତରା ଓ ହଜାରିବାଗ ଜିଲ୍ଲା ସୀମା ଚତରା ଜିଲ୍ଲାର ପିପରୱାର ଥାନା ଅଞ୍ଚଳର ବଟୁକା ଘନ ଜଙ୍ଗଲରେ ଆଜି ଝାଡ଼ଖଣ୍ଡ ପୁଲିସ ଓ କୋବ୍ରା ବାଟାଲିୟନ ସୁରକ୍ଷାବଳ ଏବଂ ସିପିଆଇ ମାଓବାଦୀ ସଂଗଠନର ସଦସ୍ୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଉଭୟ ପକ୍ଷ ମଧ୍ୟରେ ପ୍ରାୟ ୧ଘଣ୍ଟା ଧରି ଗୁଳି ବିନିମୟ ଚାଲିଥିଲା। ଏଥିରେ ୪ଜଣ ମାଓବାଦୀଙ୍କର ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୧୫ ଲକ୍ଷ ଟଙ୍କା ପୁରସ୍କାର ଥିବା ସବ୍-ଜୋନାଲ କମାଣ୍ଡର ସହଦେବ ମହତୋ ଓ ଜଣେ ମହିଳା କ୍ୟାଡର୍ ନକ୍ସଲ ନତାଶାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସହଦେବ ମହତୋ ଦୀର୍ଘ ସମୟ ଧରି ଚତରା, ହଜାରିବାଗ ଓ ଲାତେହାର ଅଞ୍ଚଳରେ ସକ୍ରିୟ ରହିଥିଲେ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏହି ଘଟଣା ପରେ ସୁରକ୍ଷାବଳ ଦ୍ୱାରା ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅଭିଯାନକୁ ଅଧିକ ଜୋରଦାର୍ କରାଯାଇଛି। ଘଟଣାସ୍ଥଳରୁ ୪ ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନଙ୍କ ନିକଟରୁ ୨ଟି ଏକେ-୪୭ ରାଇଫଲ, ବହୁ ପରିମାଣର ଜୀବନ୍ତ ଗୁଳି, ନକ୍ସଲୀ ସାହିତ୍ୟ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ଜବତ କରାଯାଇଛି। ମୃତ ୪ ନକ୍ସଲଙ୍କ ନାମ ଓ ପରିଚୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଅଧିକାରିକ ଭାବେ ଘୋଷଣା କରାଯିବ ବୋଲି ଚତରା ଏସ୍‌ପି ସୁମିତ କୁମାର ଅଗ୍ରୱାଲ କହିଛନ୍ତି।

## ବକେୟା ଟଙ୍କା ପାଇଁ ସର୍ବସାଧାରଣ ସମ୍ପତ୍ତିକୁ ଅବରୋଧ ବେଆଇନ : ହାଇକୋର୍ଟ

କଟକ, ୧୭।୪ (ସମିସ): ଜଣେ ନିଜର ଆର୍ଥିକ ତଥା ବକେୟା ପ୍ରାପ୍ୟ ଦାବି ପୂରଣ ପାଇଁ ସର୍ବସାଧାରଣ ସମ୍ପତ୍ତିକୁ ଅବରୋଧ କରିପାରିବେ ନାହିଁ। ଷ୍ଟାଡିୟମ୍ ଏକ ସରକାରୀ ସମ୍ପତ୍ତି ଏବଂ ଏଠାରେ ସାଧାରଣ ଜନତାଙ୍କ ପ୍ରବେଶକୁ ବାରଣ କରିବା ବେଆଇନ। ଯଦି କୌଣସି ଅର୍ଥ ବକେୟା ଅଛି, ସେଥିପାଇଁ ଆବେଦନକାରୀ ଠିକାଦାରଜଣଙ୍କ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇ ଆଇନଗତ ଭାବେ ଅର୍ଥ ଆଦାୟ ପାଇଁ ଚେଷ୍ଟା କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ନୃସିଂହ ଚରଣ ମୁଦୁଲିଙ୍କ ତରଫରୁ ରୁଜୁ ଆବେଦନକୁ ଖାରଜ କରି ଡ. ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ୨୦୨୩ ମସିହାରେ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ନେମାଳ ଅଞ୍ଚଳରେ 'ମହାପୁରୁଷ ଶ୍ରୀ ଅଚ୍ୟୁତାନନ୍ଦ ମିନି ଷ୍ଟାଡିୟମ ପ୍ରାୟ ୭ଏକର ସରକାରୀ ଜମିରେ ଏହି ମିନି ଷ୍ଟାଡିୟମ ନିର୍ମାଣ କରାଯାଇଥିଲା। ଠିକାଦାର ନୃସିଂହ ଚରଣ ମୁଦୁଲି ଏହି କାର୍ଯ୍ୟ ସମ୍ପାଦନ କରିଥିଲେ। ଆବେଦନକାରୀଙ୍କ ଦର୍ଶାଇଥିଲେ ଯେ ପ୍ରକଳ୍ପର ମୋଟ ମୂଲ୍ୟ ୧.୨୭କୋଟି ଟଙ୍କା ଥିବା ବେଳେ ତାଙ୍କୁ ମାତ୍ର ୮୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେ ନିଜସ୍ୱ ଖର୍ଚ୍ଚରେ ପ୍ରାୟ ୬୦ଲକ୍ଷ ଟଙ୍କାର ଅତିରିକ୍ତ କାର୍ଯ୍ୟ କରିଛନ୍ତି। ତେବେ ତାଙ୍କୁ ବକେୟା ଟଙ୍କା ନ ମିଳିବାରୁ ସେ ଷ୍ଟାଡିୟମରେ ତାଲା ପକାଇ ଦେଇଥିଲେ, ଯାହାକୁ ନେଇ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଉପ-ଜିଲ୍ଲାପାଳଙ୍କ ଦ୍ୱାରା ତାଲା ଖୋଲିବା ପାଇଁ ଆଦେଶ ଜାରି ହୋଇଥିଲା। ଏହାକୁ ବିରୋଧ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉପ-ଜିଲ୍ଲାପାଳଙ୍କ ଆଦେଶରେ କୌଣସି ତ୍ରୁଟି ନାହିଁ ବୋଲି ଅଦାଲତ କହିବା ସହ ନିଜର ପ୍ରାପ୍ୟ ପାଇଁ ସର୍ବସାଧାରଣ ସମ୍ପତ୍ତିକୁ ଅବରୋଧ କରିବା କିମ୍ବା ବଳପୂର୍ବକ ପନ୍ଥା ଗ୍ରହଣ କରିବା ଆଇନତଃ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି।

**AFFIDAVIT**

By virtue of an affidavit sworn before the Executive Magistrate, Puri, dated 07.04.2026 I, ALAKANANDA MISHRA, at-Dolabedikona, Markandeswar Sahi, P.S. Puri Town, P.O./Dist.Puri, Odisha-752001, declare that I have changed my name from PRITI BHAGAT to ALAKANANDA MISHRA, Henceforth I shall be known as **ALAKANANDA MISHRA** for all purposes.

**ଦଲିଲ ହଜିଛି**

ମୁଁ ,ସେକ ଖୁରାସିଦ ଏହମଦ ,ପି-ସେକ କମାରଦ୍ଦିନ,ଗ୍ରାମ - ସାବରପୁର ,ପୋ/ଥାନା-ବାସୁଦେବପୁର, ଜିଲ୍ଲା - ଭଦ୍ରକ। ଗତ, ତା. ୦୫/୦୨/୨୦୨୬ ରିଖରେ ମୁଁ ବାସୁଦେବପୁର - ସାବରପୁର ରାସ୍ତାରେ ମୋର ଲିଙ୍କ ଦଲିଲ ଯାହାର ଦଲିଲ ନମ୍ବର ୧୦୨୪୧୬୦୨୮୭୧ / ତା- ୧୨/୦୮/୨୦୧୬, ୧୦୨୪୧୬ ୦୩୧ ୩୬/ତା-୨୭/୦୯/୨୦୧୬, ଏବଂ ୧୦୨୪ ୧୭୦୨୧୬୮ / ତା-୨୯/୦୬/୨୦୧୭ ରିଖରେ ହୋଇଥିଲା ତାହା ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ପାଇଥାନ୍ତି ତେବେ ଏହାକୁ Veritas Finance Ltd.,Bhadrak ଶାଖାରେ ହସ୍ତାନ୍ତର କରିବାକୁ ଅନୁରୋଧ। ମୁଁ ଏହି ଦଲିଲ କୁ ବ୍ୟାଙ୍କ କିମ୍ବା କୌଣସି ଆର୍ଥିକ ଅନୁଷ୍ଠାନରେ ବନ୍ଧକ ଦେଇନାହିଁ। ଯୋଗାଯୋଗ -୮୨୭୦୨୧୫୭୧୫

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 607, dated 26.03.2026, I, KUSUMA JANI, W/o- Babuli Jani, Permanent Resident of - Parajagali, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from SUSHAMA JANI to KUSUMA JANI. Henceforth, I shall be known as **KUSUMA JANI** for all purposes.

Sd/- Kusuma Jani

**AFFIDAVIT**

I, Prasant Kumar Mishra, aged about 59 years, S/o- Surendra Kumar Mishra, resident of Plot No- 868, Near Bishnupriya Appartment, Nayapalli, Ps- Maitrivihar, Bhubaneswar, Dist- Khurda, Pin- 751012, Odisha do hereby declare by this affidavit No.776, dtd- 17/04/2026, that now onwards I shall be known as **PRASANTA KUMAR MISHRA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 678, dated 13.04.2026, I, RUPADHAR DISARI, S/o - Jugala Disari, permanent resident of Village - Bhatrasiuni, PO - Bhatrasiuni, PS - Nabarangpur, Dist- Nabarangpur, Odisha, Pin - 754063, declare that I have changed the name of my Son from PODMON DISARI to PADMAN DISARI. Henceforth, he shall be known as **PADMAN DISARI** for all purposes.

Sd/- Rupadhar Disari

**AFFIDAVIT**

I, Rohit Kumar Mishra, aged about 25 years, S/o- Prasanta Kumar Mishra, resident of Plot No- 868, Near Bishnupriya Appartment, Nayapalli, Ps- Maitrivihar, Bhubaneswar, Dist- Khurda, Pin-751012, Odisha do hereby declare by this affidavit No.777, dtd- 17/04/2026, that now onwards I shall be known as **ROHIT MISHRA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 695, dated 16.04.2026, I, SAFIR BHATRA, S/o - Mana Bhatra, permanent resident of Village - Dangabeda, PO - Attigam, PS - Kodinga, Dist - Nabarangpur, Odisha, Pin - 764075, declare that I have changed my name from SAPIR BHATRA to SAFIR BHATRA. Henceforth, I shall be known as **SAFIR BHATRA** for all purposes.

Sd/- Safir Bhatra

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated: 18/03/2026, I, **Nandini Anil Panigrahi,** resident of Plot No. A/118, Nilakantha Nagar, Near CBI Office, Bhubaneswar, Nayapalli, Dist. Khordha, declare that I have changed the name of Son from Sri Anshuman Anil Panigrahi to Anshuman Panigrahi. Henceforth, he shall be known as Anshuman Panigrahi for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 597, dated 25.03.2026, I, SARITA PAPA MANASI HIAL, D/o- Christa Chandra Hial, permanent resident of Village - Panas Podar, PO - Charamula, PS - Tentulikhunti, Dist - Nabarangpur, Odisha, Pin - 764070, declare that I have changed my name from S. PAPA MANASI HIAL to SARITA PAPA MANASI HIAL. Henceforth, I shall be known as **SARITA PAPA MANASI HIAL** for all purposes.

Sd/- Sarita Papa Manasi Hial

**ନାମ ପରିବର୍ତ୍ତନ**

ମୁଁ ଦେବାଶିଷ ବେହେରା ବୟସ **34**ବର୍ଷ, ପିତା- ବିନୋଦ ବେହେରା, ଗ୍ରାମ- କୋଟିଳା ଆଡ଼ିଆ, ପୋ- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ, ମୋର ଆଧାର କାର୍ଡ଼ ରେ ନାମ ଦେବାଶିଷ ବେହେରା ଉଲ୍ଲେଖ ଥାଇ ଏଲ୍ଆଇସି ପଲିସି ବଣ୍ଡ ନଂ- **587375224** ରେ ମୋର ନାମ ଦେବାଶିଷ ବେହେରା ପରିବର୍ତ୍ତେ ଦେବେନ୍ଦ୍ର ବେହେରା ବୋଲି ଉଲ୍ଲେଖ ଅଛି। ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଚାନ୍ଦବାଲି ଙ୍କ ନିକଟରେ ଏଫିଡେଭିଟ୍ ନଂ- **256,** ତା- **15/01/2026** ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ରରେ ଦେବାଶିଷ ବେହେରା, ପିତା- ବିନୋଦ ବେହେରା, ନାମରେ ପରିଚିତ ହେବି।

32001/71/2627

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
SAMBALPUR IRRIGATION DIVISION, SAMBALPUR
Email: id-sidsambalpur@gmail.com
**e-Procurement Notice No: SESID-01/2026-27**
**Bid Identification No: SESID-01(01-17)/2026-27**

No: 1319 Date: 15/04/2026

Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| Sl. No | Particulars | Details |
|---|---|---|
| 1 | Nature of Works | Canal Works |
| 2 | Nos. of works | 17 (Seventeen) Nos. |
| 3 | Bid Identification No. | SESID-01(01) to SESID-01(17)/2026-27 |
| 4 | Estimated Cost | 8.47 to 13.94 Lakhs |
| 5 | Earnest Money Deposit | Refer to DTCN |
| 6 | Cost of Tender Paper | Refer to DTCN |
| 7 | Period of Completion | Refer to DTCN |
| 8 | Date & Time of availability of Bid Document | Dt: 20.04.2026 at 11:00 AM to Dt: 30.04.2026 up to 17:00 PM |
| 9 | Last Date / Time for receipt of Bids | Dt: 30.04.2026 up to 17:00 PM |
| 10 | Date of opening of Bid | Dt: 02.05.2026 at 11:00 AM |
| 11 | Clarification seeking date | Dt: 20.04.2026 at 11:00 AM to Dt: 30.04.2026 up to 17:00 PM |
| 12 | Date of Lottery (if required) | To be intimated later |
| 13 | Name & Address of Officer Inviting Bid | Superintending Engineer, Sambalpur Irrigation Division, At/Po: Khetrajpur – 768003, Email: id-sidsambalpur@gmail.com |

Further details can be seen from the e-procurment portal: https://tendersodisha.gov.in Any addendum / corrigendum / cancellation of tender can also be seen ins aid website.

Superintending Engineer
Sambalpur Irrigation Division

OIPR-32001/32530/1/26-27/0001

4001/26/2627

ODISHA HYDRO POWER CORPORATION LIMITED
BALIMELA HYDRO ELECTRIC PROJECT; POST: BALIMELA; DIST: MALKANGIRI (ODISHA); PIN: 764051
Phones: 06861-232581 (O)/232641 (R); FAX: 06861-232541; E-Mail: unit.head_balimela@yahoo.com
REGD. OFFICE: ODISHA HYDRO POWER CORPORATION LIMITED
(A Govt. of Odisha Undertaking)
BHOI NAGAR, JANAPATH, BHUBANESWAR – 751022
Tel: 91-0674-2542983, 2542802, 2545526; Fax: 2542102
E-MAIL: ohpc.com@gmail.com / md@ohpcltd.com
CIN: U40101OR1995SGC003963, GSTIN-21AAACO2575P1Z9

**TENDER CALL NOTICE No. BHEP/TECH/02/2026-27 Dtd. 15.04.2026**

The sealed tenders are invited in single part bid basis from the Manufacturer / Reputed Suppliers / Authorized Dealers for supply of materials as detailed below.

| Sl. No | Description of Items | Cost of Tender Paper |
|---|---|---|
| 1 | Supply, Erection & Commissioning of Shaft Seal Sediment Filter System (15,000 LPH) for BHEP, Balimela | Rs. 7080/- (Inclusive of GST @ 18%) |

The Sale of Tender Paper Will be from:18.04.2026 to 30.04.2026 (up to 10:30 hrs)
The Last Date of Receipt of Tenders : Up to 11:00 hrs on 30.04.2026
Date & Time of Opening of Bid : 30.04.2026 at 11:30 hrs
For details of tender documents Terms and conditions Eligibility criteria and downloading please visit our website at www.ohpcitd.com

Superintending Engineer
Sambalpur Irrigation Division

OIPR-4001/4019/1/26-27/0003

34001/72/2627

OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO III, BHUBANESWAR
Email: bbsrrandb03@yahoo.com
60Estg. No – 2753, Date – 15/04/2026
Government of Odisha "e"-Procurement Notice No (02) of 2026-27
Bid Identification No: C.C. (R&B) 03

| | | |
|---|---|---|
| 1 | Name of the Work | Road Work |
| 2 | Total No of works | 1No. work |
| 3 | Estimated Cost | i)Rs. 49,98,358.00 |
| 4 | Class of Contractor | "B" Class Contractor, |
| 5 | Period of Completion | 1 (One ) Calendar Month |
| 6 | Type of Tender | Single Cover System (Online) |
| 7 | Date & time of availability of bid document in the portal | From **20/04/2026 at 10.30 A.M. to 30/04/2026 at 5.30 P.M.** |
| 8 | Last Date & Time for Receipt of bids in the Portal | **30/04/2026, upto 5.30 P.M.** |
| 9 | Name & Address of the Officer inviting Bid | **Er. Narendra Kumar Ghadai**, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal https://tendersorissa.gov.in
*N.B: Subsequent corrigendum / addendum if required shall be available in the website as indicated above*

Superintending Engineer
BBSr (R&B) Division No. III, BBSR

OIPR-34001/34185/1/26-27/0003

# ଗୁଟଖା ଦୋକାନରେ ଚଢ଼ଉ

ନିଶ୍ଚିନ୍ତକୋଇଲି,୧୭।୪(ସମିସ): କଟକ ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ସ୍କୁଲ କଲେଜ ଫାଟକ ପାଖରେ ହୋଇଥିବା ଗୁଟ୍‌କା, ସିଗାରେଟ୍ ଦୋକାନ ଉପରେ ଚଢଉ କରାଯାଇଛି। ଅସୁରେଶ୍ୱର କଲେଜ ଓ ହାଇସ୍କୁଲ ନିକଟ ବଜାରର ୩-୪ଟି ଦୋକାନରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହି ଦୋକାନୀଙ୍କଠାରୁ ୧୦୦/୨୦୦ ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଯାଇଥିବାରୁ ଏହା ବିଭାଗ ପକ୍ଷରୁ ଏକ ଲୋକଦେଖାଣିଆ ଚଢଉ ବୋଲି ସାଧାରଣରେ ଆଲୋଚନା ହେଉଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଇ ହୋଲସେଲ ଦୋକାନଗୁଡିକ ଉପରେ ଚଢଉ କରି ଗୁଟ୍‌କା ଜବତ କରିଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

● କୋଲଣପୁର ପଞ୍ଚାୟତ

## ୪.୯୦ ଲକ୍ଷ ଭତ୍ତା ଟଙ୍କା ଲୁଟ୍



ନିଶ୍ଚିନ୍ତକୋଇଲି,୧୭।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ପଞ୍ଚାୟତ କାର୍ଯ୍ୟାଳୟରୁ ଦିନଦ୍ୱିପ୍ରହରରେ ସରପଞ୍ଚଙ୍କ ସ୍କୁଟି ଡିକି ଭାଙ୍ଗି ଦୁର୍ବୃତ୍ତମାନେ ହିତାଧିକାରୀଙ୍କ ଭତ୍ତା ଟଙ୍କା ସମେତ ମୋଟ ୪ ଲକ୍ଷ ୯୦ ହଜାର ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଲୁଟି ନେଇଥିବା ନେଇ ସାଲେପୁର ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ଏପ୍ରିଲ ମାସର ଭତ୍ତା ବଣ୍ଟନ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁପ୍ରଭା ରାଉତରାୟ ଓ ସରପଞ୍ଚ ଗୋପବନ୍ଧୁ ସେଠୀ ପାଟପୁର ଛକସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ କୋଲଣପୁର ଓ କେନ୍ଦୁପାଟଣା ପଞ୍ଚାୟତ ପାଇଁ ଭତ୍ତା ଟଙ୍କା ଉଠାଇଥିଲେ। ପରେ ପିଇଓ କେନ୍ଦୁପାଟଣା ଯାଇଥିବା ବେଳେ ସରପଞ୍ଚ ଶ୍ରୀ ସେଠୀ କୋଲଣପୁରର ଭତ୍ତା ଟଙ୍କା (୪ ଲକ୍ଷ ୭୦ ହଜାର) ଓ ନିଜସ୍ୱ ୨୦ ହଜାର ଟଙ୍କା ଏକ ବ୍ୟାଗରେ ରଖି ସ୍କୁଟି ଯୋଗେ ପଞ୍ଚାୟତ ଅଫିସକୁ ଆସିଥିଲେ। ସରପଞ୍ଚ କାର୍ଯ୍ୟାଳୟ ଭିତରେ ପାଣି ପିଉଥିବା ସମୟରେ ତିନି ଜଣ ଟଙ୍କା ସହ ବ୍ୟାଗରେ ଥିବା ସରପଞ୍ଚଙ୍କ ଆଧାର କାର୍ଡ, ପ୍ୟାନ୍ କାର୍ଡ, ବ୍ୟାଙ୍କ ପାସ୍‌ବୁକ୍, ପଞ୍ଚାୟତର ସିଲ୍ ଓ ଅନ୍ୟାନ୍ୟ ଜରୁରୀ ଦସ୍ତାବିଜ୍ ଲୁଟି ନେଇଥିଲେ। ସାଲେପୁର ପୁଲିସ ସିସିଟିଭି ଫୁଟେଜ୍‌ରୁ ତଦନ୍ତ ଆରମ୍ଭ କରିଛି। ତିନି ଜଣ ଯୁବକ ବେକରେ ପରିଚୟପତ୍ର ପକାଇବା ସହ ମୁହଁରେ କପଡ଼ା ବାନ୍ଧି ଓ ମୁଣ୍ଡରେ ଟୋପି ଲଗାଇଥିଲେ।

କୋର୍ଟ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନି

# ସ୍ଥିତାବସ୍ଥା ଥାଇ ମଧ୍ୟ ଚାଲିଛି ନିର୍ମାଣ କାର୍ଯ୍ୟ

ନିଶ୍ଚିନ୍ତକୋଇଲି,୧୭।୪(ସମିସ)




**ଜମରା ସ୍କୁଲ ଉନ୍ନତୀକରଣ କାର୍ଯ୍ୟ ନ ହେବାରୁ ତୀବ୍ର ଅସନ୍ତୋଷ**

ନିଶ୍ଚିନ୍ତକୋଇଲି ବ୍ଲକ ତଥା ନେମାଳ ଥାନା ଅଧୀନସ୍ଥ ଜମରା ଗ୍ରାମରେ ଦୁଇ ପକ୍ଷଙ୍କ ବିବାଦରୁ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ବାଧା ଉପୁଜୁଛି। କୋର୍ଟର ନିର୍ଦ୍ଦେଶକୁ ନେମାଳ ଥାନା ପୁଲିସ ସଠିକ୍ ଢଙ୍ଗରେ କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହୋଇଛି। ପୁଲିସର ଏଭଳି କାର୍ଯ୍ୟକଳାପ ଏ ଅଞ୍ଚଳର ଜନସାଧାରଣଙ୍କ ସନ୍ଦେହ ଘେରକୁ ଆସିଛି। କୋର୍ଟରେ ହୋଇଥିବା ମାମଲାରେ ସ୍ଥିତାବସ୍ଥା ବଳବତ୍ତର ରହିଥିଲେ ମଧ୍ୟ ଗୋଟିଏ ପକ୍ଷ ନୂତନ ନିର୍ମାଣ କାର୍ଯ୍ୟ କରୁଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପାଚେରିକୁ ଲାଗି ସ୍ଥାନୀୟ ବାସିନ୍ଦା ସଞ୍ଜୟ କେତନ ମଲ୍ଲିକଙ୍କ ନିଜସ୍ୱ ପୈତୃକ ଜମି ୧୭ ଡିସିମିଲ ରହିଥିଲା। ସେ ଏହାକୁ ମାପ କରି ଦେଖିବାରୁ ତାଙ୍କର ଏକ ଡିସିମିଲ ଜମି ନିଜସ୍ୱ ଜମାରୁ କମିଯାଇଥିଲା। ଏହି ୧ ଡିସିମିଲ ଜମିକୁ ସ୍କୁଲ ଜବରଦଖଲ କରିଥିବା ନେଇ ସଞ୍ଜୟ ସାଲେପୁର ଏଡିଜେଏମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିରେ ରାଜ୍ୟ ଗଣଶିକ୍ଷା ବିଭାଗ, କଟକ ଜିଲ୍ଲାପାଳ ଏବଂ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ପକ୍ଷଭୁକ୍ତ ମଧ୍ୟ କରିଥିଲେ। କୋର୍ଟ ସଞ୍ଜୟଙ୍କ ଆବେଦନ ଉପରେ ବିଚାର କରି ୭୨୧, ୭୨୨ ଏବଂ ୭୨୩ ପ୍ଲଟ ନମ୍ବର ଉପରେ ସ୍ଥିତାବସ୍ଥା ଜାରି କରିଥିଲେ। ହେଲେ ସଞ୍ଜୟ ଏହି ପ୍ଲଟ ଉପରେ ନୂତନ ନିର୍ମାଣ କାର୍ଯ୍ୟ କରୁଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଅପରପକ୍ଷରେ, ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ ପାଇଁ ଆସିଥିବା ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅନୁଦାନ ଖର୍ଚ୍ଚ ହୋଇ ପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଦି ସ୍ଥିତାବସ୍ଥା ବଳବତ୍ତର ରହି ଗୋଟିଏ ପକ୍ଷ ନୂତନ ନିର୍ମାଣ କାର୍ଯ୍ୟ କରିପାରୁଛନ୍ତି ତାହା ହେଲେ ସମୂହ ସ୍ୱାର୍ଥ ଦୃଷ୍ଟିରୁ ସ୍କୁଲର ଉନ୍ନତୀକରଣ କାର୍ଯ୍ୟ କରିବା ପାଇଁ ପୁଲିସ କ'ଣ ପାଇଁ ବନ୍ଦ୍ କରିଛି ସେନେଇ ପ୍ରଶ୍ନ ଉଠିଛି। ଅପରପକ୍ଷରେ କୋର୍ଟରେ ଆବେଦନ କରିଥିବା ସଞ୍ଜୟ ପୁଲିସର ଜାଣତରେ କିଭଳି ନିର୍ମାଣ କାର୍ଯ୍ୟ କରୁଛି ତାହା ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏହାଛଡା ଏହି ବିଦ୍ୟାଳୟର ପାଚେରିକୁ ଲଗାଇ କେତେକ ଜବରଦଖଲକାରୀ ଦୋକାନ ଗୃହ ନିର୍ମାଣ କରି ବ୍ୟବସାୟ କରୁଥିଲେ ମଧ୍ୟ ତହସିଲ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏଭଳି ହେବା ଦ୍ୱାରା ସ୍କୁଲର ଉନ୍ନତିକରଣ କାର୍ଯ୍ୟ ପାଇଁ ପଡି ରହିଥିବା ଲକ୍ଷ ଲକ୍ଷ ଅନୁଦାନ ଅର୍ଥ ବିନିଯୋଗ ହୋଇ ନ ପାରିବାରୁ ଛାତ୍ରଛାତ୍ରୀଙ୍କର ଶ୍ରେଣୀଗୃହ ଅଭାବ ଥିବାରୁ ପାଠପଢାରେ ସମସ୍ୟା ଉପୁଜୁଛି। ଏ ସଂକ୍ରାନ୍ତରେ ସଞ୍ଜୟଙ୍କ ପତ୍ନୀ ମମତା ସ୍ୱାଇଁଙ୍କୁ ପଚାରିବାରୁ ୭୨୧ ନମ୍ବର ପ୍ଲଟ୍‌ଟି ତାଙ୍କର ପୈତୃକ ସଂପତି ହୋଇଥିଲେ ମଧ ଏହା ଉପରେ ସ୍ଥିତାବସ୍ଥା ନାହିଁ ବୋଲି କହି ଏହି ପ୍ଲଟରେ ସେ ନିର୍ମାଣ କାର୍ଯ୍ୟ କରୁଥିବା ପ୍ରକାଶ କରିଛନ୍ତି।

## ପୋଖରୀ ଖନନକୁ କେନ୍ଦ୍ରକରି ଗଣ୍ଡଗୋଳ

ନିଶ୍ଚିନ୍ତକୋଇଲି,୧୭।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଞ୍ଚାୟତ ଦୀକ୍ଷିତପଡା ଗ୍ରାମରେ ଏକ ପୋଖରୀ ଖନନକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ ହୋଇଛି। ଏହି ଘଟଣାରେ ଗ୍ରାମର ଚନ୍ଦନ ବାରିକ (୪୫) ଓ ଜିତେନ ବାରିକ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ନିଶ୍ଚିନ୍ତକୋଇଲି ଥାନା ପୁଲିସ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛି। ଦୀକ୍ଷିତପଡ଼ା ଗ୍ରାମର କାଳନ୍ଦୀ ବାରିକ ଜେସିବି ମେସିନ ସାହାଯ୍ୟରେ ଏକ ପୋଖରୀ ଖନନ କରି ମାଟିଗୁଡ଼ିକ ବାହାରେପକାଉଥିଲେ।ଯାତାୟାତରେସ୍ଥାନୀୟଲୋକେ ଅସୁବିଧାର ସମ୍ମୁଖୀନ ହୋଇ ପ୍ରତିବାଦ କରିବାରୁ ବଚସା ଓ ପରବର୍ତ୍ତୀ ସମୟରେ ଗଣ୍ଡଗୋଳ ଘଟିଥିଲା। ଏହି ଘଟଣାରେ ପୁଲିସ ବଳରାମ ବାରିକଙ୍କୁ ଅଟକ ରଖିଥିବା ବେଳେ କୌଣସି ମାମଲା ରୁଜୁ କରି ନାହିଁ।

## ବଡମ୍ବା ନାଗରିକ ମଞ୍ଚର ଦାବିପତ୍ର

ବଡମ୍ବା,୧୭।୪(ସମିସ): ନିର୍ବାଚନର ୨ ବର୍ଷ ମଧ୍ୟରେ କଟକ ଜିଲ୍ଲାର ବଡମ୍ବା-ନରସିଂହପୁରକୁ ରେଳ ଲାଇନ ସଂଯୋଗୀକରଣ ହେବ ବୋଲି ଦେଇଥିବା ପ୍ରତିଶ୍ରୁତି ବିଫଳ ହୋଇଛି। ପ୍ରସ୍ତାବିତ ପ୍ରକଳ୍ପର ଆଜି ପର୍ଯ୍ୟନ୍ତ କୌଣସି କାମ ଆରମ୍ଭ ହୋଇନାହିଁ। ଏହାର ତ୍ୱରିତ ସମାଧାନ ପାଇଁ ଶୁକ୍ରବାର ବଡମ୍ବା ନାଗରିକ ମଞ୍ଚ ପକ୍ଷରୁ ଏକ ଦାବିପତ୍ରର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଡାକ ମାଧ୍ୟମରେ ପ୍ରଦାନ କରାଯାଇଛି। ବଡମ୍ବା-ନରସିଂହପୁର ଅଞ୍ଚଳର ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥକୁ ନଜର ରଖି ନାଗରିକ ମଞ୍ଚ ସଭାପତି ଦାମୋଦର ରଣା, ସମ୍ପାଦକ ମନୋଜ ପଟ୍ଟନାୟକଙ୍କ ସମେତ ନାଗରିକ ମଞ୍ଚର ସମସ୍ତ ସଦସ୍ୟମାନେ ପତ୍ର ମାଧ୍ୟମରେ ଶ୍ରୀ ବୈଷ୍ଣବଙ୍କୁ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ନିବେଦନ କରିଛନ୍ତି।

## ମା' ବାସୁଳେଇ କୈବର୍ତ୍ତ ସଂଘର ବାର୍ଷିକୋତ୍ସବ



ଚୌଦ୍ୱାର,୧୭।୪(ସମିସ): ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ନୂଆସାହିସ୍ଥିତ ମା' ବାସୁଳେଇ କୈବର୍ତ୍ତ ସଂଘର ଦଶମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅଲେଖଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମା' ବାସୁଳେଇଙ୍କ ନାନା ଉପଚାର ପୂଜାର୍ଚ୍ଚନା ସହିତ ସାଲେପୁର ମାଳଲେଖନପୁର ଅଞ୍ଚଳର ମାନସ ଦଳାଇ ଓ ସାଥୀଙ୍କ ଦ୍ୱାରା ଘୋଡାନୃତ୍ୟ ପରିବେଷଣ କରାଯାଇଥିଲା। ଦିବଙ୍ଗତ ଘୋଡାନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ ଓ ସଂଘର ପୂର୍ବତନ ଉପସଭାପତି କ୍ଷୀରୋଦଚନ୍ଦ୍ର ବେହେରାଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ସାମ୍ବାଦିକ ବିଶ୍ୱଜିତ ଭଞ୍ଜ, ନିକୁଞ୍ଜ ପଣ୍ଡା, ଭରତ ଜେନା ପ୍ରମୁଖ ଅତିଥ ôଭାବେ ଯୋଗ ଦେଇଥିଲେ। ଯଦୁମଣି ଦଳାଇ, ଗିରିଧାରୀ ଦଳାଇ, ସୁଶାନ୍ତ ସାହୁଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ।

ବିଭିନ୍ନ ସ୍ଥାନରେ ବିଜୁବାବୁଙ୍କ ଜୟନ୍ତୀ

# ଓଡ଼ିଶା ପାଇଁ ବିଜୁ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ



ତିଗିରିଆ,୧୭।୪(ସମିସ): ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ବାର୍ଷିକ ଅବସରରେ ଶୁକ୍ରବାର ତିଗିରିଆ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ନିଜିଗଡସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏକ ସ୍ମୃତିସଭା ଆୟୋଜନ କରାଯାଇ ସ୍ୱର୍ଗତ ବିଜୁବାବୁଙ୍କ ସ୍ମୃତିଚାରଣ କରାଯିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ବ୍ଲକ ବିଜେଡି ସଭାପତି ଅଜିତ ଧୀରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଆଠଗଡ-ତିଗିରିଆ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଜୁ ବାବୁଙ୍କ ଓଡ଼ିଶାବାସୀଙ୍କ ପ୍ରତି ଅବଦାନ ଏବଂ ସାରା ବିଶ୍ୱରେ ତାଙ୍କ ମହତ୍ତ୍ୱ ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ। ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ପୂର୍ବତନ ଅଧ୍ୟକ୍ଷ ଭାଗିରଥୀ ନନ୍ଦ, ଜିଲ୍ଲା ପରିଷଦ ସସ୍ମିତା ରାଉତ ଓ ସଞ୍ଜୟ ମଲ୍ଲିକ, ସରପଞ୍ଚ ପୁଷ୍ପଲତା ସ୍ୱାଇଁ, ପ୍ରତାପ ଜେନା, ନିରଞ୍ଜନ ଦଳେଇ, ରଞ୍ଜନ ସୂତାର, ଅଟଳକୋଟ ସରପଞ୍ଚ ପ୍ରତିନିଧି ବିଜୟ ବଳିଆର ସିଂହ, ଧ୍ରୁବଚରଣ ଦାସ, ପ୍ରସନ୍ନ ଚୌଧୁରୀ, ଦେବରାଜ ପ୍ରଧାନ, ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ, ରଘୁନାଥ ଦାସ, ଲଳିତକୃଷ୍ଣ ଦାସ, ଆମ୍ରି ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସାହୁ, ବିଜୁ କୃଷକ ମୋର୍ଚ୍ଚା ସଭାପତି ସେକ୍ ତୋୟବ, ନାରୀନେତ୍ରୀ ସମସୁରା ବେଗମ୍, ରମେଶ ଦାସ, ମାୟାଧର ରାଉତ, ପ୍ରତାପ ରାଉତ, ରାଜେଶ ନାଏକ, ପ୍ରମୋଦ ରାଉତ, ତୋଫାନ ସାମଲଙ୍କ ସହ ଅନ୍ୟ ଛାମୁଆ କର୍ମୀ ଉପସ୍ଥିତ ଥିଲେ।

### ■ ନରସିଂହପୁର



ନରସିଂହପୁର ବ୍ଲକ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ବ୍ଲକ ବିଜେଡି ସଭାପତି କୃପାସିନ୍ଧୁ ଦାଶଙ୍କ ଅଧ୍ୟକ୍ଷତାରେ ଅତିଥିମାନେ ପ୍ରବାଦ ପୁରଷ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଭାରେ କଟକ ଜିଲ୍ଲା ପରିଷଦ ସଭାପତି କିଶୋରଚନ୍ଦ୍ର ମିଶ୍ର, ବ୍ଲକ ଅଧ୍ୟକ୍ଷା ସସ୍ମିତା ଜେନା, ବ୍ଲକ ଉପାଧ୍ୟକ୍ଷ ନାରାୟଣ ନାୟକ, ବ୍ଲକ ବିଜୁ ଯୁବ ଦଳର ସଭାପତି ନିର୍ମଳ ଜେନା, ଜିଲ୍ଲା ପରିଷଦ ସଭ୍ୟ ଅଜୟ ପଣ୍ଡା, ବ୍ଲକ ଛାତ୍ର ବିଜେଡ ସଭାପତି ଅରୁଣ ପ୍ରଧାନ, ସରପଞ୍ଚ ରାଜକିଶୋର ରାଉତ, ସମିତିସଭ୍ୟ ଶକ୍ତି ମିଶ୍ର, ସମାଜସେବୀ ଗୟାଧର ସାହୁ ବିଜୁବାବୁଙ୍କର ଓଡିଶାବାସୀଙ୍କ ପ୍ରତି ଅବଦାନ ଏବଂ ସାରା ବିଶ୍ୱରେ ତାଙ୍କର ରହିଥିବା ମହତ୍ୱ ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ।

### ■ ଆଠଗଡ଼

ଆଠଗଡ ବିଜେଡି ସକାଳୁ ଦଳର ସ୍ଥାନୀୟ ନେତୃବୃନ୍ଦଙ୍କ ଦ୍ୱାରା ନିର୍ବାଚନ ମଣ୍ଡଳୀର ଆଠଗଡ ଏନ୍‌ଏସି, ବ୍ଲକ, ଟାଙ୍ଗୀ-ଚୌଦ୍ୱାର ବ୍ଲକର ବିଭିନ୍ନ ସ୍ଥାନରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ରବିନ୍ଦ୍ରନାଥ ରାଉତଙ୍କ ଅଧ୍ୟକ୍ଷତାରେ ପ୍ରସିଦ୍ଧ ଶ୍ରୀ ଧବଳେଶ୍ୱର ମନ୍ଦିର ନିକଟସ୍ଥ ମଞ୍ଚେଶ୍ୱର ମହାନଦୀ ଘାଟରେ ସାମୂହିକ ତିଳତର୍ପଣ ଓ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆଠଗଡ ମହିଳା ମହାବିଦ୍ୟାଳୟ ନିକଟସ୍ଥ ମିନି ଷ୍ଟାଡିୟମରେ ଏକ ସାଧାରଣ ସଭାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. ନାରାୟଣ ପଣ୍ଡା ଯୋଗ ଦେଇଥିଲେ। ବିଜୁବାବୁଙ୍କ ଉଦ୍ଦେଶ୍ୟରେ ସଞ୍ଜୟ ମହାନ୍ତିଙ୍କ ରଚିତ ତଥା ଗୁରୁଦତ୍ତ ନାୟକଙ୍କ ନିର୍ଦ୍ଦେଶନାରେ ସମବେତ କଣ୍ଠ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜୁବାବୁଙ୍କ ଘନିଷ୍ଠ ସହଯୋଗୀ ତଥା ବର୍ଷିଆନ ନେତା ଭାଗୀରଥି କର, ପୂର୍ବତନ ନଗରପାଳ ତଥା ଦଳିତ ନେତା ରମେଶଚନ୍ଦ୍ର ଘଡେଇ, କାଉନସିଲର ବୀରବର



ସାହୁ, ଅମୀୟ ସାମନ୍ତ, ପ୍ରତାପ ନାୟକ ଓ ତିଗିରିଆ ବ୍ଲକ ବରିଷ୍ଠ ନେତ୍ରୀ ବାସନ୍ତୀ କର, ବିଶିଷ୍ଟ ସଙ୍ଗୀତଜ୍ଞ ତଥା ନେତା ଦୁଃଶାସନ ସ୍ୱାଇଁ ଓ ତିଗିରିଆ ବ୍ଲକ ବିଜେଡି ସଭାପତି ଅଜିତ ଧିର ପ୍ରମୁଖଙ୍କୁ ସେବା ପାଇଁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ।

### ■ କଣ୍ଟାପଡ଼ା



ନିଆଳି ନିର୍ବାଚନମଣ୍ଡଳୀ କଣ୍ଟାପଡା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ବିଧାୟକ ଡା. ପ୍ରମୋଦ ମଲ୍ଲିକଙ୍କ ନେତୃତ୍ୱରେ ୧୪ଟି ପଞ୍ଚାୟତର ବିଭିନ୍ନ ବର୍ଗର ଶତାଧିକ ମହିଳା ଓ ପୁରୁଷ ଗୋବିନ୍ଦପୁରସ୍ଥିତ ଦେବୀ ନଦୀରେ ତିଳତର୍ପଣ କରିଥିଲେ। ପରେ ଗୋବିନ୍ଦପୁର କଲ୍ୟାଣ ମଣ୍ଡପରେଠାରେ ଏକ ସ୍ମୃତିସଭାରେ ଜିଲ୍ଲା ପରିଷଦ ସଭ୍ୟ ପିୟୁଷ ମିଶ୍ର, ସଭ୍ୟା କ୍ରିଷ୍ଣାରାଣୀ ବେହେରା, ଗୋବିନ୍ଦପୁର ସରପଞ୍ଚ ସୁମିତ୍ରା ପାଢୀ, ବ୍ରାହ୍ମଣସାଇଲୋ ସରପଞ୍ଚ ତୃପ୍ତିମୟୀ ରାଉତ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ/ସଦସ୍ୟା ଓ କବି ପ୍ରସାଦ ସ୍ୱାଇଁ, ଅଭିମନ୍ୟୁ ମଲ୍ଲିକ, ପ୍ରଶାନ୍ତ ପାଢ଼ୀ, ନକୁଳ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

### ■ କନ୍ଦରପୁର

କନ୍ଦରପୁରସ୍ଥିତ ଅଥଙ୍ଗା କାଠଯୋଡ଼ି ସେତୁ ନିକଟରେ ସ୍ୱର୍ଗତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ କାଠଯୋଡ଼ି ନଦୀରେ ତିଳତର୍ପଣ କରି ସମସ୍ତ ବିଜୁ ଜନତା ଦଳର କର୍ମୀମାନେ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୂର୍ବତନ ବିଜେଡି ବ୍ଲକ ସଭାପତି ପ୍ରମୋଦ ମହାପାତ୍ରଙ୍କ ପୌରହିତ୍ୟରେ



ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଚନ୍ଦ୍ରସାରଥୀ ବେହେରା, ସଦରବିଜୁଜନତାଦଳସଭାପତିବିଭୂତିଭୂଷଣମହାନ୍ତି, ବ୍ଲକଉପାଧ୍ୟକ୍ଷା ଅମ୍ବିକା ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଆଶାଲତା ବେହେରା, ବିଭୂତିଭୂଷଣ ପରିଡ଼ା, ଅଜୟ ଦଳାଇ, ବୀରବର ଲେଙ୍କା, ଦିଲ୍ଲୀପ ବିହାରୀ, ପ୍ରମୋଦ ରାଉତ, ସାରଦା ପ୍ରସନ୍ନ ସ୍ୱାଇଁ, ହିମାଂଶୁ ଦାସ, ପୂର୍ଣ୍ଣ ସେଠୀ, ଆଦିକନ୍ଦ ରାଉତ, ଜିତେନ୍ଦ୍ର ଖୁଣ୍ଟିଆଙ୍କ ସହିତ ଶତାଧିକ ବିଜୁପ୍ରେମୀ ଯୋଗଦେଇଥିଲେ। ସେହିପରି କିଶନନଗର ମହାନଦୀ ସେତୁ ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ସମାଜସେବୀ ବିଳାସ ମଲ୍ଲିକଙ୍କ ନେତୃତ୍ୱରେ ବହୁ ବିଜୁପ୍ରେମୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ■ ଚୌଦ୍ୱାର



ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବିଜୁ ପ୍ରମୀ ପ୍ରଥମେ ଓଟିଏମ ବଜାରସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ପବିତ୍ର ବିରୂପା ନଦୀରେ ତିଳତର୍ପଣ କରାଯାଇ ନଦୀକୂଳସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଶିଶୁ ସଦନରେ ଆୟୋଜିତ କାର୍ଯ୍ୟକ୍ରମରେ ପିଲା ଓ କର୍ମୀମାନେ ବିଜୁ ବାବୁଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଶିଶୁ ସଦନର ଅନ୍ତେବାସୀଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପ୍ରେମଚାନ୍ଦ ନାୟକ, ବିମଳ ବେଉରା, ସବିତା ନାୟକ, କବିତାରାଣୀ ଲେଙ୍କା, ମୀନା ଚୌଧୁରୀ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ, ଧନେଶ୍ୱର ଜେଠୀ, ଭରତଚନ୍ଦ୍ର ସାହୁ, ପୌର ପରିଷଦ ବୃନ୍ଦ, ରୀତା ରାଉତ, ଶରତ ନାୟକ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନାଗରିକ ଓ ଯୁବବର୍ଗ ଯୋଗଦେଇଥିଲେ। ବିବେକାନନ୍ଦ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନଆଚାର୍ଯ୍ୟା ଗାୟତ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ସମାଜସେବୀ ପ୍ରଭାସ ଚୌଧୁରୀ ଅତିଥିଭାବେ ସ୍ୱାଭିମାନୀ ବିଜୁବାବୁ ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅନୁରାଧା ଭଟ୍ଟ, ସାଗରିକା ସିଂ, ଲକ୍ଷ୍ମୀ ନାଟିଆ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପିଙ୍କି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ■ ମାହାଙ୍ଗା

ମାହାଙ୍ଗା ନିର୍ବାଚନମଣ୍ଡଳୀ ମାହାଙ୍ଗା ବ୍ଲକ ଅଳିଜୋଡାସ୍ଥିତ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବାସଭବନ ପରିସରରେ ଓଡ଼ିଆ ଜାତିର ସ୍ୱାଭିମାନ, ମହାନ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ବ୍ଲକ ସଭାପତି ରାଜକିଶୋର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେଡ଼ି ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଏବଂ ସମ୍ମାନିତ ଅତିଥିଭାବେ ରାଜ୍ୟ ବିଜେଡି ସମ୍ପାଦକ ବିଜୟ ନାୟକ, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୀପା ମଲ୍ଲିକ, ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ମାହାଙ୍ଗା ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ଜିଲ୍ଲା ବିଜେଡି ସଭାପତି ପ୍ରଶାନ୍ତ ପଟ୍ଟନାୟକ, ଜିଲ୍ଲାପରିଷଦ ସଭ୍ୟ ରିଆଜୁଲ ହୋଦା, ଜଗବନ୍ଧୁ ସେଠୀ, ସୁସ୍ମିତା ଦାସ, ଜୋନ ସଭାପତି କମଳାକାନ୍ତ ଦାଶ, ଦୀନବନ୍ଧୁ ସାହୁ, ହୃଷିକେଶ ସ୍ୱାଇଁ, ନିରଞ୍ଜନ ସ୍ୱାଇଁ, ହିତେଶ ରାଉତ, ତ୍ରିନାଥ ଜେନା, ପ୍ରୀତମ କାନୁନଗୋ, ପ୍ରଦୀପ୍ତ ବିଶ୍ୱାଳ, ସୁବାସ ଜେନା, ବନଲତା ଦଳେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସରପଞ୍ଚ-ସମିତିସଭ୍ୟ, ଯୁବ ଛାତ୍ର ମହିଳା ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀ ସାମିଲ ହୋଇଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୩.୩୮
- ପାଉଣ୍ଡ ୧୨୫.୮୫
- ୟୁରୋ ୧୦୯.୬୮
- ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୧,୩୫୦ (ଭୁବନେଶ୍ୱର)
- ରୁପା : ୨,୭୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୪୯୩.୦୦
- ନିଫ୍ଟି ୨୪,୩୫୩.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ଖୋଲିଲା ହର୍ମୁଜ; ଖସିଲା ଅଶୋଧିତ ତୈଳ ଦର



## ମୂଲ୍ୟରେ ବ୍ୟାରେଲ୍ ପିଛା ୧୧% ହ୍ରାସ

## ଶସ୍ତା ହେବ କି ପେଟ୍ରୋଲ ଓ ଡିଜେଲ !

ନୂଆଦିଲ୍ଲୀ,୧୭।୪(ଏଜେନ୍ସି): ଅନ୍ତର୍ଜାତୀୟ ବଜାରରେ ଶୁକ୍ରବାର ଅଚାନକ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଦେଖିବାକୁ ମିଳିଛି। କାରଣ ମଧ୍ୟପ୍ରାଚ୍ୟରେ ଜାରି ଉତ୍ତେଜନାରେ ହ୍ରାସ ଓ ହର୍ମୁଜ ପ୍ରଣାଳୀ ଖୋଲିବା ସମ୍ପର୍କିତ ଖବର ପ୍ରସାରିତ ହେବା ପରେ ଅଶୋଧିତ ତୈଳ ମୂଲ୍ୟରେ ଶୁକ୍ରବାର ପ୍ରାୟ ୧୧ ପ୍ରତିଶତର ବୃହତ୍ ହ୍ରାସ ଘଟିଛି। ଅଶୋଧିତ ତୈଳ ମୂଲ୍ୟ ହ୍ରାସ ସମଗ୍ର ବିଶ୍ୱ ପାଇଁ ଏକ ଭଲ ଖବର। ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଯୋଗୁଁ ବିଶ୍ୱ ମୁଦ୍ରାସ୍ଫୀତି ବୃଦ୍ଧି ଏବଂ ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଇବାର ଆଶଙ୍କା ସୃଷ୍ଟି ହୋଇଥିଲା। ଏହା ପୂର୍ବରୁ ବଜାର ପ୍ରଥମେ ଆଶଙ୍କାରେ ଥିଲା ଯେ ଇରାନ ସମ୍ପର୍କିତ ଉତ୍ତେଜନା ଯୋଗୁ ହର୍ମୁଜ ପ୍ରଣାଳୀ ବନ୍ଦ ରହିପାରେ, ଯେଉଁ ରାସ୍ତାରେ ବୈଶ୍ୱିକ ତୈଳ ଯୋଗାଣ ହେଉଛି। ଉଲ୍ଲେଖଯୋଗ୍ୟ ଯେ ବିଶ୍ୱର ମୋଟ ୨୦% ତୈଳ ଏହି ରାସ୍ତା ଦେଇ ଯାଇଥାଏ।

ଶୁକ୍ରବାର ଭାରତୀୟ ସମୟ ସନ୍ଧ୍ୟାରେ ହର୍ମୁଜ୍ ପ୍ରଣାଳୀ ଖୋଲିବା ଖବର ଆସିଥିଲା। ଇରାନ ପକ୍ଷରୁ ଏ ସମ୍ପର୍କରେ ଘୋଷଣା କରାଯାଇଥିଲା। ଇରାନର ବୈଦେଶିକ ମନ୍ତ୍ରୀ ସେୟଦ ଆବାସ୍ ଆରାଘଚି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ ଏକ ପୋଷ୍ଟରେ ଏହି ଘୋଷଣା କରିଛନ୍ତି। ଏଥିରେ ସେ କହିଛନ୍ତି ଯେ ଇସ୍ରାଏଲ ଏବଂ ଲେବାନନ୍ ମଧ୍ୟରେ ଯୁଦ୍ଧବିରତି ପରେ ହର୍ମୁଜ୍ ପ୍ରଣାଳୀ ସମସ୍ତ ଜାହାଜ ପାଇଁ ଖୋଲାଯାଇଛି। ଯେ ପର୍ଯ୍ୟନ୍ତ ଆମେରିକା ସହିତ ଅସ୍ଥାୟୀ ଯୁଦ୍ଧବିରତି ଜାରି ରହିବ ସେ ପର୍ଯ୍ୟନ୍ତ ହର୍ମୁଜ୍ ଖୋଲା ରହିବ। ହର୍ମୁଜ୍ ପ୍ରଣାଳୀ ଖୋଲିବା ଘୋଷଣା ହେବା ଅଶୋଧିତ ତୈଳ ମୂଲ୍ୟକୁ ପ୍ରଭାବିତ କରିଛି। ଭାରତୀୟ ସମୟ ସନ୍ଧ୍ୟା ୭ଟା ୨୧ ରେ ଡବ୍ଲ୍ୟୁଟିଆଇ ଅଶୋଧିତ ତୈଳ ପ୍ରତି ବ୍ୟାରେଲ ୮୪ ଡଲାରରେ କାରବାର କରୁଥିଲା, ଯାହା ୧୦.୯୧ ପ୍ରତିଶତ ହ୍ରାସ ପାଇଥିଲା। ବ୍ରେଣ୍ଟ ଅଶୋଧିତ ତୈଳ ମଧ୍ୟ ୧୦.୪୯ ପ୍ରତିଶତ ହ୍ରାସ ପାଇ ପ୍ରତି ବ୍ୟାରେଲ ୮୮.୯୭ ଡଲାରରେ ପହଞ୍ଚିଥିଲା। ଏହି ଖବର ଯୋଗୁଁ ସୁନା ଏବଂ ରୂପା ମୂଲ୍ୟରେ ବୃଦ୍ଧି ଘଟିଥିଲା। ଇରାନ-ଆମେରିକା ବିବାଦ ଆରମ୍ଭ ହେବା ପରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପ୍ରତି ୧୧୮ ଡଲାରକୁ ବୃଦ୍ଧି ପାଇଥିଲା।

ତାଜା ସଂକେତରୁ ଏହା ସ୍ପଷ୍ଟ ହୋଇଛି ଯେ ଏବେ ହର୍ମୁଜ ସମ୍ପୂର୍ଣ୍ଣ ମୁକ୍ତ ଓ ଜାହାଜ ସ୍ୱାଭାବିକ ଯାତାୟାତ କରିପାରୁଛନ୍ତି। ଏଣୁ ଯୋଗାଣ ବାଧିତ ହେବାର ବିପଦ ଏବେ ହ୍ରାସ ହେବା ସହ ବଜାରର ଚିନ୍ତା ଦୂର ହୋଇଛି। ଏଣୁ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଦେଖାଯାଇଛି। ଏଥିରେ ବ୍ରେଣ୍ଟ କ୍ରୁଡ ପ୍ରତି ବ୍ୟାରେଲ ୯୦ ଡଲାର ଆଖପାଖକୁ ପହଞ୍ଚିଥିବାବେଳେ ଡବ୍ଲ୍ୟୁଟିଆଇ କ୍ରୁଡ ମଧ୍ୟ ୮୩.୮୬ ଡଲାର ଆଖପାଖରେ କାରବାର କରୁଛି। ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଭାରତ ଭଳି ଆମଦାନୀ ନିର୍ଭର ଦେଶଙ୍କ ଲାଗି ନିଶ୍ଚିତ ରୂପେ ଆଶ୍ୱସ୍ତିକର ଖବର। ଏଣୁ ଆଗାମୀ ସମୟରେ ପେଟ୍ରୋଲ ଓ ଡିଜେଲ ଉପରେ ଚାପ କମ ହୋଇପାରେ। ତୈଳ ଦର ହ୍ରାସ ଯୋଗୁ ମୁଦ୍ରାସ୍ଫୀତି ମଧ୍ୟ ନରମ ପଡିପାରେ, ଯେଉଁଥିରୁ ବଜାରକୁ ମଧ୍ୟ ସମର୍ଥନ ମିଳିପାରେ। ବଜାର ବିଶେଷଜ୍ଞଙ୍କ ଅନୁସାରେ ଅଶୋଧିତ ତୈଳ ମୂଲ୍ୟ ଏବେ ସମ୍ପୂର୍ଣ୍ଣ ଭୂ-ରାଜନୈତିକ ଘଟଣାକ୍ରମ ଉପରେ ନିର୍ଭର କରିବ। ଏଥିରେ ଯଦି ଉତ୍ତେଜନା ହ୍ରାସ ହୁଏ ମୂଲ୍ୟ ମଧ୍ୟ ହ୍ରାସ ହେବ। ହେଲେ କୌଣସି ପ୍ରକାରର ନୂଆ ବିବାଦ ବଜାରରେ ପୁଣି ତୈଳ ଦର ବୃଦ୍ଧି କରିପାରେ।

ହର୍ମୁଜ୍ ପ୍ରଣାଳୀ ଖୋଲିବା ଖବର ଦ୍ୱାଏପ୍ରିଲ ୨୦ରେ ସେୟାର ବଜାରରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି। କାରଣ ବର୍ଦ୍ଧିତ ଇନ୍ଧନ ମୂଲ୍ୟଯୋଗୁ ସାଧାରଣ ଜନତା ଏବଂ ବିଭିନ୍ନ ଶିଳ୍ପ ଉଭୟଙ୍କୁ ପ୍ରଭାବିତ କରିଛି। ଅନେକ କମ୍ପାନୀ ସେମାନଙ୍କ ଉତ୍ପାଦର ମୂଲ୍ୟ ବୃଦ୍ଧି ଘୋଷଣା କରିଛନ୍ତି, ଯାହା ମୁଦ୍ରାସ୍ଫୀତିର ଆଶଙ୍କା ବୃଦ୍ଧି କରିଛି। ଏହି ସମୟରେ, ଏଲପିଜି ଅଭାବ ଯୋଗୁଁ ରେସ୍ତୋରାଁଗୁଡିକ ଖାଦ୍ୟ ମୂଲ୍ୟ ବୃଦ୍ଧି କରିଛନ୍ତି। ଏହା ବ୍ୟତୀତ, ଏଲପିଜି ମୂଲ୍ୟ ବୃଦ୍ଧି ବହୁ ସଂଖ୍ୟକ ଶ୍ରମିକଙ୍କୁ ସେମାନଙ୍କ ଗାଁକୁ ଫେରିବାକୁ ବାଧ କରିଛି।

**କ୍ରିପ୍ଟୋ ବଜାରରେ ଲମ୍ବା ଉଡ଼ାଣ**

## ୨୪ ଘଣ୍ଟାରେ ନିବେଶକ କମାଇଲେ ୧୧ ଲକ୍ଷ କୋଟି




ନୂଆଦିଲ୍ଲୀ, ୧୭।୪ (ଏଜେନ୍ସି): ଶୁକ୍ରବାର ସନ୍ଧ୍ୟାରେ କ୍ରିପ୍ଟୋକରେନ୍ସିରେ ତୀବ୍ର ବୃଦ୍ଧି ଘଟିଛି। ରାତି ୮ଟା ୩୦ ସୁଦ୍ଧା ବିଶ୍ୱ ବଜାର ପୁଞ୍ଜି ୨.୬୩ ଟ୍ରିଲିୟନ ଡଲାରକୁ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଏଥିରେ ୪.୭୦% ବୃଦ୍ଧି ହୋଇଛି। ପ୍ରାୟ ସମସ୍ତ କ୍ରିପ୍ଟୋ କରେନ୍ସି ଉପରମୁହାଁ ହୋଇଥିଲା। ଏହି ସମୟ ମଧ୍ୟରେ ପାଇ ନେଟୱାର୍କ କଏନ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଘଟି ବିଟ୍ କଏନକୁ ପଛରେ ପକାଇ ଦେଇଛି। ରାତି ୮ଟା ୩୦ ସମୟରେ, ବିଟ୍ କଏନ ପ୍ରାୟ ୭୭,୭୭୨ ଡଲାରରେ କାରବାର କରୁଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ଏଥିରେ ପ୍ରାୟ ୫% ବୃଦ୍ଧି ପାଇଛି। ବିଟ୍ କଏନ ଦୀର୍ଘ ସମୟ ପରେ ଏହି ସ୍ତରରେ ପହଞ୍ଚିଛି। ଏହି ସମୟରେ ପାଇ ନେଟୱାର୍କ କଏନ ୦.୧୮୦୮ ଡଲାର ରହିଥିଲା। ୨୪ ଘଣ୍ଟା ମଧ୍ୟରେ ଏଥିରେ ପ୍ରାୟ ୬.୭୦% ବୃଦ୍ଧି ପାଇଛି। ଫଳସ୍ୱରୂପ, ଗତ ୨୪ ଘଣ୍ଟା ମଧ୍ୟରେ ଲାଭ ଦୃଷ୍ଟିରୁ ପାଇ ନେଟୱାର୍କ କଏନ ବିଟ୍‌କଏନକୁ ପଛରେ ପକାଇଦେଇଛି।

# ଆଦାନୀ ଏସିଆର ଏକ ନମ୍ବର ଧନୀ

**ସାଢ଼େ ତିନି ମାସରେ ସମ୍ପତ୍ତିରେ ୭୫.୧୧ ହଜାର କୋଟି ବୃଦ୍ଧି**



**ଦିନକରେ ଆୟ କଲେ ୩୩ ହଜାର କୋଟି**

**ପଛରେ ପଡିଲେ ମୁକେଶ ଅମ୍ବାନୀ**

**୧.୫୭ ଲକ୍ଷ କୋଟି ଟଙ୍କା ହ୍ରାସ**

ନୂଆଦିଲ୍ଲୀ,୧୭।୪(ସମିସ): ଆଦାନୀ ଗ୍ରୁପ ଅଧ୍ୟକ୍ଷ ଗୌତମ ଆଦାନୀ ହୋଇଛନ୍ତି ଏସିଆର ସବୁଠୁ ବଡ଼ ଧନୀ। ସେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ଏସିଆ ମହାଦେଶର ଧନୀ ତାଲିକାରେ ଏକ ନମ୍ବରସ୍ଥାନ ହାସଲ କରିଛନ୍ତି। ବ୍ଲୁମ୍‌ବର୍ଗ ବିଲିୟନେୟର୍ସ ଇଣ୍ଡେକ୍ସ ଅନୁଯାୟୀ, ଆଦାନୀଙ୍କ ମୋଟ ସମ୍ପତ୍ତି ୯୨.୬ ବିଲିୟନ୍ ଡଲାର (ପ୍ରାୟ ୮.୫୯ ଲକ୍ଷ କୋଟି ଟଙ୍କା)କୁ ବୃଦ୍ଧି ପାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଏ ପର୍ଯ୍ୟନ୍ତ ମୁକେଶ ଅମ୍ବାନୀ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ଥିଲେ। ତାଙ୍କର ସମ୍ପତ୍ତି ୯୦.୮ ବିଲିୟନ୍ ଡଲାର କିମ୍ବା ପ୍ରାୟ ୮.୪୨ ଲକ୍ଷ କୋଟି ଥିଲା। ହେଲେ ଏଥର ଗୌତମ ଆଦାନୀ ତାଙ୍କଠାରୁ ଆଗେଇ ଯାଇଛନ୍ତି। ଚଳିତବର୍ଷ ଗୌତମ ଆଦାନୀଙ୍କ ସମ୍ପତ୍ତିରେ ୮.୧ ବିଲିୟନ୍ ଡଲାର ବା ପ୍ରାୟ ୭୫.୧୧ ହଜାର କୋଟି ଟଙ୍କା ବୃଦ୍ଧି ପାଇଛି। ଆଦାନୀ ଗ୍ରୁପର ସେୟାରରେ ବୃଦ୍ଧି ଯୋଗୁ ତାଙ୍କ ସମ୍ପତ୍ତି ବଢ଼ିଛି। ଅପରପକ୍ଷେ ଚଳିତ ବର୍ଷ ତାଙ୍କର ମୁକେଶଙ୍କ ସମ୍ପତ୍ତି ୧୬.୯ ବିଲିୟନ ଡଲାର ପ୍ରାୟ ୧.୫୭ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସେୟାରରେ ହ୍ରାସ ଏହାର ମୁଖ୍ୟ କାରଣ ଥିଲା।

ଗୌତମ ଆଦାନୀଙ୍କ ସମ୍ପତ୍ତି ଗୋଟିଏ ଦିନରେ ୩.୫୬ ବିଲିୟନ ଡଲାର, ଭାରତୀୟ ମୁଦ୍ରାରେ ପ୍ରାୟ ୩୩ ହଜାର କୋଟି ଟଙ୍କା ବୃଦ୍ଧି ପାଇଛି। ଏହି ବଡ଼ ବୃଦ୍ଧି ଯୋଗୁ ସେ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇବାରେ ସଫଳ ହୋଇଛନ୍ତି। ଯଦିଓ ଅମ୍ବାନୀଙ୍କ ସମ୍ପତ୍ତିରେ ମଧ୍ୟ ୧୨ କୋଟି ଟଙ୍କା ବୃଦ୍ଧି ପାଇଛି, ତେବେ ଆଦାନୀଙ୍କ ସମ୍ପତ୍ତିରେ ହୋଇଥିବା ବୃଦ୍ଧି ଗତିଠାରୁ ଏହା ବହୁତ କମ୍ ରହିଛି। ଅପରପକ୍ଷେ, ଏଲନ୍ ମସ୍କ ବିଶ୍ୱର ଧନୀ ବ୍ୟକ୍ତିଙ୍କ ତାଲିକାରେ ଶୀର୍ଷରେ ରହିଛନ୍ତି। ତାଙ୍କର ମୋଟ ସମ୍ପତ୍ତି ମୂଲ୍ୟ ୬୫୬ ବିଲିୟନ ଡଲାର ବା ପ୍ରାୟ ୬୦ ଲକ୍ଷ କୋଟି ଟଙ୍କା ହେବ।

# ପୁଣି ଲାଗିବ ଟ୍ରମ୍ପ ଟାରିଫ୍; ଟେନ୍‌ସନ୍‌ରେ ଭାରତ

**ଆମେରିକୀୟ ଅର୍ଥ ସଚିବ ଦେଲେ ସୂଚନା**

ନୂଆଦିଲ୍ଲୀ,୧୭।୪(ଏଜେନ୍ସି): ପୁଣି ଥରେ ଭାରତ ଉପରେ ଲାଗିବାକୁ ଯାଉଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍। ଆମେରିକାର ଅର୍ଥ ସଚିବ ସ୍କଟ୍ ବେସାଣ୍ଟ ଏ ନେଇ ସ୍ପଷ୍ଟ ସଙ୍କେତ ଦେଇଛନ୍ତି। ସେ କହିଛନ୍ତି ଯେ ଯଦିଓ ରାଷ୍ଟ୍ରପତି ଟ୍ରମ୍ପ୍ ତାଙ୍କ ଟାରିଫ୍ ନୀତିରେ ଏକ ବଡ଼ ଝଟ୍‌କା ପାଇପାରନ୍ତି। ତଥାପି, କିଛି ମାସ ମଧ୍ୟରେ ଏହା ପୁନର୍ବାର ଲାଗୁ ହୋଇପାରେ। ଆମେରିକାର ସୁପ୍ରିମକୋର୍ଟ ସମ୍ପ୍ରତି ଏହି ଶୁଳ୍କଗୁଡ଼ିକୁ ଅବୈଧ ବୋଲି ରାୟ ଦେଇଛନ୍ତି। ଏହାପରେ, ଆମେରିକା ଗତ ମାସରେ ଟାରିଫ୍ ଆଦାୟ ବନ୍ଦ କରିଦେଇଛି। ଏହା ପୂର୍ବରୁ ଆମେରିକା ଭାରତ ଉପରେ ଟାରିଫ୍ ୫୦% ରୁ ୧୮% କୁ ହ୍ରାସ କରିଥିଲା। ରୁଷିଆ ତେଲ କ୍ରୟ ଉପରେ ଲାଗୁ ହୋଇଥିବା ୨୫% ଅତିରିକ୍ତ ଶୁଳ୍କ (ଜରିମାନା) ମଧ୍ୟ ହଟାଇ ଦିଆଯାଇଥିଲା। ତେବେ ପୁଣି ଥରେ ଟ୍ରମ୍ପ୍ ଟାରିଫ୍ ଲାଗୁ ହେବାର ଭୟ ଏବେ ଭାରତକୁ ଘାରିବାରେ ଲାଗିଛି।

ଟାରିଫ୍‌କୁ ନେଇ ଟ୍ରମ୍ପଙ୍କ ନୀତିରେ ଅନିଶ୍ଚିତତା ଜାରି ରହିଛି। ସେଗୁଡ଼ିକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରାଯାଇଛି। ଏହି ଖବର ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ଅସ୍ଥାୟୀ ପ୍ରତିବନ୍ଧକ ଛାଡ଼କୁ ବୃଦ୍ଧି ନ କରିବାକୁ ନିଷ୍ପତ୍ତି ନେଇଛି, ଯାହା ଭାରତ ସମେତ ଅନେକ ଦେଶକୁ କିଛି ସୀମିତ ସର୍ତ୍ତାବଳୀରେ ରୁଷିଆ ଏବଂ ଇରାନୀ ତେଲ କ୍ରୟ ଜାରି ରଖିବାକୁ ଅନୁମତି ଦେଇଥିଲା। ଏହା ସହିତ ଆମେରିକାର ଏକ ନୂତନ ଚେତାବନୀ ମଧ୍ୟ ଆସିଛି, ଯଦି ତୁମେ ଇରାନରୁ ତେଲ କିଣ, ତେବେ ତୁମେ ପରିଣାମର ସମ୍ମୁଖୀନ ହେବ। ଯଦି ଇରାନୀୟ ତୈଳ ସେମାନଙ୍କର ତୈଳ ମିଶ୍ରଣରେ ଅନ୍ତର୍ଭୁକ୍ତ ହେବା ଜାରି ରହେ ତେବେ ସେମାନେ 'ଦ୍ୱିତୀୟ ପ୍ରତିବନ୍ଧକ'ର ଅତିରିକ୍ତ ବିପଦର ସମ୍ମୁଖୀନ ହୋଇପାରନ୍ତି। ଟ୍ରମ୍ପ ପ୍ରଶାସନ ଆଉ ଏକ ପାଦ ଆଗକୁ ଯାଇ ଭବିଷ୍ୟତରେ ଇରାନୀୟ ତୈଳ କ୍ରୟ ଜାରି ରଖିଥିବା ଯେକୌଣସି ଦେଶ ଉପରେ ପ୍ରତିବନ୍ଧକ ଲଗାଇବାକୁ ଧମକ ଦେଇଛି। ଏହି ଚେତାବନୀ ସିଧାସଳଖ ଇରାନୀୟ ଅଶୋଧିତ ତୈଳର ଏକ ପ୍ରମୁଖ କ୍ରେତା ଚୀନକୁ ଟାର୍ଗେଟ୍ କରୁଥିବା ପରି ମନେ ହେଉଛି। ଏଥିରେ ଭାରତ ପାଇଁ ଚିନ୍ତାର ବିଷୟ ହେଉଛି ଯେ ଟ୍ରମ୍ପ ସମାନ ଭାବରେ ରୁଷୀୟ ତୈଳ ପାଇଁ ମଧ୍ୟ ଟାରିଫ୍ ପରିସର ବିସ୍ତାର କରିପାରନ୍ତି। ଭାରତ ତାର ଶକ୍ତି ଆବଶ୍ୟକତା ପୂରଣ କରିବା ପାଇଁ ରୁଷଠାରୁ ତେଲ କିଣୁଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ୱାଶିଂଟନରେ ଏକ ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ କାର୍ଯ୍ୟକ୍ରମରେ ବେସାଣ୍ଟ କହିଛନ୍ତି, ଆମେ ଟାରିଫ୍ ନୀତି ପ୍ରସଙ୍ଗରେ ସୁପ୍ରିମକୋର୍ଟରୁ ଏକ ଝଟ୍‌କା ପାଇଛୁ। କିନ୍ତୁ ଆମେ ଧାରା ୩୦୧ ଅନୁଯାୟୀ ଅଧ୍ୟୟନ କାର୍ଯ୍ୟକାରୀ କରିବୁ କିମ୍ବା ଅଧ୍ୟୟନ କରିବୁ। ତେଣୁ, ଜୁଲାଇ ଆରମ୍ଭ ସୁଦ୍ଧା ଟାରିଫ୍ ତା'ର ପୂର୍ବ ସ୍ତରକୁ ଫେରିବା ସମ୍ଭାବନା ରହିଛି। ବେସାଣ୍ଟ କହିଛନ୍ତି ଯେ ଧାରା ୩୦୧ ଅନୁଯାୟୀ ଶୁଳ୍କ ଲାଗୁ କରିବାର ଅଧିକାର କୋର୍ଟରେ ପରୀକ୍ଷିତ ହୋଇଛି। ସୁପ୍ରିମ କୋର୍ଟ ରାୟ ଦେଇଛନ୍ତି ଯେ ଟ୍ରମ୍ପଙ୍କ ଟାରିଫ୍ ଲାଗୁ କରିବା ପାଇଁ ତାଙ୍କର ଜରୁରୀକାଳୀନ କ୍ଷମତାର ବ୍ୟବହାର ଅଣସାମ୍ବିଧାନିକ ଥିଲା। ଗୁରୁବାର ଦିନ, ବେସାଣ୍ଟ ଇରାନୀ ତେଲ କିଣିବା ବିରୁଦ୍ଧରେ ଦେଶଗୁଡ଼ିକୁ ମଧ୍ୟ ଚେତାବନୀ ଦେଇଥିଲେ। ହ୍ୱାଇଟ୍ ହାଉସରେ ସେ କହିଥିଲେ, ଆମେ ଦେଶମାନଙ୍କୁ କହିଛୁ ଯେ ଯଦି ସେମାନେ ଇରାନ ତେଲ କିଣୁଛନ୍ତି କିମ୍ବା ଇରାନ ଟଙ୍କା ଆପଣଙ୍କ ବ୍ୟାଙ୍କରେ ଜମା ହୋଇଛି, ତେବେ ଆମେ ଏବେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରସ୍ତୁତ।

# ଆମାଜନରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ପାଇଁ ଏଆଇ ଷ୍ଟୋର୍

ଭୁବନେଶ୍ୱର, ୧୭।୪: ଆମାଜନ ଡଟ୍ ଇନ ପକ୍ଷରୁ ଗ୍ରାହକମାନଙ୍କ ପାଇଁ ଏଆଇ-ପରିଚାଳିତ କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟଗୁଡିକୁ ସୁବିଧାଜନକ ଭାବେ ଅନ୍ୱେଷଣ ଓ କ୍ରୟ କରିବା ପାଇଁ ସ୍ୱତନ୍ତ୍ର ଏଆଇ ଷ୍ଟୋର୍‌ର ଶୁଭାରମ୍ଭ କରାଯାଇଛି। ଏହି ଏଆଇ ଷ୍ଟୋର୍ ଲାପ୍‌ଟପ, ସ୍ମାର୍ଟଫୋନ, ଟେଲିଭିଜନ, ଏୟାର କଣ୍ଡିସ୍‌ନର, ରେଫ୍ରିଜରେଟର, ୱାଶିଂମେଶିନ, ଟାବ୍‌ଲେଟ, ସ୍ମାର୍ଟୱାଚ ଓ ସ୍ମାର୍ଟ ଗ୍ଲାସେସ ସହିତ ଶ୍ରେଷ୍ଠ ଆନ୍ତର୍ଜାତୀୟ ଓ ଭାରତୀୟ ବ୍ରାଣ୍ଡର ଅନେକ ଉତ୍ପାଦ ଉପଲବ୍ଧ ରହିଛି। ଆମାଜନ ଡଟ୍ ଇନରେ ଏଆଇ ଡିଭାଇସ ସର୍ଚ୍ଚର ଦୁଇ ତୃତୀୟାଂଶ ଟାୟାର ୨ ଓ ୩ ସହରରୁ ଆସୁଛି, ଯାହା ଦେଶବ୍ୟାପୀ ଏଆଇ-ପରିଚାଳିତ ସ୍ମାର୍ଟ ଟେକ୍ନୋଲୋଜି ପାଇଁ ଗ୍ରାହକଙ୍କ ମଧ୍ୟରେ ବଢୁଥିବା ଚାହିଦାକୁ ଦର୍ଶାଉଛି। ଏଆଇ ଷ୍ଟୋର,ଆମାଜନ ଡଟ୍ ଇନର ପ୍ରତ୍ୟେକ ଗ୍ରାହକଙ୍କପାଇଁ ଏଆଇକୁ ସୁଲଭ ଓ ଅର୍ଥପୂର୍ଣ୍ଣ କରିବା ପାଇଁ ରହିଥିବା ବ୍ୟାପକ ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ଏଆଇ ଷ୍ଟୋରକୁ ଏଭଳି ନୀତି ଉପରେ ପ୍ରସ୍ତୁତ କରାଯାଇଛି ଯାହା ପ୍ରତ୍ୟେକ ତାଲିକାଭୁକ୍ତ ଉତ୍ପାଦ ଏଆଇ କ୍ଷମତା ମାଧ୍ୟମରେ ଏକ ବାସ୍ତବ, ପ୍ରତ୍ୟକ୍ଷ ଲାଭ ଦେଇପାରିବ ତାହା ନିଶ୍ଚିତ କରିଥାଏ। ଏଆଇ ଷ୍ଟୋର୍‌ର ଲେନ୍ସ ଏଆଇ ଫିଚର ଭିଜୁଆଲ ସର୍ଚ୍ଚକୁ ସକ୍ଷମ କରୁଥିବା ବେଳେ 'ଭ୍ୟୁ ଇନ୍ ୟୋର ରୁମ' ଗ୍ରାହକଙ୍କୁ କ୍ରୟ ପୂର୍ବରୁ ସେମାନଙ୍କ ଘରେ ଏକ ଡିଭାଇସ କଳ୍ପନା କରିବାକୁ ଅନୁମତି ଦେଇଥାଏ।

# ଅକ୍ଷୟ ତୃତୀୟାରେ ଅରୁନ୍ଧତୀ ଜୁଏଲର୍ସର ସ୍ୱର୍ଣ୍ଣ ଅକ୍ଷୟ ଅଫର

ଭୁବନେଶ୍ୱର, ୧୭।୪ (ସମିସ): ଅଳଙ୍କାର ପ୍ରତିଷ୍ଠାନ 'ଅରୁନ୍ଧତୀ ଜୁଏଲର୍ସ' ଅକ୍ଷୟ ତୃତୀୟା ଅବସରରେ ନେଇଆସିଛି ସ୍ୱର୍ଣ୍ଣ ଅକ୍ଷୟ ଅଫର। ଏଥିରେ ଗ୍ରାହକମାନେ ପାଇବେ ଓଡିଶା ବଜାରର ସର୍ବୋତ୍ତମ ଡିଜାଇନ ଉପରେ ସର୍ବନିମ୍ନ ଗଢା ମଜୁରୀର ସୁନିଶ୍ଚିତ ପ୍ରତିଶ୍ରୁତି। ସମସ୍ତ ସୁନା ଓ ରୁପା ଅଳଙ୍କାରର ଗଢା ମଜୁରୀ ଉପରେ ୫୦% ପର୍ଯ୍ୟନ୍ତ ବଡ ରିଆତି ସହ ପ୍ରତ୍ୟେକ ହୀରା ଗହଣାର ହୀରା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ମହାବଚତ୍। ଏହାସହିତ ଅରୁନ୍ଧତୀ ବାନ୍ଧକଳା ପ୍ରିମିୟମ ସମ୍ବଲପୁରୀ ଶାଢ଼ୀ ଉପରେ ୫୦% ପର୍ଯ୍ୟନ୍ତ ଆକର୍ଷଣୀୟ ରିଆତି। ଚଳିତଥର ଅକ୍ଷୟ ତୃତୀୟାରେ ଏହା ହେଉଛି ଅରୁନ୍ଧତୀ ଜୁଏଲର୍ସର ଭରସା ଓ ସମୃଦ୍ଧି ଭରା ସର୍ବଶ୍ରେଷ୍ଠ ଅଫର। ଏହି ଅବସରରେ ଅରୁନ୍ଧତୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି ଯେ, ଅକ୍ଷୟ ତୃତୀୟା କେବଳ ଏକ ତିଥି ନୁହେଁ, ଏହା ହେଉଛି ଆମ ପରମ୍ପରାରେ ଅତୁଟ ବିଶ୍ୱାସ, ସୁଖ ଏବଂ ଅକ୍ଷୟ ସମୃଦ୍ଧିର ପ୍ରତୀକ। ଅକ୍ଷୟ ତୃତୀୟାର ଏହି ଶୁଭ ମୁହୂର୍ତ୍ତରେ ସମସ୍ତେ ଯେମିତି ଆନନ୍ଦ ଉଲ୍ଲାସରେ ସର୍ବୋତ୍ତମ ଡ଼ିଜାଇନ ଉପରେ ସର୍ବଶ୍ରେଷ୍ଠ ଅଫର ସହ ସୁନା ଗହଣା କିଣିପାରିବେ। ଏହା ହିଁ ଆମର ମୁଖ୍ୟ ଲକ୍ଷ୍ୟ ବ୍ୟବସାୟକୁ ନୁହେଁ ଓଡିଶା ବାସୀଙ୍କ ଖୁସି ଓ ବିଶ୍ୱାସକୁ ଆମେ ସବୁବେଳେ ପ୍ରାଥମିକତା ଦେଇଆସିଛୁ। ସେହି ବିଶ୍ୱାସକୁ ବଜାଇ ରଖୁ ଅରୁନ୍ଧତୀର ଏହି ଅନନ୍ୟ ଅଫର୍ ଗ୍ରାହକମାନଙ୍କ କଷ୍ଟଲବ୍ଧ ଅର୍ଥର ସୁରକ୍ଷା ପାଇଁ ଏକ ସଂକଳ୍ପ। ସମସ୍ତଙ୍କ ଘରକୁ ସୁଖ, ଶାନ୍ତି, ସମୃଦ୍ଧିର ସମ୍ଭାର ଆସୁ, ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ଏହା ହିଁ ଆମର କାମନା।




# ଚାଇନା ମୁଦ୍ରାରେ ଇରାନ୍‌ରୁ ତେଲ କିଣିଲା ଭାରତ

ନୂଆଦିଲ୍ଲୀ, ୧୭।୪ (ଏଜେନ୍ସି): ଭାରତୀୟ ରିଫାଇନାରୀଗୁଡିକ ଇରାନରୁ କିଣାଯାଇଥିବା ତେଲ ପାଇଁ ଚୀନ୍ ମୁଦ୍ରା ୟୁଆନରେ ପେମେଣ୍ଟ ଦେଇଛନ୍ତି। ଏହି ଖବର ଏପରି ସମୟରେ ଆସିଛି ଯେତେବେଳେ ଇରାନୀ ତେଲ କ୍ରୟ ପାଇଁ ଆମେରିକାର କଟକଣାକୁ ଅସ୍ଥାୟୀ ଭାବରେ ଶିଥିଳ କରାଯାଇଛି। ରଏଟର୍ସ ଅନୁଯାୟୀ, ମୁମ୍ବାଇ ସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ମାଧ୍ୟମରେ ଏହି ଅର୍ଥ ପେମେଣ୍ଟ ଦିଆଯାଇଥିଲା, ଯାହା ଏହାର ସାଂଘାଇ ଶାଖା ମାଧ୍ୟମରେ ପାଣ୍ଠି ସ୍ଥାନାନ୍ତର କରିଥିଲା। ଭାରତୀୟ ରିଫାଇନାରୀଗୁଡିକ ଦୀର୍ଘ ୭ ବର୍ଷ ପରେ ଇରାନରୁ ତେଲ କ୍ରୟ କରିଛନ୍ତି, କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଏହାର ପେମେଣ୍ଟ ପଦ୍ଧତି। ଭାରତର ସର୍ବବୃହତ ରାଷ୍ଟ୍ରାୟତ୍ତ ରିଫାଇନାରୀ ଇଣ୍ଡିଆନ ଅଏଲ କର୍ପୋରେସନ (ଆଇଓସି) ଚଳିତ ମାସ ପ୍ରାରମ୍ଭରେ ୨ ନିୟୁତ ବ୍ୟାରେଲ ଇରାନୀ ଅଶୋଧିତ ତେଲ କିଣିଥିଲା। ତେଲ ବଡ଼ ଜାହାଜ ଜୟା ମାଧ୍ୟମରେ ଆସିଥିଲା। ଏହା ପ୍ରାୟ ୨୦୦ ନିୟୁତ ଡଲାର (ପ୍ରାୟ ୧୮୫୭ କୋଟି ଟଙ୍କା) ମୂଲ୍ୟର ଏକ ଚୁକ୍ତି ଥିଲା। ଟ୍ୟାଙ୍କର ଭାରତୀୟ ଜଳସୀମାରେ ପ୍ରବେଶ କରିବା ମାତ୍ରେ ଆଇଓସି ମୋଟ ତେଲ ମୂଲ୍ୟର ୯୫% ପେମେଣ୍ଟ କରିଥିଲା। ବିଶେଷଜ୍ଞଙ୍କ ଅନୁଯାୟୀ, ପ୍ରତିବନ୍ଧକ ଅଧୀନରେ ଥିବା ଦେଶଗୁଡ଼ିକ ସହିତ ଏପରି ଦେୟ ବ୍ୟବସ୍ଥା ବହୁତ ଅସ୍ୱାଭାବିକ। ଅପରପକ୍ଷେ ଚୀନ୍ ଆମେରିକାକୁ ପଛରେ ପକାଇ ଭାରତର ସର୍ବବୃହତ ବାଣିଜ୍ୟିକ ଅଂଶୀଦାର ହୋଇଛି। ୨୦୨୫-୨୬ ଆର୍ଥିକବର୍ଷରେ ଭାରତ ଏବଂ ଚୀନ୍ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାବରାର ୧୫୧ ବିଲିୟନ ଡଲାରରେ ପହଞ୍ଚିଛି।



ଏହା ବ୍ୟତୀତ, ଘରୋଇ କ୍ଷେତ୍ର ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସହିତ ଜଡିତ ୪ଟି ଜାହାଜକୁ ମଧ୍ୟ ଭାରତୀୟ ବନ୍ଦରରେ ଡକିଂ କରିବାକୁ ଅନୁମତି ଦିଆଯାଇଥିଲା। ଏଥିମଧ୍ୟରୁ, ଜାହାଜ ଏମ୍‌ଟି ଫେଲିସିଟି, ପୂର୍ବରୁ ତେଲ ଅନଲୋଡ୍ କରିସାରିଛି। ଇରାନ ଉପରେ ଦୀର୍ଘକାଳୀନ ଆମେରିକାର ପ୍ରତିବନ୍ଧକ ଯୋଗୁଁ, ଡଲାରରେ ଦେୟ ଦେବା ପ୍ରାୟତଃ ଅସମ୍ଭବ। ତଥାପି, ସମ୍ପ୍ରତି ଆମେରିକା-ଇସ୍ରାଏଲ ଯୁଦ୍ଧ ଯୋଗୁଁ ତୈଳ ମୂଲ୍ୟ ବୃଦ୍ଧି ପାଇବା ଯୋଗୁଁ, ୱାଶିଂଟନ ଏକ ଅସ୍ଥାୟୀ ୩୦-ଦିନର ରିଆତିପ୍ରଦାନ କରିଥିଲା। ଏହି ୱିଣ୍ଡୋର ସୁଯୋଗ ନେବା ପାଇଁ ଭାରତୀୟ କମ୍ପାନୀଗୁଡ଼ିକ ୟୁଆନକୁ ଏକ ପେମେଣ୍ଟ ପଦ୍ଧତି ଭାବରେ ବାଛିଥିଲେ। ଟ୍ୟାଙ୍କର ଭାରତୀୟ ଜଳସୀମାରେ ପ୍ରବେଶ କରିବା ମାତ୍ରେ ଆଇଓସି ମୋଟ ତେଲ ମୂଲ୍ୟର ୯୫% ପେମେଣ୍ଟ କରିଥିଲା। ବିଶେଷଜ୍ଞଙ୍କ ଅନୁଯାୟୀ, ପ୍ରତିବନ୍ଧକ ଅଧୀନରେ ଥିବା ଦେଶଗୁଡ଼ିକ ସହିତ ଏପରି ଦେୟ ବ୍ୟବସ୍ଥା ବହୁତ ଅସ୍ୱାଭାବିକ।

## ଆମେରିକା ଡଲାରକୁ ଲାଗିଲା ବଡ଼ ଝଟ୍‌କା

## ଚାଇନା ଭାରତର ବୃହତ୍ ବାଣିଜ୍ୟିକ ସହଯୋଗୀ

## ଦ୍ୱିପାକ୍ଷିକ କାରବାରରେ ପଛରେ ଆମେରିକା

୨୦୨୫-୨୬ ଆର୍ଥିକବର୍ଷରେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ୧୪୦.୨ ବିଲିୟନ ଡଲାର ଥିଲା। ତଥାପି, ଚୀନ୍ ସହିତ ଭାରତର ବାଣିଜ୍ୟ ନିଅଣ୍ଟ ୧୧୨ ବିଲିୟନ ଡଲାରରେ ପହଞ୍ଚିଛି। ଭାରତରୁ ଚୀନ୍‌କୁ ରପ୍ତାନି ୩୬% ବୃଦ୍ଧି ପାଇ ୧୯.୫ ବିଲିୟନ ଡଲାର ହୋଇଛି, ଯେତେବେଳେ ଆମଦାନି ୧୬% ବୃଦ୍ଧି ପାଇ ୧୩୧.୬ ବିଲିୟନ ଡଲାର ହୋଇଛି। ଏହା ଚୀନ୍ ଭାରତର ତୃତୀୟ ବୃହତ୍ତମ ରପ୍ତାନି ଗନ୍ତବ୍ୟସ୍ଥଳ ଏବଂ ସର୍ବବୃହତ ଆମଦାନି ଉତ୍ସ ହୋଇଛି। ଅନ୍ୟପକ୍ଷରେ, ଆମେରିକା ସହିତ ଭାରତର ବାଣିଜ୍ୟ ବଳକା ହ୍ରାସ ପାଇଛି। ଭାରତରୁ ଆମେରିକାକୁ ରପ୍ତାନି ୦.୯% ବୃଦ୍ଧି ପାଇ ୮୭.୩ ବିଲିୟନ ଡଲାର ହୋଇଛି, ଯେତେବେଳେ ଆମଦାନି ୧୬% ବୃଦ୍ଧି ପାଇ ୫୨.୯ ବିଲିୟନ ଡଲାର ହୋଇଛି। ତଥାପି, ଆମେରିକା ଭାରତର ସର୍ବବୃହତ ରପ୍ତାନି ଗନ୍ତବ୍ୟସ୍ଥଳ ଭାବରେ ରହିଛି। ପଶ୍ଚିମ ଏସିଆରେ ଯୁଦ୍ଧ ଏବଂ ଆମେରିକାର ଶୁଳ୍କ ସତ୍ତ୍ୱେ, ଭାରତର ସାମଗ୍ରୀ ରପ୍ତାନି ୨୦୨୫-୨୬ରେ ରେକର୍ଡ ୪୪୧.୮ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧% ବୃଦ୍ଧି ପାଇଛି।

**ଆସୋଚାମ ଓଡ଼ିଶାର ନୂଆ ଟିମ୍ ଘୋଷଣା**

# ପଙ୍କଜ ଲୋଚନ ମହାନ୍ତି ଅଧ୍ୟକ୍ଷ



ଭୁବନେଶ୍ୱର,୧୭।୪(ସମିସ): ଭାରତୀୟ ବାଣିଜ୍ୟ ଓ ଶିଳ୍ପ ମହାସଂଘ (ଆସୋଚାମ) ପକ୍ଷରୁ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ଓଡିଶା ରାଜ୍ୟ ବିକାଶ ପରିଷଦ ଲାଗି ଏହାର ନୂତନ ନେତୃବୃନ୍ଦ ଗଠନ ସମ୍ପର୍କରେ ଘୋଷଣା କରାଯାଇଛି। ପଙ୍କଜ ଲୋଚନ ମହାନ୍ତି (ଏମ୍‌ଜିଏମ ଗ୍ରୁପ) ପରିଷଦର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବେ। ଏଥିସହିତ ଡଃ ପ୍ରବୋଧ ମହାନ୍ତି (ଏସଏନଏମ ଗ୍ରୁପ୍)ଓ ସୁନୀଲ ପାଣ୍ଡେ (ରିଲାଏନ୍ସ ଇଣ୍ଡଷ୍ଟ୍ରୀଜ୍ ଲିମିଟେଡ) ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ। ଏ ସମ୍ପର୍କରେ ପଙ୍କଜ ଲୋଚନ ମହାନ୍ତି କହିଛନ୍ତି, ଏହି ନେତୃତ୍ୱ ଟିମ୍ ଓଡିଶାର ଶିଳ୍ପ କ୍ଷେତ୍ରର ଗଭୀରତା ଓ ବିବିଧତାକୁ ପ୍ରତିଫଳନ କରୁଛି। ପ୍ରସନ୍ନ କୁମାର ପଣ୍ଡା (ଜେଏସଡବ୍ଲ୍ୟୁ ଷ୍ଟିଲ ଲିଃ) ଖଣି ଓ ଇସ୍ପାତ ପରିଷଦର ଅଧ୍ୟକ୍ଷ, ଶଶିଶେଖର ମହାନ୍ତି (ଏସାର ମିନମେଟ ଲିମିଟେଡ) ଉତ୍ପାଦନ ପରିଷଦର ଅଧ୍ୟକ୍ଷ ଓ ଆଲେକ୍ସ ଥୋମାସ (ଜିନ୍ଦଲ ଷ୍ଟେନଲେସ୍) ଉପାଧ୍ୟକ୍ଷ, ପାର୍ଥ ପଟ୍ଟନାୟକ (ୱେଲସ୍‌ପୁନ ଗ୍ରୁପ) ବୟନଶିଳ୍ପ ପରିଷଦର ଅଧ୍ୟକ୍ଷ, ଅଶେଷ ପାଢି(ଜେଏସଡବ୍ଲ୍ୟୁ ଏନର୍ଜି) ଶକ୍ତି ପରିଷଦର ଅଧ୍ୟକ୍ଷ ଓ ତ୍ରିଭୁବନ ଧାମନା(ରିନ୍ୟୁ ପ୍ରାଇଭେଟଲିମିଟେଡ) ଉପାଧ୍ୟକ୍ଷ, ପ୍ରଶାନ୍ତ ହୋତା (ଜେଏସପିଏଲ) ସିଏସଆର ଓ ସ୍ଥାୟିତ୍ୱ ପରିଷଦର ଅଧ୍ୟକ୍ଷ, ଡଃ ଆଲେକ୍ସଜାଣ୍ଡର ଦାସ (କଳିଙ୍ଗ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ) ଶିକ୍ଷା ପରିଷଦର ଅଧ୍ୟକ୍ଷ, ଅବନିଶ ନାୟକ (ଜେଡ୍‌ଟପ ଆଇଓଟି ସଲ୍ୟୁଶନ୍‌ସ) ଷ୍ଟାର୍ଟଅପ ପରିଷଦର ଅଧ୍ୟକ୍ଷ, ଦେବଙ୍କର ଘୋଷ (ପଡବ୍ଲ୍ୟୁସି) ଆଇଟି ଓ ଏମର୍ଜିଂ ଟେକ୍ନୋଲୋଜି ପରିଷଦର ଉପାଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି।



ସଂସଦ ଭବନ ପରିସରରେ ଥିବା ବିଜେଡି କାର୍ଯ୍ୟାଳୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଦଳର ସାଂସଦ ଓ ପୂର୍ବତନ ସାଂସଦମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି

‘ବୋଉ ବୁଟୁ ଭୂତ’ ଓ ‘ଅନନ୍ତା’କୁ ଜାତୀୟ ପୁରସ୍କାର

# ବାବୁସାନ ଶ୍ରେଷ୍ଠ ଅଭିନେତା, ଅର୍ଚ୍ଚିତା ଶ୍ରେଷ୍ଠ ଅଭିନେତ୍ରୀ



**ଭୁବନେଶ୍ୱର,୧୭।୪(ସମିସ):** ଓଡ଼ିଆ ଚଳଚ୍ଚିତ୍ର ‘ବୋଉ ବୁଟୁ ଭୂତ’କୁ ମିଳିଛି ଜାତୀୟ ପୁରସ୍କାର। ମୁମ୍ବାଇରେ ଆୟୋଜିତ ପ୍ରତିଷ୍ଠିତ ଆଇଏନସିଏ ଆୱାର୍ଡ୍ସ ଉତ୍ସବରେ ଓଡ଼ିଆ ସିନେମା ‘ବୋଉ ବୁଟୁ ଭୂତ’ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହୋଇଛି। ସେହିପରି ଶ୍ରେଷ୍ଠ ଅଭିନେତା ଭାବେ ବାବୁଶାନ ମହାନ୍ତି ଓ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଅର୍ଚ୍ଚିତା ସାହୁଙ୍କୁ ମଧ୍ୟ ସମ୍ମାନିତ ହୋଇଛନ୍ତି। ପ୍ରଡ୍ୟୁସର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ଆଇଏନସିଏ ଆୱାର୍ଡସ ଉତ୍ସବରେ ଜାତୀୟ ସ୍ତରରେ ଓଡ଼ିଆ ସିନେମା ଶିଳ୍ପ ପୁଣି ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବା ସହ ଓଡିଶା ପାଇଁ ଗର୍ବ ଆଣିଛି। ଅନ୍ୟପକ୍ଷରେ ‘ଅନନ୍ତା’ ଚଳଚ୍ଚିତ୍ରର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଓ ତାଙ୍କ ପୁଅ ନିର୍ଦ୍ଦେଶକ କୁମାର ସି ଦେବ ମହାପାତ୍ରଙ୍କୁ ଶ୍ରେଷ୍ଠ ଓଡ଼ିଆ ସିନେ ନିର୍ଦ୍ଦେଶକ ଭାବେ ସମ୍ମାନିତ କରାଯାଇଛି।

‘ବୋଉ ବୁଟୁ ଭୂତ’ ଫିଲ୍ମର ପ୍ରଯୋଜିକା ତଥା ବାବୁଶାନଙ୍କ ପତ୍ନୀ ତୃପ୍ତି ଶତପଥୀ ଏହି ସମ୍ମାନ ଗ୍ରହଣ କରିବା ସମୟରେ ମଞ୍ଚରେ ବେଶ ଭାବବିହ୍ୱଳ ହୋଇ ଜୟ ଜଗନ୍ନାଥ କହିଥିଲେ। ଏହି ସଫଳତା ସମସ୍ତ ଦର୍ଶକଙ୍କ ପାଇଁ ସମ୍ଭବ ବୋଲି କହି ପ୍ରତ୍ୟେକ ଦର୍ଶକଙ୍କୁ ଧନ୍ୟବାଦ କହିଥିଲେ। ବଲିଉଡ ଫିଲ୍ମ ନିର୍ମାତା କରଣ ଜୋହର ତାଙ୍କ ପାଖରେ ପହଞ୍ଚି ତୃପ୍ତିଙ୍କୁ ସାଧୁବାଦ ଦେବା ସହ ଅଭିନନ୍ଦନ ମଧ୍ୟ ଜଣାଇଥିଲେ। ସେହିପରି ଉକ୍ତ ସନେମାରେ ବାବୁଶାନ ଓ ଅର୍ଚ୍ଚିତାଙ୍କୁ ଶ୍ରେଷ୍ଠ ଅଭିନେତା ଓ ଅଭିନେତ୍ରୀ ଭାବେ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ସେ ଓଡ଼ିଶାବାସୀଙ୍କୁ ସମର୍ପଣ କରିବା ସହ ଓଡ଼ିଆ ଚଳଚ୍ଚିତ୍ର ଓ ସେମାନଙ୍କ ଆସ୍ଥା ବିଶ୍ୱାସ ପାଇଁ ସମ୍ଭବ ହୋଇଛି ବୋଲି କହିଛନ୍ତି। ୨୦୨୫ ମସିହାର ସାରା ଦେଶର ଶ୍ରେଷ୍ଠ ୧୦ଟି ଚଳଚ୍ଚିତ୍ର ମଧ୍ୟରୁ ‘ବୋଉ ବୁଟୁ ଭୂତ’କୁ ଏହି ସମ୍ମାନଜନକ ପୁରସ୍କାର ମିଳିଛି। ଏହି ଭବ୍ୟ ପୁରସ୍କାର ବିତରଣ ଉତ୍ସବରେ ବଲିଉଡ୍ ଏବଂ ଦକ୍ଷିଣ ଭାରତୀୟ ସିନେମାର ବହୁ ନାମୀଦାମୀ କଳାକାର ଓ ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

# ୨୨୫ ଲାଇବ୍ରେରିଆନ୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି

**ଭୁବନେଶ୍ୱର,୧୭।୪(ସମିସ):** ଉଚ୍ଚଶିକ୍ଷା ବିଭାଗରେ ୨୨୫ଟି ଲାଇବ୍ରେରିଆନ୍ ପଦରେ ନିଯୁକ୍ତି ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୨୭ ତାରିଖରୁ ଆବେଦନ ଆରମ୍ଭ ହେବ। ମେ’ ୩୦ ତାରିଖ ପର୍ଯ୍ୟନ୍ତ ଆଶାୟୀ ପ୍ରାର୍ଥୀମାନେ ଆବେଦନ କରିପାରିବେ। ଏନେଇ ପରୀକ୍ଷା ପରିଚାଳନା କରୁଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍ଏସ୍ବି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଲାଇବ୍ରେରୀ ସାଇନ୍ସ ବା ତତ୍ସମ ଡିଗ୍ରୀଧାରୀ ଆବେଦନ କରିପାରିବେ। ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପାଇଁ ସର୍ବନିମ୍ନ ମାର୍କ ଧାର୍ଯ୍ୟ କରାଯାଇଛି। ମୋଟ୍ ୧୫୦ ମାର୍କ ମଧ୍ୟରୁ ଅଣସଂରକ୍ଷିତ ବର୍ଗଙ୍କ ପାଇଁ ୪୦ପ୍ରତିଶତ ମାର୍କ ଧାର୍ଯ୍ୟ ହୋଇଥିବା ବେଳେ ଏସ୍ସି, ଏସ୍ଟି, ଏସ୍ଇବିସି ଓ ଦିବ୍ୟାଙ୍ଗ ବର୍ଗର ଆଶାୟୀଙ୍କ ପାଇଁ ସର୍ବନିମ୍ନ ୩୦ ପ୍ରତିଶତ ମାର୍କ ରଖିବା ବାଧ୍ୟତାମୂଳକ କରାଯାଇଛି। ରାଜ୍ୟର ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, ଜୟପୁର ଓ ସମ୍ବଲପୁର ପରି ୫ଟି ଜୋନ୍ରେ ପରୀକ୍ଷା ହେବ। ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଲାଇବ୍ରେରୀ ମୁଭମେଣ୍ଟ ପକ୍ଷରୁ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟରେ ଏସବୁ ନିଯୁକ୍ତି ପରେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହେବ ବୋଲି ସୁନୀଲ କୁମାର ମିଶ୍ରଙ୍କ ସମେତ ରମାକାନ୍ତ ଭୂୟାଁ, ଦୀପକ କୁମାର ସାହୁ, ସୁନୀଲ କୁମାର ସାହୁ, ଅର୍ପିତା ବଲ୍ ଓ ପ୍ରଦୀପ କୁମାର ଚିନାରା ପ୍ରମୁଖ ମତବ୍ୟକ୍ତ କରିଛନ୍ତି।

# ନୂଆଦିଲ୍ଲୀରେ ପ୍ରବାଦପୁରୁଷ ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି

ଯୋଗ ଦେଲେ ବିଭିନ୍ନ ରାଜନୈତିକ ଦଳର ନେତା




**ନୂଆଦିଲ୍ଲୀ,୧୭।୪(ସମିସ):** ନୂଆଦିଲ୍ଲୀସ୍ଥିତ କନ୍ଷ୍ଟିଚ୍ୟୁସନ କ୍ଲବରେ ଅନୁଷ୍ଠିତ ହୋଇଛି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପୂଣ୍ୟତିଥି ଦିବସ। ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସାଂସଦ ସସ୍ମିତ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦେଶ ତଥା ଓଡ଼ିଶାର ବିକାଶ ନିମନ୍ତେ ବିଜୁ ପଟ୍ଟନାୟକଙ୍କ ଅପୂର୍ବ ଅବଦାନକୁ ସେ ସ୍ମରଣ କରିଥିଲେ।

କାର୍ଯ୍ୟକ୍ରମରେ ଡିଏମ୍କେ ସାଂସଦ ତିରୁଚି ଶିବା, ଆପ୍ ସାଂସଦ ସଞ୍ଜୟ ସିଂହ, ଆର୍ଜେଡି ସାଂସଦ ମନୋଜ ଝା, ୱାଇଏସ୍ଆର୍ସିପି ସାଂସଦ ଟି.ସୁବ୍ବରାମ ରେଡ୍ଡି ଓ ଗୋଲା ବାବୁରାଓଙ୍କ ସହ ମେଦା ରଘୁନାଥ ରେଡ୍ଡି, ସ୍ୱାତୀ ମାଲିୱାଲ, ଏ.ରାମରେଡ୍ଡି, ସୁରଜ ମଣ୍ଡଳ ପ୍ରମୁଖ ଯୋଗ ଦେଇ ବିଜୁ ପଟ୍ଟନାୟକଙ୍କ ନିର୍ଭିକ ନେତୃତ୍ୱ, ଆଧୁନିକ ଓଡ଼ିଶା ଗଠନରେ ତାଙ୍କର ଯୋଗଦାନ, ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ତାଙ୍କର କାଳଜୟୀ ଭୂମିକାକୁ ପ୍ରଶଂସା କରିଥିଲେ। ବିଜୁ ପଟ୍ଟନାୟକଙ୍କ ପରଲୋକର ତିନି ଦଶନ୍ଧି ବିତିଥିଲେ ମଧ୍ୟ ତାଙ୍କର ଆଦର୍ଶ ଓ ମୂଲ୍ୟବୋଧ ଏବେ ବି ଦେଶବାସୀଙ୍କୁ ଅନୁପ୍ରେରିତ କରି ଚାଲିଛି। ପିଢ଼ି ପରେ ପିଢ଼ି ବିଜୁଙ୍କ ଅବଦାନକୁ ସ୍ମରଣ କରୁଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

ରାଜ୍ୟସଭା ସାଂସଦ ସନ୍ତୃପ୍ତ ମିଶ୍ର, ପୂର୍ବତନ ସାଂସଦ ନିରଞ୍ଜନ ବିଶି, ମୁଜିବୁଲ୍ଲା ଖାନ୍ ପ୍ରମୁଖ ଏହି ଅବସରରେ ବିଜୁବାବୁଙ୍କ ଉତ୍ସର୍ଗୀକୃତ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମାବେଶରେ ସାଂସଦ ମାନସ ମଙ୍ଗରାଜ ଓ ଦେବାଶିଷ ସାମନ୍ତରାୟଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶଙ୍କ ପୁନଃ ନିର୍ବାଚନକୁ ବିଜେଡିର ସ୍ୱାଗତ

ଦଳ ପକ୍ଷରୁ ଶୁଭେଚ୍ଛା ଜଣାଇଲେ ସାଂସଦ ମାନସ

**ଭୁବନେଶ୍ୱର,୧୭।୪(ସମିସ):** ରାଜ୍ୟସଭା ଉପାଧ୍ୟକ୍ଷ ଭାବେ ହରିବଂଶ ନାରାୟଣ ସିଂହ ପୁନର୍ବାର ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା ମାନସ ରଞ୍ଜନ ମଙ୍ଗରାଜ ବିଜେଡି ପକ୍ଷରୁ ଶ୍ରୀ ସିଂହଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶୁକ୍ରବାର ରାଜ୍ୟସଭାରେ ବକ୍ତବ୍ୟ ରଖି ଶ୍ରୀ ମଙ୍ଗରାଜ କହିଛନ୍ତି, ଆମ ଦଳର ସମସ୍ତ ସାଂସଦ, ସର୍ବୋପରି ଆମର ନେତା ଓ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ତରଫରୁ ହରିବଂଶ ନାରାୟଣ ସିଂହଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି। ତାଙ୍କ ପୂର୍ବ କାର୍ଯ୍ୟକାଳରେ ସେ ରାଜ୍ୟସଭାର କାର୍ଯ୍ୟକ୍ରମ ପରିଚାଳନା କରିବାରେ ପ୍ରଶଂସନୀୟ ନିରପେକ୍ଷତା ପ୍ରଦର୍ଶନ କରିଛନ୍ତି। ରାଜ୍ୟସଭା ପରିଚାଳନାରେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ଅଛି।ତାଙ୍କର ସରଳ ଓ ମର୍ଯ୍ୟାଦାପୂର୍ଣ୍ଣ ଆଚରଣ ଆମକୁ ବହୁଳ ଭାବେ ପ୍ରଭାବିତ କରିଛି। ସେ ଭବିଷ୍ୟତରେ ମଧ୍ୟ ସମାନ ନିରପେକ୍ଷତା ଓ ନ୍ୟାୟପରାୟଣତାର ଭାବନାକୁ ବଜାୟରଖିବେ ବୋଲି ଶ୍ରୀ ମଙ୍ଗରାଜ ବିଶ୍ୱାସ ପ୍ରକଟ କରିଛନ୍ତି। ବିଜେଡି ତରଫରୁ ତାଙ୍କୁ ପୂର୍ଣ୍ଣ ସମର୍ଥନ ମିଳିବ ଶ୍ରୀ ମଙ୍ଗରାଜ ଗୃହରେ ଆଶ୍ୱାସନା ପ୍ରଦାନ କରିଛନ୍ତି।

# ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ମହୁଲଡିହା/ଠାକୁରମୁଣ୍ଡା, ୧୭।୪(ସମିସ):** ତାଳପଦା ପଞ୍ଚାୟତ କାଳିଆପୋଷି ଗାଁ ବିଲ ମଝିରେ ଥିବା ଏକ କରଞ୍ଜ ଗଛରୁ ଠାକୁରମୁଣ୍ଡା ପୁଲିସ୍ ଆଜି ଏକ ପ୍ରେମୀଯୁଗଳଙ୍କ ଝୁଲନ୍ତା ଶବ ଉଦ୍ଧାର କରିଛି। ମୃତକଦ୍ୱୟ ହେଲେ, କାଳିଆପୋଷି ଗ୍ରାମର ତୁରୀ ଦେଓଗାମଙ୍କ ଝିଅ ଚାନ୍ଦୁ(୧୫) ଓ କରଞ୍ଜିଆ ଥାନା କୁଳିପୋଷି ପଞ୍ଚାୟତ ଅନ୍ତର୍ଗତ ସୁନିପୋଷି ଗ୍ରାମର ଶ୍ରୀଧର ମାରାଣ୍ଡିଙ୍କ ପୁଅ ପଞ୍ଚୁ (୧୯)। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପଞ୍ଚୁ କାଳିଆପୋଷି ହାଇସ୍କୁଲରେ ପଢୁଥିବା ବେଳେ ଚାନ୍ଦୁ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପଞ୍ଚୁ ହାଇସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ଭଦ୍ରକ କଲେଜରେ +୨ ପରୀକ୍ଷା ଦେଇଥିଲେ। ଇଣ୍ଟର-ଭ୍ୟୁ ଦେବାକୁ ଯାଉଛି କହି ସେ ଗତ ୧୧ ତାରିଖ ଦିନ ଘରୁ ଯାଇଥିଲେ। ତେବେ, ଦୁହେଁ ଆତ୍ମହତ୍ୟା କରିଛନ୍ତି ନା ଏହା ପଛରେ ଆଉ କିଛି ରହସ୍ୟ ଅଛି, ସେନେଇ ପୁଲିସ ଖୋଳତାଡ଼ ଚଳାଇଛି। ସୂଚନାନୁଯାୟୀ, ଆଜି ସକାଳେ କାଳିଆପଶି ଗ୍ରାମ ୱାର୍ଡ ମେମ୍ବର ତୁରୀ ସାମାଡ ଖମାର ମଝିରେ ଥିବା ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ କରଞ୍ଜ ଗଛରେ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ଶବ ଦେଖିବା ପରେ ଘଟଣା ପଦାକୁ ଆସିଥିଲା। ସେ ଏ ସଂପର୍କରେ ତାଳପଦା ସରପଞ୍ଚ ଓ ଠାକୁରମୁଣ୍ଡା ଥାନାଧିକାରିଣୀଙ୍କୁ ଜଣାଇବା ପରେ ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ସଦଳବଳେ ପହଞ୍ଚି ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଭାବେ ଠାକୁରମୁଣ୍ଡା ତହସିଲଦାର ସମ୍ବିତ କରଙ୍କ ଉପସ୍ଥିତିରେ ଉଦ୍ଧାର କରିଥିଲେ।

# ସ୍ଥଗିତ ଥିବା ୩ଟି ବାର୍ ଆସୋସିଏସନ୍ର ନିର୍ବାଚନ ମେ’ ୨୩ରେ

**କଟକ,୧୭।୪(ସମିସ):** ନବରଙ୍ଗପୁର, ଜଟଣୀ ଏବଂ ସୁନ୍ଦରଗଡ଼ ବାର୍ ଆସୋସିଏସନ୍ ପାଇଁ ନିର୍ବାଚନ ତାରିଖ ଘୋଷଣା କରିଛି ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ। ଆସନ୍ତା ମେ’ ୨୩ରେ ଏହି ତିନୋଟି ସ୍ଥାନରେ ମତଦାନ ଅନୁଷ୍ଠିତ ହେବ। ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଏକ ପ୍ରେସ୍ ବିବୃତ୍ତି ଜରିଆରେ ଏହା ଜଣାଇଛନ୍ତି। ରାଜ୍ୟର ଅନ୍ୟ ସମସ୍ତ ବାର୍ ଆସୋସିଏସନ୍ରେ ‘ୱାନ ବାର୍ ୱାନ ଭୋଟ୍’ ନୀତି ଅନୁଯାୟୀ ଗତ ମାର୍ଚ୍ଚ ୨୮ ତାରିଖରେ ନିର୍ବାଚନ ଶେଷ ହୋଇଥିଲା। ମାତ୍ର କେତେକ ବିଶୃଙ୍ଖଳା କାରଣରୁ ନବରଙ୍ଗପୁର, ଜଟଣୀ ଏବଂ ସୁନ୍ଦରଗଡ଼ ଜିଲ୍ଲା ବାର୍ ଆସୋସିଏସନ୍ର ନିର୍ବାଚନ ସେତେବେଳେ ସ୍ଥଗିତ ରଖାଯାଇଥିଲା। ସମ୍ପୃକ୍ତ ବାର୍ ଆସୋସିଏସନ୍ର ସଭାପତି ଓ ସମ୍ପାଦକଙ୍କୁ ତୁରନ୍ତ ସାଧାରଣ ବୈଠକ ଡକାଇବାକୁ କୁହାଯାଇଛି। ଏହି ବୈଠକରେ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ଦେଇ ସେ ସମ୍ପର୍କିତ ସୂଚନା ଆସନ୍ତା ୨୭ ତାରିଖ ସୁଦ୍ଧା ରାଜ୍ୟ ଆଇନଜୀବୀ ପରିଷଦକୁ ଜଣାଇବାକୁ ସମ୍ପୃକ୍ତ ବାର୍ ସଭାପତି ଓ ସମ୍ପାଦକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନ ଅଧିକାରୀଙ୍କ ସମ୍ପର୍କରେ ସୂଚନା ପାଇବା ପରେ ପରିଷଦ ପକ୍ଷରୁ ନିର୍ବାଚନର ପରବର୍ତ୍ତୀ କାର୍ଯ୍ୟସୂଚୀ ଘୋଷଣା କରାଯିବ।

# ଭାରସାମ୍ୟ ହରାଇ ଓଲଟିଲା ଭ୍ୟାନ୍; ୩୩ ଆହତ

**ନାରାୟଣପାଟଣା, ୧୭।୪ (ସମିସ):** କୋରାପୁଟ ଜିଲ୍ଲା ନାରାୟଣପଟଣା ବ୍ଲକ ପୋଡ଼ାପଦର ପଞ୍ଚାୟତ ଭାଲିଆପୁଟ ଛକରେ ଏକ ବୋଲେରୋ ପିକ୍-ଅପ ଓଲଟି ୩୩ଜଣ ଆହତ ହୋଇଛନ୍ତି। ସୂଚନା ମୁତାବକ, ବନ୍ଧୁଗାଁ ବ୍ଲକ ଜାଙ୍ଗିଡ଼ିୱାଲସା ଗ୍ରାମରୁ ନାରାୟଣପଟଣା ବାଲ୍ଲା ଗ୍ରାମକୁ ଏକ ବିବାହ ଭୋଜି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲେ। ନିଜ ଗ୍ରାମକୁ ଫେରିବା ବାଟରେ ଭଇରୁପୁଟ ଗଡ଼ାଣିରେ ଭାରସାମ୍ୟ ହରାଇ ବୋଲେରୋ ପିକଅପ ଓଲଟି ପଡ଼ିଥିଲା। ସେହି ଗାଡ଼ିରେ ୩୩ରୁ ଅଧିକ ଲୋକ ଥିବାବେଳେ ସମସ୍ତ ଆହତ ହୋଇଥିଲେ। ଖବର ପାଇ ପୋଡାପଦାର ଓ ଭାଲିଆପୁଟ ଗ୍ରାମର କିଛି ଯୁବକ ସମସ୍ତଙ୍କୁ ଉଦ୍ଧାର କରି ନାରାୟଣପଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ଡାକ୍ତର ଓ କର୍ମଚାରୀ ତୁରନ୍ତ ଆହତ ମାନଙ୍କୁ ପ୍ରାଥମିକ କରିଥିଲେ। ଗୁରୁତର ଥିବା ଜନ ପୁଆଲା, ରାଜେନ୍ଦ୍ର ପୀଆଲା, ଚରଣ ପୀଆଲା ଲାଚମି ପୁଆଲା, ମୁତି ପୁଆଲା, ସୋମେୟା ପୁଆଲା, ଗୌରୀ, ଶ୍ୟାମ ପୁଆଲା, ପୁଆଲା ରତ୍ନାଲୁ, ପୁଆଲା ହୀରାମଣି, ମୁତି ପୁଆଲା, ରାଜେନ୍ଦ୍ର କାଡ୍ରାକାଙ୍କ ସମେତ ଡ୍ରାଇଭର ଉତ୍ତର କବାଟ କାମେଶ୍ୱରଙ୍କୁ ଆମ୍ବୁଲାନ୍ସରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଯାଇଛି। ନାରାୟଣପଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ଲକ୍ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ନାଚିକା ଲିଙ୍ଗା ପହଞ୍ଚି ସହଯୋଗ କରିଥିଲେ। ସେହିପରି, ଅନ୍ୟ ଏକ ଦୁର୍ଘଟଣାରେ ଅଟୋ ଓଲଟି ୩ ଗୁରୁତର ଗୁରୁତର ହୋଇଛନ୍ତି। ସେମାନେ ହେଲେ ଜୟ ମାଁ ମଙ୍ଗଳା ମାର୍ଗର ଲିଙ୍ଗରାଜ ସାହୁ (୩୩), ନୂଆପଲ୍ଲୀ ଗ୍ରାମର ମଙ୍ଗୁଲୁ ଦାସ ଓ ଉତ୍ତମ ଗୌଡ଼। ଅଟୋଟି ହିଞ୍ଜିଳିକାଟୁରୁ ବ୍ରହ୍ମପୁର ଅଭିମୁଖେ ଯିବା ସମୟରେ ଅଟୋଟି ଭାରସାମ୍ୟ ହରାଇ ବିଲ ମଧ୍ୟକୁ ଓଲଟି ପଡ଼ିଥିଲା।

ଅଗ୍ନିଶମ ବିଭାଗରେ ୬୬୭ ନୂତନ ପଦବୀ ସୃଷ୍ଟି କରିବାକୁ ଚିଠି

# ୨୩୯ ଅଗ୍ନିଶମ କେନ୍ଦ୍ର ସହାୟକ ଷ୍ଟେସନ୍ ଅଧିକାରୀ ବିନା କାର୍ଯ୍ୟ କରୁଛି

**ଭୁବନେଶ୍ୱର,୧୭।୪(ସମିସ):** ରାଜ୍ୟରେ ଅଗ୍ନିଶମ ବିଭାଗ ଆବଶ୍ୟକ କରୁଥିବା ମାନବ ସମ୍ବଳଠାରୁ କମ୍ରେ ଚାଲୁଛି। ଆବଶ୍ୟକତା ତୁଳନାରେ ଅନୁମୋଦନ ବି କମ୍ ରହିଛି। ଏଣୁ ଅଗ୍ନିଶମ ସେବାରେ ନୂତନ ପଦବୀ ସୃଷ୍ଟି କରିବାକୁ ସରକାରଙ୍କୁ ଚିଠି ଲେଖିଛନ୍ତି ଅଗ୍ନିଶମ ଡିଜି। ରାଜ୍ୟରେ ଅନେକ ନୂତନ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ରାଜ୍ୟରେ ବର୍ତ୍ତମାନ ୩୪୬ ଟି ଅଗ୍ନିଶମ କେନ୍ଦ୍ର କାର୍ଯ୍ୟ କରୁଛି। ମାତ୍ର ବର୍ତ୍ତମାନ ମଞ୍ଜୁର ହୋଇଥିବା କର୍ମଚାରୀଙ୍କ ସଂଖ୍ୟା ବହୁତ କମ୍। ଷ୍ଟେସନ୍ ଅଫିସର ପଦବୀର ମଞ୍ଜୁରୀ ବିନା ରାଜ୍ୟରେ ଛଅଟି ଅଗ୍ନିଶମ କେନ୍ଦ୍ର ଚନ୍ଦାହାଣ୍ଡି, ତେନ୍ତୁଲିଖୁଣ୍ଟି, ଚାରିଛକ, ରାଇକିଆ, ତିହିଡି ଏବଂ ବରୁଆଁ ପ୍ରତିଷ୍ଠିତ ହୋଇଛି। ଏହା ବ୍ୟତୀତ ୨ଅଗ୍ନିଶମ କେନ୍ଦ୍ର ଯେପରିକି ବରୁଆଁ ଏବଂ ତିହିଡିରେ କୌଣସି ଅନୁମୋଦିତ ମାନବଶକ୍ତି ବିନା କାର୍ଯ୍ୟ କରୁଛି। ବର୍ତ୍ତମାନ ସୁଦ୍ଧା ୩୪୬ ଅଗ୍ନିଶମ କେନ୍ଦ୍ର ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନ ପାଇଁ କେବଳ ୧୭୦ଟି ସହାୟକ ଷ୍ଟେସନ୍ ଅଧିକାରୀ ପଦବୀ ମଞ୍ଜୁର ହୋଇଛି। ଯାହା ଫଳରେ ୨୩୯ଟି ଅଗ୍ନିଶମ କେନ୍ଦ୍ର ସହାୟକ ଷ୍ଟେସନ୍ ଅଧିକାରୀ ବିନା କାର୍ଯ୍ୟ କରୁଛି। ଏଣୁ ମୋଟ୍ ୪୨ଟି ସହାୟକ ଅଫିସର ପଦବୀକୁ ଅନୁମୋଦନ ପାଇଁ ବିଭାଗୀୟ ଡ଼ିଜି ଅନୁରୋଧ କରିଛନ୍ତି। ଅପରପକ୍ଷରେ କଟକ ଭୁବନେଶ୍ୱରରେ ୧୧ଟି ସହାୟକ ପଦ, ରାଜ୍ୟର ବିଭିନ୍ନ ସ୍ଥାନରେ ଖାଲିଥିବା ୪୫ ଷ୍ଟେସନ ଅଫିସର, ୨୩୯ଟି ସହାୟକ ଷ୍ଟେସନ ଅଫିସର, ୭୯ ଡ୍ରାଇଭର ଏବଂ ୨୮୨ଟି ଫାୟାର ଫାଇଟର ପଦବୀ ଅନୁମୋଦନ କରିବାକୁ ଚିଠି ଲେଖାଯାଇଛି।

ଖଡ଼ଗେଙ୍କ ଅଧ୍ୟକ୍ଷତାରେ ମିଳିତ ବିରୋଧୀ ଦଳ ବୈଠକ

# ନବୀନଙ୍କ ପ୍ରତିନିଧି ରୂପେ ଯୋଗ ଦେଲେ ସାଂସଦ ମାନସ

ମହିଳା ସଂରକ୍ଷଣକୁ ସମର୍ଥନ, ସୀମା ପୁନଃନିର୍ଦ୍ଧାରଣକୁ ବିରୋଧ

**ନୂଆଦିଲ୍ଲୀ,୧୭।୪(ସମିସ):** ସଂସଦରେ ୧୩୧ ତମ ସମ୍ବିଧାନ ସଂଶୋଧନ ବିଲ୍ ଆଲୋଚନାର ଅବ୍ୟବହିତ ପୂର୍ବରୁ ଆଜି ସକାଳେ ଏଆଇସିସି ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ବିରୋଧୀ ଦଳମାନଙ୍କର ଏକ ମିଳିତ ବୈଠକ। ସଂସଦ ଭବନ ପରିସରରେ ଅନୁଷ୍ଠିତ ଏହି ବୈଠକରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତିନିଧି ଭାବରେ ରାଜ୍ୟସଭାରେ ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ ଯୋଗ ଦେଇ ମହିଳା ସଂରକ୍ଷଣ ସଂପର୍କରେ ନିଜ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ବିଜେଡି ଓ ଦଳର ସଭାପତି ନବୀନ ପଟ୍ଟନାୟକ ସର୍ବଦା ମହିଳା ସଶକ୍ତିକରଣକୁ ଅଗ୍ରାଧିକାର ଦେଇ ଆସୁଛନ୍ତି। ଚାରି ବର୍ଷ ପୂର୍ବରୁ ଏଥିପାଇଁ ସାରା ଦେଶର ବିଭିନ୍ନ ରାଜନୈତିକ ଦଳର ସମର୍ଥନ ପାଇଁ ସେ ଉଦ୍ୟମ କରିଥିବା ଦୃଷ୍ଟାନ୍ତ ରହିଛି। ମହିଳାମାନଙ୍କୁ ରାଜନୈତିକ ସଂରକ୍ଷଣ ପ୍ରଦାନ ପ୍ରସଙ୍ଗକୁ ବିଜେଡି ଦୃଢ଼ ଭାବରେ ସମର୍ଥନ କରି ଆସିଛି ଓ ଭବିଷ୍ୟତରେ ମଧ୍ୟ ସମର୍ଥନ ଜାରି ରଖିବ। ମାତ୍ର ସୀମା ପୁନଃନିର୍ଦ୍ଧାରଣ ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ୍କୁ ବିଜେଡି ତୀବ୍ର ବିରୋଧ କରୁଛି। ଓଡ଼ିଶାର ରାଜନୈତିକ ସ୍ୱାର୍ଥହାନୀ ହେଉଥିବା କୌଣସି ପ୍ରସଙ୍ଗକୁ ବିଜେଡି କସ୍ମିନ୍ କାଳେ ସମର୍ଥନ କରିବ ନାହିଁ ବୋଲି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଆଭିମୁଖ୍ୟକୁ ମାନସ ବୈଠକରେ ପ୍ରକାଶ କରିଛନ୍ତି।

ସୀମା ପୁନଃନିର୍ଦ୍ଧାରଣ କ୍ଷେତ୍ରରେ ସବୁ ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ପ୍ରତି ଧ୍ୟାନ ଦିଆଗଲେ, ଏହାକୁ କେହି ବିରୋଧ କରିବେ ନାହିଁ। ମାତ୍ର ସମ୍ଭାବ୍ୟ ସୀମା ପୁନର୍ନିର୍ଦ୍ଧାରଣରେ ଅନେକ ରାଜ୍ୟର ସ୍ୱାର୍ଥକୁ ଉପେକ୍ଷା କରାଯାଇଛି ଏବଂ ଏହା ପଛରେ ନିହିତ ଉଦ୍ଦେଶ୍ୟ ଥିବା ମନେ ହେଉଛି। ଓଡ଼ିଶା ସହ କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ପରି ରାଜ୍ୟଗୁଡ଼ିକ ମଧ୍ୟ ସୀମା ପୁନଃନିର୍ଦ୍ଧାରଣରେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିବାରୁ ଏହାକୁ କଦାପି ଗ୍ରହଣ କରାଯିବ ନାହିଁ ବୋଲି ମାନସ କହିଥିଲେ। ଏହି ବୈଠକରେ ସବୁ ବିରୋଧୀ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ।

ଉଚ୍ଚ ଶିକ୍ଷାନୁଷ୍ଠାନରେ ଅସୁରକ୍ଷିତ ଛାତ୍ରୀ

# ବଢୁଛି ଛାତ୍ରୀ ନିର୍ଯାତନା; ସରକାର ନିରବ

ରାସ୍ତାକୁ ଓହ୍ଲାଇଲେ ସୁବର୍ଣ୍ଣପୁର ପଲିଟେକନିକ ଛାତ୍ରଛାତ୍ରୀ

ବାଲେଶ୍ୱର ଓ ସମ୍ବଲପୁରରୁ ମଧ୍ୟ ଛାତ୍ରୀ ନିର୍ଯାତନା ଅଭିଯୋଗ

କାର୍ଯ୍ୟାନୁଷ୍ଠାନ ବଦଳରେ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇଛି ବିଭାଗ

**ଭୁବନେଶ୍ୱର,୧୭।୪(ସମିସ):** ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ପ୍ରତି ନିର୍ଯାତନା ବଢୁଛି। ଅଧ୍ୟାପକଙ୍କ ମାନସିକ ଓ ଶାରୀରିକ ନିର୍ଯାତନା ଅସହ୍ୟ ହେବାରୁ ଅଭିଯୋଗ କରୁଛନ୍ତି। କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ମଧ୍ୟ ଓହ୍ଲାଉଛନ୍ତି। ମାତ୍ର ଏତେସବୁ ପରେ ମଧ୍ୟ ସରକାର ନିଦାବିଷ୍ଟ ପାଲଟିଛନ୍ତି। ଗତବର୍ଷ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସରକାରଙ୍କ ଅପାରଗତା ପାଇଁ ଜଣେ ଛାତ୍ରୀ ଆତ୍ମାହୁତି ଦେଇଥିଲା। ଏହାପରେ ମଧ୍ୟ ସରକାର ଓ ଉଚ୍ଚଶିକ୍ଷା ବିଭାଗ ଚେତୁ ନ ଥିବାରୁ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ବିପନ୍ନ ହୋଇପଡ଼ିଛି।

ସୁବର୍ଣ୍ଣପୁର ଜିଲ୍ଲା ସଦର ମହାକୁମାରେ ଥିବା ସରକାରୀ ପଲିଟେକନିକ୍ର ଅଧ୍ୟକ୍ଷ ଛାତ୍ରୀଙ୍କୁ ଆଶାଳୀନ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଦୁଇଦିନ ପୂର୍ବରୁ କଲେଜ କ୍ୟାମ୍ପସ୍ରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନ କରିଥିଲେ ମଧ୍ୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଆଜି ଛାତ୍ରଛାତ୍ରୀମାନେ ଅନ୍ଦୋଳନକୁ ଓହ୍ଲାଇଛନ୍ତି। ଦୀର୍ଘ ୩ କିଲୋମିମିଟର ଚାଲିଚାଲି ଯାଇ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି। ସେହିପରି ଗତ ବର୍ଷ ଜଣେ ନିର୍ଯାତିତା ଛାତ୍ରୀ ଶୌମ୍ୟାଶ୍ରୀ ବିଶି ଆତ୍ମାହୁତି ଦେବା ପରେ ଚର୍ଚ୍ଚାକୁ ଆସିଥିବା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଚଳିତ ସପ୍ତାହରେ ସେହି ଛାତ୍ରୀ ନିର୍ଯାତନା ପାଇଁ ପୁଣିଥରେ ଚର୍ଚ୍ଚାକୁ ଆସିଛି। ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ. ସନ୍ତୋଷ ନାୟକଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆସିଥିବା ଅଧ୍ୟାପକଙ୍କୁ ବିଭାଗୀୟ ମୁଖ୍ୟ ପଦରୁ ଅପସାରିତ କରାଯାଇ ତଦନ୍ତ ଜାରି ରହିଛି। ସମ୍ବଲପୁର ମହିଳା ମହାବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଜଣେ ଅଧ୍ୟାପକ ନିର୍ଯାତନା ଦେଇଥିବା ଗତ ସପ୍ତାହରେ ଅଭିଯୋଗ ହୋଇଛି। କଲେଜର ଆଇସିସି କମିଟି ଏହାର ତଦନ୍ତ ଜାରି ରଖିଥିବାବେଳେ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

କ୍ରମାଗତ ଭାବେ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ଉପରେ ନିର୍ଯାତନା ବଢୁଥିଲେ ମଧ୍ୟ ସରକାର ଚେତୁ ନାହାନ୍ତି। ଛାତ୍ରୀ ନିର୍ଯାତନା ମାମଲାରେ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ସମସ୍ତ ଉଦ୍ୟମ କରାଯାଉଛି। ରାଜଧାନୀର ଛାତି ଉପରେ ଥିବା ବିଜେବି କଲେଜର ଜଣେ ଓଡ଼ିଆ ଅଧ୍ୟାପକ ଛାତ୍ରୀଙ୍କୁ ଅସଦାଚରଣ କରୁଥିବା ଗତବର୍ଷ ଅଗଷ୍ଟ ମାସରେ ଅଭିଯୋଗ ହୋଇଥିଲା। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଏହାର ତଦନ୍ତ କରି ଚାଞ୍ଚଲ୍ୟକର ରିପୋର୍ଟ ଦେଇଛନ୍ତି। ଅଧ୍ୟାପକ ଜଣକ ଶ୍ରେଣୀ ଗୃହରେ ଯୌନ ଉଦ୍ଦୀପନାମୂଳକ ଓ ଦ୍ୱିଅର୍ଥବୋଧକ ଶବ୍ଦ ବ୍ୟବହାର କରିବା ସହ ଛାତ୍ରୀଙ୍କୁ ବ୍ୟାଡ୍ ଟଚ୍ କରିବା, ଅଶ୍ଳୀଳ ଭାଷା ପ୍ରୟୋଗ, ପାର୍କରେ ବସିଥିବା ପ୍ରେମୀଯୁଗଳଙ୍କ ଉଦାହରଣ ଆଳରେ ବ୍ୟକ୍ତିଗତ ଇଙ୍ଗିତ, ପୋଷାକ ସମ୍ପର୍କରେ ଟିପ୍ପଣୀ, ଅଶ୍ଳୀଳ ଇଙ୍ଗିତ, ଛାତ୍ରୀଙ୍କ ରୂପକୁ ନେଇ ଆଶାଳୀନ ମନ୍ତବ୍ୟ, ଛାତ୍ରୀଙ୍କ ବ୍ୟକ୍ତିଗତ କଥା ଓ ଅଙ୍ଗକୁ ନେଇ ଶ୍ରେଣୀଗୃହରେ ମନ୍ତବ୍ୟ ଦେଉଥିବା ତଦନ୍ତ ସମୟରେ ଛାତ୍ରୀମାନେ ବଖାଣିଥିଲେ। ଛାତ୍ରୀଙ୍କ ଲିଖିତ ବୟାନ ସହିତ ଅଭିଯୋଗରେ ସତ୍ୟତା ଥିବା ରିପୋର୍ଟରେ ଦର୍ଶାଯିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗକୁ ସୁପାରିସ କରାଯାଇଥିଲା। ମାତ୍ର ଅଭିଯୁକ୍ତ ଅଧ୍ୟାପକଙ୍କୁ ଘଣ୍ଟ ଘୋଡ଼ାଇବାକୁ ସେହି ଘଟଣାର ପୁନଃ ତଦନ୍ତ ପାଇଁ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)କୁ ବିଭାଗ ପକ୍ଷରୁ ପୁନଃ ନିର୍ଦ୍ଦେଶ ଦିଆଯିବା ବିଭାଗର ଦୋମୁହାଁ ନୀତିକୁ ପ୍ରତିଫଳିତ କରୁଛି। ପ୍ରାୟ ୮ ମାସ ପରେ ବି ନିର୍ଯାତିତ ଛାତ୍ରୀମାନେ ନ୍ୟାୟ ଅପେକ୍ଷାରେ ରହିଛନ୍ତି। ବିଭାଗର ଏପରି ନୀତି ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କୁ ଅସୁରକ୍ଷିତ ମନେ କରିବା ପାଇଁ ବାଧ୍ୟ କରୁଥିବାବେଳେ ଖଳ ପ୍ରକୃତିର ଅଧ୍ୟାପକ ଓ କର୍ମଚାରୀମାନେ ମଧ୍ୟ ପରୋକ୍ଷରେ ଉତ୍ସାହିତ ହେଉଛନ୍ତି। ଫଳରେ ଏପରି ଘଟଣା ଶିକ୍ଷାନୁଷ୍ଠାନ ପାଇଁ ଏକ ସମସ୍ୟା ପାଲଟିଛି।

# ୨୧ରେ ଆସିବେ ରାଷ୍ଟ୍ରପତି

ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ



**ଭୁବନେଶ୍ୱର,୧୭।୪(ସମିସ):** ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଏପ୍ରିଲ ୨୧ ତାରିଖରେ ରାଉରକେଲା ଗସ୍ତରେ ଆସିବେ। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଶୁକ୍ରବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମର ପ୍ରସ୍ତୁତି ଯେପରି ତ୍ରୁଟି ଶୂନ୍ୟ ହେବ, ସେଥିପାଇଁ ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ଏବଂ ତଦାରଖ ଉପରେ ମୁଖ୍ୟ ଶାସନ ସଚିବ ସଂପୃକ୍ତ ବିଭାଗର ସଚିବ ତଥା ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂ, ଗୃହ, ଶିଳ୍ପ, ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା, ବିଜ୍ଞାନ ଓ କାରିଗରୀ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମଙ୍କ ସମେତ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଆଭାସୀ ମାଧ୍ୟମରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆଙ୍କ ସମେତ ବରିଷ୍ଠ ପୁଲିସ ଅଧିକରୀ ଉପସ୍ଥିତ ରହିଥିଲେ।



## ଆଜିର ରାଶିଫଳ

**ମେଷ:** ଚକ୍ଷୁ ପାଇଁ କଷ୍ଟ ପାଇପାରନ୍ତି । ଆର୍ଥିକସ୍ଥିତିରେ ସୁଧାର ଆସିବ । ନୂତନ ନିବେଶରୁ କ୍ଷତିଗ୍ରସ୍ତ ହୋଇପାରନ୍ତି । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ପିଲାମାନେ ପଢ଼ାରେ ଧ୍ୟାନ ଦେବେ ।

**ବୃଷ:** ବିଭିନ୍ନ କାର୍ଯ୍ୟରେ ସଫଳତା ପାଇବେ । କର୍ମକ୍ଷେତ୍ରରେ ଦକ୍ଷତା ପ୍ରମାଣିତ ହେବ । ଆୟ ବୃଦ୍ଧି ହେତୁ ଉତ୍ସାହିତ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଦିନଟି ହସଖୁସିରେ ବିତିବ ।

**ମିଥୁନ:** ଆଶା କରିଥିବା ଦିଗରୁ ଧନ ମିଳିବ । ସନ୍ତାନଙ୍କ ଉଚ୍ଚ ଶିକ୍ଷା ପାଇଁ ଅଭିଭାବକ ଯୋଜନା ପ୍ରସ୍ତୁତ କରିବେ । ଆୟ ଓ ବ୍ୟୟ ସମାନ ରହିବ । ପ୍ରେମ ବ୍ୟାପାରରେ ସଫଳତା ମିଳିପାରେ ।

**କର୍କଟ:** ପାରିବାରିକ ସମସ୍ୟା ଦେଖାଦେଇପାରେ । ଆର୍ଥିକ ଉନ୍ନତି ହେବ । ଲଗାତାର ଚେଷ୍ଟା କରି ସଫଳତା ପାଇବେ । କାର୍ଯ୍ୟଭାର ବୃଦ୍ଧି ପାଇବ । ରାଜନୀତିରେ ସକ୍ରିୟ ହୋଇପାରନ୍ତି ।

**ସିଂହ:** ଦ୍ୱନ୍ଦ୍ୱରେ ପଡ଼ି ପାରନ୍ତି । ବ୍ୟବସାୟରେ ସଫଳତା ପାଇବେ । ଦୂରଯାତ୍ରା ସୁଯୋଗ ଅଛି । ଅତ୍ୟଧିକ ପରିଶ୍ରମ କରି ଥକ୍କା ଅନୁଭବ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ ।

**କନ୍ୟା:** ବିଦ୍ୟାର୍ଥୀମାନେ କ୍ୟାରିୟର ପାଇଁ ନୂତନ ଯୋଜନା ପ୍ରସ୍ତୁତ କରିବେ । ଉଚ୍ଚଅଧିକାରୀଙ୍କ ସହଯୋଗରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପୂରଣ ହେବ । ପ୍ରେମ ଓ ଦାମ୍ପତ୍ୟ ଜୀବନ ମଧୁର ରହିବ ।

**ତୁଳା:** ଅସଫଳତା ଯୋଗୁଁ ନିରାଶ ରହିପାରନ୍ତି । ସାହିତ୍ୟ ତଥା ଅନ୍ୟାନ୍ୟ ସୃଜନଶୀଳ କଳା ପ୍ରତି ଆଗ୍ରହ ବୃଦ୍ଧି ପାଇବ । ମହିଳାମାନେ ଉଚିତ ନିଷ୍ପତ୍ତି ନେବେ ।

**ବିଛା:** ଦୀର୍ଘ ସମୟ ଧରି ଅଟକି ରହିଥିବା କାର୍ଯ୍ୟ ପୂର୍ଣ୍ଣ ହେବ । ଆନନ୍ଦ ଉଲ୍ଲାସରେ ଦିନ ବିତିବ । ନୂତନ ବ୍ୟବସାୟ ପାଇଁ ଉପଯୁକ୍ତ ସମୟ । ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ ।

**ଧନୁ:** ଆର୍ଥିକ ଲାଭ ହେବ । ଜୀବନସାଥୀଙ୍କ ପରାମର୍ଶକ୍ରମେ କାର୍ଯ୍ୟ କରିବେ । ନୂଆ ଲକ୍ଷ୍ୟକୁ ନିର୍ଦ୍ଧାରିତ କରିବା ପାଇଁ ଦିନଟି ଉତ୍ତମ ରହିବ । ନିଜ ଲୋକ ଶତ୍ରୁ ସାଜିପାରନ୍ତି ।

**ମକର:** ପରିବାର ସଦସ୍ୟଙ୍କ ସହ ଅଧିକ ସମୟ ବିତାଇବେ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି । ବ୍ୟବସାୟରେ କ୍ଷତି ସହିପାରନ୍ତି । ମହିଳାମାନେ ସ୍ୱାଭିମାନୀ ହୋଇ କାର୍ଯ୍ୟ କରିବେ ।

**କୁମ୍ଭ:** ଅଧିକ ଖର୍ଚ୍ଚାନ୍ତ ହେବେ । ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । ନୂତନ କାର୍ଯ୍ୟ ପାଇଁ ପ୍ରଶଂସିତ ହେବେ । ସୁଯୋଗର ସଠିକ୍ ଉପଯୋଗ କରିବେ । ମହିଳାମାନେ ସ୍ୱାଧୀନମନା ହେବେ ।

**ମୀନ:** ଅନ୍ୟକୁ ଧାର ଦେଇ ହଇରାଣରେ ପଡ଼ିପାରନ୍ତି । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ ।

- ୧୮୫୮ - ତାନ୍ତିଆ ଟୋପେଙ୍କୁ ଫାଶୀ ଦିଆଗଲା ।
- ୧୯୫୫- ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍‌ଙ୍କ ଦେହାନ୍ତ ।
- ୧୯୮୦- ଜିମ୍ବାୱେ ବ୍ରିଟେନ୍‌ଠାରୁ ସ୍ୱାଧୀନ ହେଲା ।
- ୧୯୯୧- କେରଳ ଦେଶର ପ୍ରଥମ ପୂର୍ଣ୍ଣ ସାକ୍ଷର ରାଜ୍ୟ ଘୋଷିତ ।
- ୨୦୧୪- ମାଉଣ୍ଟ ଏଭରେଷ୍ଟରେ ହିମସ୍ଖଳନ ଯୋଗୁଁ ନେପାଳର ୧୨ ଜଣ ପର୍ବତାରୋହୀଙ୍କ ମୃତ୍ୟୁ ।

# ରୋଗଗ୍ରସ୍ତ କରେ ଦୁର୍ଗନ୍ଧମୟ ପରିବେଶ



ଖୋଲାସ୍ଥାନରେ ପଡ଼ୁଥିବା ପ୍ଲାଷ୍ଟିକ୍, ପଲିଥିନ୍, ବଳକା ଖାଦ୍ୟ ଆଦି ଅଳିଆ ଆବର୍ଜନା ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରେ । ତେବେ ରାସ୍ତାଘାଟର ଅଳିଆ ଆବର୍ଜନାର ଦୁର୍ଗନ୍ଧ କେବଳ ଯେ, ଗନ୍ଧମୟ ହୋଇଥାଏ ତାହା ନୁହେଁ, ଏହା ଉଭୟ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ମଧ୍ୟ କ୍ଷତିକାରକ । ଅଳିଆ ଆବର୍ଜନାର ଗନ୍ଧ ସିଧାସଳଖ ସ୍ୱାସ୍ଥ୍ୟ ଏବଂ ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ । ସାଧାରଣତଃ ଲୋକେ ଏଭଳି ଦୁର୍ଗନ୍ଧକୁ ହାଲ୍‌କା ଭାବେ ନେଇଥାନ୍ତି କିନ୍ତୁ ନିକଟରେ କରାଯାଇଥିବା ଏକ ଅଧ୍ୟୟନରୁ ଏହାର ପ୍ରଭାବ ବେଶ୍ ଗମ୍ଭୀର ହୋଇପାରେ ବୋଲି ପ୍ରକାଶ ପାଇଛି ।

ନିକଟରେ ସ୍ୱିଡେନର କରୋଲିନସ୍କା ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରଫେସର ଜୋହାନ ଲଣ୍ଡଷ୍ଟ୍ରମ୍‌ଙ୍କ ମୁତାବିକ, ଗନ୍ଧ ଆମର ଶରୀର ପାଇଁ ସତର୍କତାର ଏକ ସଙ୍କେତ ଭାବେ କାର୍ଯ୍ୟ କରେ । ଏନେଇ ବୈଜ୍ଞାନିକଙ୍କ କହିବା କଥା, ପଚିଶଢ଼ିଯାଇଥିବା ଜିନିଷ କିମ୍ବା ଅଳିଆ ଆବର୍ଜନାରୁ ଆସୁଥିବା ଗନ୍ଧ ଏହା ସୂଚାଇ ଥାଏ ଯେ, ସେଠାରେ ଜୀବାଣୁ କିମ୍ବା ହାନିକାରକ ତତ୍ତ୍ୱ ଥାଇପାରନ୍ତି । ଏହି କାରଣରୁ ଆମର ମସ୍ତିଷ୍କ ଗନ୍ଧକୁ ବହୁତ ଶୀଘ୍ର ଚିହ୍ନଟ କରି ସେହି ସ୍ଥାନରୁ ଦୂରେଇ ଯିବାକୁ ସତର୍କ କରାଏ । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯେତେବେଳେ ଜଣେ ବ୍ୟକ୍ତି ଦୀର୍ଘ ସମୟ ପର୍ଯ୍ୟନ୍ତ ଦୁର୍ଗନ୍ଧ ସଂସ୍ପର୍ଶରେ ଆସିଥାନ୍ତି, ଏହାର ସିଧାସଳଖ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ । ଲଗାତାର ଜଣେ ଦୁର୍ଗନ୍ଧମୟ ପରିବେଶରେ ରହିବା ଦ୍ୱାରା ମୁଣ୍ଡବିନ୍ଧା, ବାନ୍ତି, ନିଃଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ହୋଇପାରେ । କେବଳ ସେତିକି ନୁହେଁ, ଏହା ଚିନ୍ତା, ଅବସାଦ ଏବଂ ଚିଡ଼ଚିଡ଼ାପଣର ମଧ୍ୟ କାରଣ ହୋଇପାରେ । ଲଗାତାର ଦୁର୍ଗନ୍ଧମୟ ପରିବେଶରେ ରହିବା ଦ୍ୱାରା ଏହା ଲୋକଙ୍କ ଜୀବନଶୈଳୀକୁ ମଧ୍ୟ ବଦଳାଇ ଦେଇଥାଏ । କାରଣ ଅଧିକାଂଶ ଲୋକ ଏଭଳି ସ୍ଥିତିରେ କବାଟ, ଝରକା ବନ୍ଦ କରିଥାନ୍ତି । ବାହାରକୁ ବାହାରିବା କମ୍ କରିଦିଅନ୍ତି । ଏହା ସେମାନଙ୍କ ଶାରୀରିକ ମାନସିକ ସ୍ୱାସ୍ଥ୍ୟ ଉଭୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ହେଲେ ଆଶ୍ଚର୍ଯ୍ୟର କଥା, ସମସ୍ତେ ସମାନ ଭାବରେ ଦୁର୍ଗନ୍ଧ ଅନୁଭବ କରନ୍ତି ନାହିଁ । ବୟସ, ଅଭ୍ୟାସ, ଆଲର୍ଜି ଏବଂ ଜୀବନଶୈଳୀ ଆଦି କାରକ ସ୍ଥିର କରେ ଦୁର୍ଗନ୍ଧ କାହା ଉପରେ କିପରି ପ୍ରଭାବ ପକାଇବ । ତେବେ ଦୀର୍ଘ ସମୟ ଧରି ଦୁର୍ଗନ୍ଧ ସମ୍ପର୍କରେ ରହିବା ସ୍ୱାସ୍ଥ୍ୟ ପାଇଁ ଅହିତକର । ବିଶେଷଜ୍ଞଙ୍କ ମତରେ, ଗନ୍ଧର ସମ୍ପର୍କ ଆମର ସ୍ୱାସ୍ଥ୍ୟ ସହ ରହିଛି । ସୁଗନ୍ଧ ଆମକୁ କେବଳ ବିପଦରୁ ରକ୍ଷା କରେ ତାହା ନୁହେଁ, ଏହା ମଣିଷକୁ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥତା ଓ ଆନନ୍ଦ ଦେଇଥାଏ ।

## ବିଶ୍ୱ ଐତିହ୍ୟ ଦିବସ



ଆଜି ବିଶ୍ୱ ଐତିହ୍ୟ ଦିବସ । ସର୍ବପ୍ରଥମେ ବିଶ୍ୱ ଐତିହ୍ୟ ଦିବସ ଟ୍ୟୁନିସିଆରେ ଇଣ୍ଟର ନ୍ୟାସନାଲ କାଉନ୍‌ସିଲସ୍ ଅଫ୍ ମନ୍ୟୁମେଣ୍ଟସ୍ ଆଣ୍ଡ ସାଇଟସ୍ ଦ୍ୱାରା ୧୯୮୨ ମସିହା ଏପ୍ରିଲ୍ ୧୮ ତାରିଖରେ ପାଳନ କରାଯାଇଥିଲା । ଏହାପରେ ବିଧିବଦ୍ଧ ଭାବେ ୧୯୮୩ ଠାରୁ ପ୍ରତିବର୍ଷ ଏପ୍ରିଲ୍ ୧୮ ତାରିଖକୁ ବିଶ୍ୱ ଐତିହ୍ୟ ଦିବସ ଭାବେ ପାଳନ କରାଯାଉଛି । ଏହି ଦିନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ମାନବୀୟ ଐତିହ୍ୟ, ଐତିହାସିକ ସ୍ମାରକୀ ଏବଂ ସ୍ଥଳଗୁଡ଼ିକର ସଂରକ୍ଷଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା । ଏହି ଦିନ ଆମର ପୁରାତନ କୀର୍ତ୍ତିରାଜିକୁ ବଞ୍ଚାଇ ରଖିବା ପାଇଁ ସଂକଳ୍ପ ନିଆଯାଏ । ସମଗ୍ର ବିଶ୍ୱର ପ୍ରାଚୀନ କୀର୍ତ୍ତିରାଜି ଓ ଅଟ୍ଟାଳିକାଗୁଡ଼ିକ ଆମ ପାଇଁ ଅମୂଲ୍ୟ ସମ୍ପଦ । ତେବେ ସେଗୁଡ଼ିକ ଯେପରି ବର୍ଷ ବର୍ଷ ଧରି ଅକ୍ଷୁଣ୍ଣ ରହିବ, ସେଥିପ୍ରତି ଯତ୍ନଶୀଳ ହେବା ସମସ୍ତଙ୍କର ଦାୟିତ୍ୱ । ସେହିପରି ସାଂସ୍କୃତିକ ବିବିଧତାର ଗୁରୁତ୍ୱ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଓ ପିଢ଼ି ପରେ ପିଢ଼ି ଏହାକୁ ସଂରକ୍ଷିତ ରଖିବା ଲାଗି ବିଶ୍ୱ ସମୁଦାୟଙ୍କ ମିଳିତ ଉଦ୍ୟମରେ ଏହି ଦିବସ ପାଳନ କରାଯାଉଛି । ଜୁଲାଇ, ୨୦୨୫ ସୁଦ୍ଧା ସାରା ବିଶ୍ୱରେ ୧୨୪୮ଟି ବିଶ୍ୱ ଐତିହ୍ୟ ସ୍ଥଳ ରହିଛି । ଭାରତରେ ବର୍ତ୍ତମାନ ୪୪ଟି ବିଶ୍ୱ ଐତିହ୍ୟ ସ୍ଥଳ ଅଛି ।

## 'ରାକା'ରେ କିଙ୍ଗ୍ ଖାନ୍



ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଅଲ୍ଲୁ ଅର୍ଜୁନ୍‌ଙ୍କ 'ପୁଷ୍ପା ୨' ଫିଲ୍ମ ଆୟ ମାମଲାରେ ବକ୍ସ ଅଫିସ୍‌ରେ ରେକର୍ଡ କରିଥିଲା । ଏବେ ପୁଣି ଥରେ ଅଲ୍ଲୁ ବକ୍ସ ଅଫିସ୍‌ରେ ଧମାଲ୍ କରିବାକୁ ଯାଉଛନ୍ତି । ଏଟ୍‌ଲିଙ୍କ ଫିଲ୍ମ 'ରାକା'ରେ ସେ ଲିଡ୍ ରୋଲରେ ନଜର ଆସିବେ । ଏହି ଫିଲ୍ମ ଘୋଷଣା ହେବା ଠାରୁ ବେଶ୍ ଚର୍ଚ୍ଚାରେ ରହିଛି । ନିକଟରେ ଏହାର ପୋଷ୍ଟର୍ ରିଲିଜ୍ ହୋଇଥିଲା । ଏଥିରେ ଅଲ୍ଲୁଙ୍କ ଲୁକ୍ ଦେଖି ଦର୍ଶକେ ଏହି ଫିଲ୍ମକୁ ନେଇ ବେଶ୍ ଉତ୍ସାହିତ ଥିବା ଜଣାପଡ଼ିଛି । ଅଲ୍ଲୁଙ୍କ ବିପକ୍ଷରେ ଏଥିରେ ବଲିଉଡ୍ ସୁନ୍ଦରୀ ଦୀପିକା ପାଦ୍ୟୁକୋନ୍ ନଜର ଆସିବେ । ଏବେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି । ଶାହାରୁଖ୍ ଖାନ୍ 'ରାକା'ରେ ଅତିଥି କଳାକାର ଭାବେ ନଜର ଆସିବେ ବୋଲି କିଛି ରିପୋର୍ଟରେ ପ୍ରକାଶ ପାଇଛି । ଏଟ୍‌ଲି ଏହି ଫିଲ୍ମକୁ ସୁପରହିଟ୍ କରିବା ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଥିବା କୁହାଯାଉଛି । ଖାସ୍ ସେଥିପାଇଁ ସେ ଅଲ୍ଲୁ ଓ ଦୀପିକାଙ୍କ ସହ ଶାହାରୁଖ୍‌ଙ୍କୁ ନେବା ପାଇଁ ସ୍ଥିର କରିଛନ୍ତି । ଶାହାରୁଖ୍‌ଙ୍କର ଏଟ୍‌ଲି, ଦୀପିକା ଓ ଅଲ୍ଲୁଙ୍କ ସହ ସୁସମ୍ପର୍କ ଥିବାରୁ ସେ ଏହି ଭୂମିକା ପାଇଁ ରାଜି ହୋଇ ଯାଇଥିବା ଜଣାପଡ଼ିଛି । ଏହାପୂର୍ବରୁ ଶାହାରୁଖ୍, ଏଟ୍‌ଲିଙ୍କ ସହ 'ଯବାନ' ଫିଲ୍ମରେ କାମ କରିଥିଲେ । 'ଯବାନ'ରେ ଅଲ୍ଲୁ ଅତିଥି କଳାକାର ଭାବେ ନଜର ଆସିଥାନ୍ତେ,ହେଲେ 'ପୁଷ୍ପା: ଦ ରୁଲ୍'ର ସୁଟିଂ ଯୋଗୁ ଏହା ସମ୍ଭବ ହୋଇ ପାରି ନ ଥିଲା । ଯଦି ଏହି କଥା ସତ ହୁଏ, ତେବେ ବଡ଼ ପରଦାରେ ପ୍ରଥମ ଥର ପାଇଁ ଅଲ୍ଲୁ ଓ ଶାହାରୁଖ୍‌ଙ୍କୁ ଏକାଠି ଦେଖିବାକୁ ମିଳିବ । 'ରାକା'ରେ ଅଲ୍ଲୁ ଓ ଦୀପିକାଙ୍କ ବ୍ୟତୀତ ରଶ୍ମିକା ମନ୍ଦାନା, ମୃଣାଳ ଠାକୁର, ଜାହ୍ନବୀ କପୁର ନଜର ଆସିପାରନ୍ତି । ଫିଲ୍ମର ବଜେଟ୍ ୮୦୦ କୋଟି ରହିଛି । ଏହା ୭ରୁ ୮ଟି ଭାଷାରେ ରିଲିଜ୍ କରାଯିବ । ଆସନ୍ତା ବର୍ଷ ଏହା ରିଲିଜ୍ ହୋଇପାରେ ।

## ପତ୍ରିକା ପରିଚୟ



### ମୋ ଆଶା

**ସଂପାଦକ: ସୁମନ୍ତ ମହାରଣା**
**ଲିଟିଲ ଷ୍ଟାର୍ ଗ୍ରୁପ୍**
**ପାଟପୁର, ନିମାପଡ଼ା, ପୁରୀ-୭୫୨୧୦୬**
**ମୂଲ୍ୟ: ୨୦ ଟଙ୍କା**

ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଗ୍ରୀଷ୍ମ ସଂଖ୍ୟା ପ୍ରକାଶ ପାଇଛି । ଏହି ସଂଖ୍ୟାରେ ଦେବେନ୍ଦ୍ର କରଙ୍କ 'ଶ୍ରୀରାମଙ୍କ ଚରଣ ପାଦୁକା', ରଶ୍ମି ରଞ୍ଜନ ସାହୁଙ୍କ 'ଗୁଣ୍ଡୁଚି ମୂଷା ପିଠିରେ ଗାର', ସୁଧାଂଶୁ ଶେଖର ଦ୍ୱିବେଦୀଙ୍କ 'ମକରଧ୍ୱଜ' ଆଦି ପୌରାଣିକ କାହାଣୀ ବେଶ୍ ମାର୍ମିକ ଓ ଶିକ୍ଷଣୀୟ ହୋଇଛି । ସେହିପରି ଡକ୍ଟର ସୁଷମା ମିଶ୍ରଙ୍କ 'ଗ୍ରୀଷ୍ମ ଋତୁ', ଡକ୍ଟର ରବିନ୍ଦ୍ର ନାଥ ପାଢ଼ୀଙ୍କ 'ପାଚଇ କେତେ ଫଳ', ରତିକାନ୍ତ ଜେନାଙ୍କ 'ଆମ ପରିବାର', ଗୋପୀନାଥ ଦଣ୍ଡସେନାଙ୍କ 'ମୂଷା ମୂଷି ଗଲେ ବଜାର ବୁଲି', କୁଞ୍ଜବିହାରୀ ସାହୁଙ୍କ 'ବିଷୁବ ସଂକରାନ୍ତି', ଡକ୍ଟର ସୁନାମଣି ରାଉତଙ୍କ 'ବଗିଚାରେ ଫୁଲଟି' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ଗଳ୍ପ ବିଭାଗରେ ସ୍ୱରାଜ ମିଶ୍ରଙ୍କ 'ବେଣ୍ଟ ପୋଖରୀ', ଡ. ରବିନାରାୟଣ ସାହୁଙ୍କ 'ଦୁଇ ଭାଇଙ୍କ କଥା', ଶ୍ୱେତା ରାଉତଙ୍କ 'କୁମୁଦିନୀର ଚିତ୍କାର', ସୁଲଗ୍ନା ମହାନ୍ତିଙ୍କ 'ନୀଳ ନଈର ଲୁହ', ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନାଙ୍କ 'କାଳବୈଶାଖୀ' ପ୍ରଭୃତି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ସଂପାଦକୀୟଠାରୁ ଆରମ୍ଭ କରି 'ଆମ ପ୍ରତିଭା' ପର୍ଯ୍ୟନ୍ତ ପ୍ରତିଟି ବିଭାଗର ଲେଖାଗୁଡ଼ିକ ଆକର୍ଷଣୀୟ ହୋଇଛି । 'ମୋ ଆଶା'ର ଏହି ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।■

## ଅକ୍ଷୟ ତୃତୀୟା ଚାଷୀ ପରବ



**ଜଗଦୀଶ ସାହୁ**

ଅକ୍ଷୟ ତୃତୀୟା ଚାଷୀ ପରବ
କୃଷି ଓ କୃଷକ ଆମ ଗରବ
ଯିଏ ଯୋଗାଉଛି ଖାଦ୍ୟ ଦରବ
ନ ହେଉ ତା' ସନମାନ ଖରବ ।
କାଉ କାଆ କଲେ ବସି ଚାଳରେ
ହାଜର ହୁଏ ସେ ବିଲ ମାଳରେ
ଜମି ହଳକରେ ବାହୁ ବଳରେ
ପଦେ ପଦେ ଗୀତ ଗାଇ ତାଳରେ ।
ଭୋକ କଲେ ଗଛ ଛାଇ ତଳକୁ
ଚାଲି ଯାଏ ଠିଆ କରି ହଳକୁ
ଠେକା ଖୋଲି ପୋଛି ଦେହ ଝାଳକୁ
ପିଇଦିଏ ଢାଳେ ବାସି ଜଳକୁ ।
ହଳ କ୍ଷେତ ଖତ ସାଥି ଯାହାର
ପଖାଳରେ ଗଡ଼ା ଛାତି ଲୁହାର
ଆନ ତୁଣ୍ଡେ ଦେଇ ମୁଠେ ଆହାର
ସେଇଥିରୁ ଖୋଜେ ସୁଖ ତାହାର ।■

ସଞ୍ଜପଡ଼ା, ହିନ୍ଦୋଳ
ଢେଙ୍କାନାଳ

## ପ୍ରହେଳିକା

- ଦୁଇଟି ପଶୁକୁ ଗୋଟେ ମଣିଷ
ମିଶିଗଲେ ଭଲେ ହୁଅଇ ଚାଷ
ଖରା ବରଷାକୁ ଖାତିରି ନାହିଁ
ବୁଲୁଥାନ୍ତି କ୍ଷେତ ଚଷିବା ପାଇଁ
କଷ୍ଟ କରି ସିଏ ତାଡ଼ନ୍ତି ମାଟି
କିଏ ସେ କହିବ ତା'ର ନାମଟି ?

ଉ-ହଳ

- ଏମିତି ଅଟଇ ପରବ ସିଏ
ଚାଷ ଅନୁକୂଳ ସେଦିନୁ ହୁଏ
ଖୁସିରେ ନାଚୁଛି କୃଷକ ମନ
କ୍ଷେତରେ ବୁଣେ ବିହନ ଧାନ
ଶୁଭକାର୍ଯ୍ୟ ଯେତେ ସେଦିନୁ ହୁଏ
ନାମଟି ତାହାର କହିବ କିଏ ?

ଉ-ଅକ୍ଷୟ ତୃତୀୟା

- ଗାଧୋଇ ପାଧୋଇ କୃଷକ ଭାଇ
କ୍ଷେତକୁ ଯାଏ ସେ ବିହନ ନେଇ
ଟୋକେଇରେ ଭରି ନିଏ ସେ ଧାନ
ଆନନ୍ଦ ମନରେ ବୁଣେ ବିହନ
ଯେଉଁ ଅନୁକୂଳ ଧାନ କ୍ଷେତକୁ ନିଏ
ନାମଟି ତାହାର କହିବ କିଏ ?

ଉ-ଅଖିମୁଠି

- ଆମ ଅନ୍ନଦାତା ସିଏ ଅଟନ୍ତି
ଆମକୁ ସିଏ ଖାଦ୍ୟ ଯୋଗାନ୍ତି
ଖରା ବରଷାକୁ ନ ଥାଏ ଡର
ରହିଥାଏ କେତେ କାର୍ଯ୍ୟର ଭାର
ମୁଣ୍ଡରେ ଠେକା ବାନ୍ଧନ୍ତି ସିଏ
ନାମଟି ତାଙ୍କର କହିବ କିଏ ?

ଉ-କୃଷକ ଭାଇ

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର

## ସୁମନ

### ଭୁଲ୍ ପାଇଁ ଦଣ୍ଡ



**ଦେବେନ୍ଦ୍ର କର**



ଗାଁର ନାମ ରାମପୁର । ସେଇ ଗାଁରେ ଦୁଇ ସାଙ୍ଗ ଥିଲେ ଗଗନ ଆଉ ରମେଶ । ଗାଁ ବଜାରରେ ରମେଶ ପାନ ଦୋକାନ କରିଥିଲା । ଗଗନ ବିଲବାରିରେ ମୂଲ ଲାଗି ଚଳେ । କାମ ନ ମିଳିଲେ ହାତ ବାନ୍ଧି ବସିଯାଏ । ହେଲେ ଗଗନ ବହୁତ୍ ସଚ୍ଚୋଟ ଆଉ ପରିଶ୍ରମୀ ପିଲା । ଦିନେ ଗାଁର ମୁଖିଆ ଗଗନକୁ କହିଲେ, ତୁମେ ଗାଁରୁ ସହରକୁ ଯେଉଁ ରାସ୍ତା ଯାଇଛି ସେଇଠି ଗୋଟେ ଚାହା ବିସ୍କୁଟ୍ ଦୋକାନ କର । କୌଣସି ଦୋକାନ ନାହିଁ ସେଇ ରାସ୍ତାରେ । ଯିବା ଆସିବା ଲୋକ ଅଟକିଲେ ଭଲ ଦି ପଇସା ଲାଭ ହେବ । କଥା ମାନି ଗଗନ ଗାଁରୁ ମାତ୍ର ଗୋଟେ କିଲୋମିଟର ଦୂରରେ ସେଇ ରାସ୍ତାରେ ଦୋକାନ କଲା । ସତକୁ ସତ ଭଲ ବେପାର ଜମିଲା । ଗାଁ ମୁଖିଆ ଏ କଥା ଶୁଣି ବହୁତ୍ ଖୁସି ହେଲେ । ରମେଶ ଏ ଖବର ଶୁଣିବା ପରେ ତାର ବି ଲୋଭ ଆସିଲା । ସେ ଯାଇ ଗଗନ ଦୋକାନ ପାଖରେ ଗୋଟେ ନୂଆ ଦୋକାନ ଆରମ୍ଭ କଲା । ଗଗନ ଦେଖିଲା ନିଜ ଛୋଟ ବେଳର ସାଙ୍ଗ ଏଣୁ କିଛି ଆପତ୍ତି ଅଭିଯୋଗ କଲା ନାହିଁ । ରମେଶ କିନ୍ତୁ ବେପାର ବଢେଇବାକୁ ଭୁଲ୍ ରାସ୍ତା ଆପଣେଇଲା । ଚାହାରେ ଅଧିକ ପାଣି ଦେଲା, ଶସ୍ତା ଜିନିଷ କିଣି ଅଧିକ ମୂଲ୍ୟରେ ବିକିଲା । ଗରାଖ ବଡ଼ ନୋଟ୍ ଦେଲେ ଖୁଚୁରା ନ ଫେରାଇ ଅନ୍ୟ ଜିନିଷ କିଣିବାକୁ ବାଧ କଲା । ସେଇ ରାସ୍ତାରେ ଅଦିନିଆ ଯିବା ଆସିବା ଲୋକ କେହି ରାମପୁର ଗାଁ ଏଠୁ କେତେ ବାଟ ପ୍ରଶ୍ନ କଲେ ସେ କୁହେ ବହୁତ୍ ଦୂର ରହିଲାଣି ଏଣୁ ଏଇଠି ଟିକେ ବିଶ୍ରାମ ନିଅ । ଯାହା ଫଳରେ ତା ଦୋକାନରେ ବିକ୍ରି ହେଇପାରିବ । ଗଗନ ତାକୁ ବୁଝେଇଲା, ହେଲେ ସେ ଆଦୌ ବଦଳିଲା ନାହିଁ । ଏପଟେ ଗଗନର ବେପାର କମି ଯାଉଥାଏ । ସେ କିନ୍ତୁ ନୀତି ନିୟମରେ ଆଦୌ ଖିଲାପ କରେନି । ଦିନେ ସେ ବାଟେ ସହରର ଜଣେ ମନ୍ତ୍ରୀ ଯାଉଥିଲେ । ସେ ରମେଶ ଦୋକାନରେ ଅଟକି ଯାଇ କିଛି କିଣାକିଣି କଲେ । ରମେଶ ଜାଣି ପାରିଲା ନାହିଁ ତାଙ୍କୁ କିଣାକିଣି ପରେ ଖୁଚୁରା ପଇସା ନ ଦେଇ ଅନ୍ୟ ଜିନିଷ କିଣିବାକୁ ବାଧ କଲା । ହେଲେ ମନ୍ତ୍ରୀ ରାଜି ନ ହେବାରୁ ଯୁକ୍ତି କଲା । ତାକୁ ପାନେ ଦେବେ ବୋଲି ମନ୍ତ୍ରୀ ମନେ ମନେ ସ୍ଥିର କଲେ । ମନ୍ତ୍ରୀ ଫେରିଗଲେ ସେଠାରୁ । ତହିଁ ଆର ଦିନକୁ ରମେଶ ଦୋକାନ ସେଠାରୁ ବନ୍ଦ କରିବାକୁ ସରକାରୀ ବାବୁମାନେ ପହଞ୍ଚିଲେ । ତାପରେ ତା ଦୋକାନ ସରକାରୀ ଜାଗା ଉପରେ ହୋଇଥିଲା । ରମେଶ ନିଜ ଭୁଲ୍ ପାଇଁ ପଶ୍ଚତାପ କରିବାକୁ ଲାଗିଲା । ଗଗନକୁ ଯାଇଁ ସବୁକଥା କହିଲା । ଆଉ କହିଲା, ମୁଁ ପୂର୍ବପରି ଗାଁ ବଜାରରେ ଯାଇଁ ଦୋକାନ କରିବି, ଏଠି ଆଉ ଦୋକାନ ତିଷ୍ଟିବନି । ଗଗନ କହିଲା ଭୁଲ୍ ତ ହୋଇସାରିଛି, ଏଣୁ ଆଗକୁ ଯେମିତି ସେପରି ନ ହୁଏ ଧ୍ୟାନ ଦେଉଥା । ହଁ କଦାପି ଅସତ୍ ଉପାୟ ଆପଣେଇବୁ ନାହିଁ ବେପାରମାନେ ନମ୍ର ବଚନ । ଗରାଖଙ୍କ ଉପରେ ରାଗିବୁ ନାହିଁ କି ଚିଡ଼ିବୁ ନାହିଁ ଦେଖିବୁ ତୋର ବ୍ୟବସାୟରେ ବହୁତ ଉନ୍ନତି ହେବ । ପିଲାମାନେ କାହାଣୀରୁ ଏଇ ଶିକ୍ଷା ମିଳେ ଯେ, ଭୁଲ୍ କଲେ ନିଶ୍ଚୟ ଦଣ୍ଡ ମିଳିବ । ଭୁଲ ହେଇଛି ଯଦି ଏଥିରୁ ତ୍ରୁଟି ପରଖିବା ଆଉ ନିଜକୁ ସଂଶୋଧନ କରିବା ବ୍ୟବସ୍ଥା କରିବା ଦରକାର । ତେବେ ଯାଇଁ ସବୁ ଅମଙ୍ଗଳ ଟଳିବ ଆଉ ସମସ୍ତଙ୍କ ଆଦର ପାଇବା ।■

ମଙ୍ଗଳାବାଗ, କଟକ




ସ୍ୱସ୍ତିକା ମହାପାତ୍ର
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଖାନନଗର, କଟକ




ଦେବହୂତି ବରଦାଲକ୍ଷ୍ମୀ ରାଉତ
ତୃତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା




ସାଇଶ୍ରୀ ବେହେରା
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା




ସୋନାଲି ବାରିକ୍
ଅଷ୍ଟମ ଶ୍ରେଣୀ
ଡି. କେ. ହାଇସ୍କୁଲ
କହେଁଇବନ୍ଧ, ମୟୂରଭଞ୍ଜ




ରୁଦ୍ରାଣ୍ୟ ଦଳେଇ
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର୍ ହାଇସ୍କୁଲ
କଟକ

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

### ଗିଲ୍‌ଙ୍କ ବ୍ୟାଟିଂ ଆଗରେ ଗ୍ରୀନ୍‌ଙ୍କ ପ୍ରଥମ ଅର୍ଦ୍ଧଶତକ ବ୍ୟର୍ଥ

# କେକେଆର୍‌କୁ ହରାଇ ଗୁଜରାଟର ତୃତୀୟ ବିଜୟ

ଅହମ୍ମଦାବାଦ୍,୧୭।୪(ଏଜେନ୍ସି)

ଶୁବମନ ଗିଲ୍‌ଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଆଇପିଏଲ୍‌ର ୨୬ତମ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସ ୫ ୱିକେଟରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)କୁ ପରାସ୍ତ କରିଛି। ଏହା ଫଳରେ ୫ମ ଲିଗ୍ ମ୍ୟାଚ୍‌ରୁ ଗୁଜରାଟ ତୃତୀୟ ବିଜୟ ହାସଲ କରି ପଏଣ୍ଟ ଟେବଲର ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ କେକେଆର୍ ୬ଷ୍ଠ ମ୍ୟାଚ୍‌ରୁ ୫ମ ପରାଜୟ ସହ ପଏଣ୍ଟ ଟେବଲର ୧୦ମ ତଥା ଶେଷ ସ୍ଥାନରେ ରହିଛି। ଏହି ମ୍ୟାଚ୍‌ରେ କାମେରନ୍ ଗ୍ରୀନ୍‌ଙ୍କ ପ୍ରଥମ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା କେକେଆର୍ ନିର୍ଦ୍ଧାରିତ ୨୦ ଓଭରରେ ୧୮୦ ରନ୍ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଗ୍ରୀନ୍ ଚଳିତ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଅର୍ଦ୍ଧଶତକ ସହ ୫୫ ବଲ୍‌ରେ ସର୍ବାଧିକ ୭୯ ରନ୍ କରିଥିଲେ। ଜବାବରେ ଗୁଜରାଟ ଟାଇଟାନ୍ସ ୧୯.୪ ଓଭରରେ ୫ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୧୮୧ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଗିଲ୍ ୫୦ବଲ୍‌ରେ ୮ଚୌକା ଓ ୪ଛକା ସହ ସର୍ବାଧିକ ୮୬ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୋସ ବଟ୍ଲର ୨୫, ସାଇ ସୁଦର୍ଶନ ୨୨, ଗ୍ଲେନ୍ ଫିଲିପ୍ସ ୧୯, ୱାଶିଂଟନ ସୁନ୍ଦର ୧୩ ରନ୍ କରି ଉପଯୁକ୍ତ ସହାୟତା ଯୋଗାଇଦେଇଥିଲେ। ପ୍ରତିଦ୍ୱନ୍ଦ୍ୱୀ କେକେଆର୍ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ସର୍ବାଧିକ ୨ଟି, ସୁନୀଲ ନାରିନ୍, ବୈଭବ ଅରୋରା, ରମଣଦୀପ ସିଂହ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ। ଟୁର୍ଣ୍ଣାମେଣ୍ଟରେ ବରୁଣଙ୍କୁ ଆଜି ପ୍ରଥମ ୱିକେଟ ମିଳିଛି।



ପୂର୍ବରୁ ଟସ୍ ହାରି ବ୍ୟାଟିଂ କରିଥିବା କେକେଆର୍ ପ୍ରଥମ ଓଭରରୁ ବିପର୍ଯ୍ୟୟର ଶିକାର ହୋଇଥିଲା। ଇନିଂସର ଚତୁର୍ଥ ବଲ୍‌ରେ ଅଧିନାୟକ ଆଜିଙ୍କ୍ୟ ରାହାଣେ (୦) ଆଉଟ ହେବା ପରେ ପାୱାର ପ୍ଲେ'ରେ ୩ୱିକେଟ ହରାଇ ୩୨ ରନ୍ କରିଥିଲା। ଏହା ପରେ କାମେରନ ଗ୍ରୀନ୍ କେକେଆର୍‌ର ବ୍ୟାଟିଂ ସମ୍ଭାଳିଥିଲେ। ସେ ଚତୁର୍ଥ ୱିକେଟରେ ରୋଭମାନ ପାୱେଲ (୨୦ବଲ୍‌ରେ ୨୭ରନ୍)ଙ୍କ ସହ ୪୨ବଲ୍‌ରେ ୫୫ ଏବଂ ପଞ୍ଚମ ୱିକେଟରେ ଅନୁକୂଳ ରୟଙ୍କ ସହ ୨୩ବଲ୍‌ରେ ୬୦ରନ୍ ଉଠାଇ ଦଳ ଲାଗି କିଛିଟା ଆଶା ସଞ୍ଚାର କରିଥିଲେ। କିନ୍ତୁ ଅନୁକୂଳ ରୟଙ୍କ ଆଉଟ ସହ କୋଲକାତାର ବ୍ୟାଟିଂ ତାସ ଘର ପରି ଭୁଷୁଡି ପଡ଼ିଥିଲା। ଦଳର ଶେଷ ୬ୱିକେଟ ମାତ୍ର ୩୩ ରନ୍‌ରେ ପଡ଼ିଯାଇଥିଲା। ଏପରିକି ଶେଷ ଖେଳାଳି ଭାବେ ଆଉଟ ହୋଇଥିବା ଗ୍ରୀନ୍ ଖେଳିଥିବା ଶେଷ ୧୫ଟି ବଲ୍‌ରେ ମାତ୍ର ୧୧ ରନ୍ କରିପାରି ଥିଲେ। ଚଳିତ ସିଜନରେ କ୍ରମାଗତ ବିଫଳ ହେବା ପରେ ଗ୍ରୀନ୍ ଏଠାରେ ୩୪ ବଲ୍‌ରେ ୫୦ ରନ୍ ପୂରଣ କରି ପ୍ରଥମଥର ଅର୍ଦ୍ଧଶତକ ହାସଲ କରିଥିଲେ। ସେ ମୋଟରେ ୫୫ବଲ୍ ଖେଳି ୭ଚୌକା ଓ ୪ ଛକା ସହ ୭୯ରନ୍ କରି ଆଇପିଏଲ୍‌ରେ ଦ୍ୱିତୀୟ ସର୍ବାଧିକ ସ୍କୋର କରିବାରେ ସମର୍ଥ ହୋଇଥିଲେ। ତାଙ୍କ ଉପସ୍ଥିତି ସତ୍ତ୍ୱେ କେକେଆର ଶେଷ ୫ ଓଭରରେ ୫ ୱିକେଟ ହରାଇ ୩୫ରନ୍ କରିଥିଲା। ଗୁଜରାଟ ପକ୍ଷରୁ ରାବାଡା ସର୍ବାଧିକ ୩ଟି ୱିକେଟ ପାଇଥିଲେ। ୨୦୨୨ ପରେ ଏହା ତାଙ୍କର ପ୍ରଥମ ୩ୱିକେଟ ସଫଳତା।

### ସଂକ୍ଷିପ୍ତ ସ୍କୋର

**କୋଲକାତା ନାଇଟ୍ ରାଇଡର୍ସ:** ୧୮୦/୧୦, ୨୦ ଓଭର (ଗ୍ରୀନ୍-୭୯, ପାୱେଲ-୨୭, ରାବାଡା-୩/୨୯, ସିରାଜ-୨/୨୩, ଅଶୋକ ଶର୍ମା-୨/୪୫)।

**ଗୁଜରାଟ ଟାଇଟାନ୍ସ:** ୧୮୧/୫, ୧୯.୪ ଓଭର (ଗିଲ-୮୬, ବଟ୍ଲର-୨୫, ସାଇ ସୁଦର୍ଶନ-୨୨, ବରୁଣ ଚକ୍ରବର୍ତ୍ତୀ-୨/୩୪)।



### ଆଜିର ଆଇପିଏଲ୍ ମ୍ୟାଚ୍

| | |
|---|---|
| ଦିଲ୍ଲୀ ବନାମ ବେଙ୍ଗାଲୁରୁ | ହାଇଦରାବାଦ୍ ବନାମ ଚେନ୍ନଇ |
| ଭେନ୍ୟୁ-ବେଙ୍ଗାଲୁରୁ | ଭେନ୍ୟୁ-ହାଇଦରାବାଦ୍ |
| ଖେଳ ଆରମ୍ଭ : ଅପରାହ୍ଣ ୩.୩୦ | ଖେଳ ଆରମ୍ଭ : ରାତି ୭.୩୦ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜ | ବାତିଲ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ପଞ୍ଜାବ | ୫ | ୪ | ୦ | ୧ | ୯ | +୧.୦୬୭ |
| ବେଙ୍ଗାଲୁରୁ | ୫ | ୪ | ୧ | ୦ | ୮ | +୧.୫୦୩ |
| ରାଜସ୍ଥାନ | ୫ | ୪ | ୧ | ୦ | ୮ | +୦.୮୮୯ |
| ହାଇଦରାବାଦ | ୫ | ୨ | ୩ | ୦ | ୪ | +୦.୫୭୬ |
| ଦିଲ୍ଲୀ | ୪ | ୨ | ୨ | ୦ | ୪ | +୦.୩୨୨ |
| ଗୁଜରାଟ | ୫ | ୩ | ୨ | ୦ | ୬ | +୦.୦୧୮ |
| ଲକ୍ଷ୍ନୌ | ୫ | ୨ | ୩ | ୦ | ୪ | -୦.୮୦୪ |
| ଚେନ୍ନଇ | ୫ | ୨ | ୩ | ୦ | ୪ | -୦.୮୪୬ |
| ମୁମ୍ବଇ | ୫ | ୧ | ୪ | ୦ | ୨ | -୧.୦୭୬ |
| କୋଲକାତା | ୬ | ୦ | ୫ | ୧ | ୧ | -୧.୧୪୯ |

## ୨୫ରେ ଖେଳିପାରନ୍ତି କମିନ୍ସ



ହାଇଦରାବାଦ୍,୧୭।୪(ଏଜେନ୍ସି): ସନ୍‌ରାଇଜର୍ସ ହାଇଦରାବାଦ୍‌ର ଅଧିନାୟକ ପ୍ୟାଟ କମିନ୍ସ ଆସନ୍ତା ୨୫ରେ ରାଜସ୍ଥାନ ରୟାଲ୍ସ ସହ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଦଳର ନେତୃତ୍ୱ ନେବାର ସମ୍ଭାବନା ରହିଛି। ଫିଟ୍ କମିନ୍ସ ଆଜି ଏଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଆସନ୍ତାକାଲି ଏଠାରେ ଚେନ୍ନଇ ସୁପର କିଙ୍ଗସ ସହ ଖେଳାଯିବାକୁ ଥିବା ମୁକାବିଲାରେ ସେ ଖେଳିବେ ନାହିଁ। ଜୟପୁରରେ ୨୫ ତାରିଖ ମୁକାବିଲାକୁ ଆମେ ଟାର୍ଗେଟ କରିଛୁ ବୋଲି ହେଡ୍ କୋଚ୍ ଡାନିଏଲ୍ ଭିଟୋରୀ କହିଛନ୍ତି। କମିନ୍ସ ଦଳ ସହ ଯୋଗଦେବା ପରେ ଟିମ୍ କମ୍ବିନେସନରେ କିଛି ପରିବର୍ତ୍ତନ ହେବ ବୋଲି ଭିଟୋରୀ ସୂଚନା ଦେଇଛନ୍ତି।

## ବାଣ୍ଟନଙ୍କ ସ୍ଥାନରେ କନ୍ନର

ଅହମ୍ମଦାବାଦ୍,୧୭।୪(ଏଜେନ୍ସି): ଦକ୍ଷିଣ ଆଫ୍ରିକାର ୱିକେଟରକ୍ଷକ/ ବ୍ୟାଟର କନ୍ନର ଇସ୍ତରହୁଇଜେନ୍ ଚଳିତ ଆଇପିଏଲ୍‌ର ଅବଶିଷ୍ଟ ସମୟ ଲାଗି ଗୁଜରାଟ ଟାଇଟାନ୍ସ ପକ୍ଷରୁ ଖେଳିବା ଲାଗି ଚୁକ୍ତିବଦ୍ଧ ହୋଇଛନ୍ତି। ସେ ଆହତ ଇଂଲଣ୍ଡ ଅଲରାଉଣ୍ଡର ଟମ୍ ବାଣ୍ଟନଙ୍କ ସ୍ଥାନରେ ଦଳରେ ସାମିଲ ହୋଇଛନ୍ତି। ଜୋସ୍ ବଟ୍ଲରଙ୍କ ସ୍ଥାନରେ ୱିକେଟକିପର/ ବ୍ୟାଟର ଭାବେ ବ୍ୟାକ୍‌ଅପ୍ ଖେଳାଳି ଭାବେ ଖେଳିବେ। ୨୪ ବର୍ଷୀୟ ଇସ୍ତରହୁଇଜେନ୍ ନିକଟରେ ନ୍ୟୁଜିଲାଣ୍ଡ ସହ ଅନୁଷ୍ଠିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ୧୪୫.୯୮ ଷ୍ଟ୍ରାଇକ୍‌ରେଟ୍‌ରେ ୨୦୦ ରନ୍ କରି ପ୍ଲେୟର ଅଫ୍ ଦି ସିରିଜ୍ ଭାବେ ବିବେଚିତ ହୋଇଥିଲେ। ନ୍ୟୁଜିଲାଣ୍ଡ ଏହି ସିରିଜ୍‌କୁ ୨-୩ରେ ହାରିଥିଲା।



## ଆଇଏସ୍‌ଏଲ:ଓଏଫ୍‌ସି-ମହମ୍ମଡ଼ାନ ମ୍ୟାଚ୍ ଡ୍ର

ଭୁବନେଶ୍ୱର,୧୭।୪(ସମିସ): ଓଡ଼ିଶା ଫୁଟବଲ କ୍ଲବ୍ (ଓଏଫ୍‌ସି) ଓ ମହମ୍ମଡାନ ସ୍ପୋର୍ଟିଂ କ୍ଲବ୍ ମଧ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଆଇଏସ୍‌ଏଲ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଛି। ଘରୋଇ ଦଳ ପକ୍ଷରୁ ସୁହେର ଭିପି ଏବଂ ମହମ୍ମଡାନ ଏସ୍‌ସି ପକ୍ଷରୁ ଆଦିସନ ସିଂ ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚ୍ ପରେ ଓଏଫ୍‌ସି ୭ଟି ମ୍ୟାଚ୍‌ରୁ ୬ ପଏଣ୍ଟ ପାଇ ପଏଣ୍ଟ ଟେବଲର ଦ୍ୱାଦଶ ସ୍ଥାନରେ ରହିଛି।

## ଓଡ଼ିଶା ମହିଳା ଜାତୀୟ ରଗ୍‌ବୀ ଚାମ୍ପିଅନ




ଭୁବନେଶ୍ୱର,୧୭।୪(ସମିସ): ବିହାରକୁ ୨୭-୦ ପଏଣ୍ଟରେ ପରାସ୍ତ କରି ଓଡ଼ିଶା ବିହାରର ରାଜଗିରିଠାରେ ଆଜି ଶେଷ ହୋଇଥିବା ନ୍ୟାସନାଲ ସେଭେନ-ଏ ସାଇଡ୍ ରଗ୍‌ବୀରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଗତବର୍ଷ ବିହାରଠାରୁ ହାରି ଓଡ଼ିଶା ରନର୍ସଅପ୍ ହୋଇଥିଲା। ନିର୍ମାଲ୍ୟ ରାଉତ ୧୫, ତରୁଲତା ନାଏକ ୧୦ ପଏଣ୍ଟ ସ୍କୋର କରି ଓଡ଼ିଶାକୁ ବିଜୟୀ କରାଇଥିଲେ। ପୂର୍ବରୁ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୪୧-୦ରେ ମହାରାଷ୍ଟ୍ରକୁ, ସେମିଫାଇନାଲରେ ପଶ୍ଚିମବଙ୍ଗକୁ ୩୧-୭ ପଏଣ୍ଟରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା।

## ବଂଶଲ-ସ୍ୱପ୍ନିଲଙ୍କୁ ଡବଲ୍ସ ଟାଇଟଲ

ଭୁବନେଶ୍ୱର,୧୭।୪(ସମିସ): ପଶ୍ଚିମବଙ୍ଗର ହାମିଶ ବଂଶଲ ଓ ସ୍ୱପ୍ନିଲ ଘୋଷଙ୍କ ଯୋଡି ୬-୨, ୭-୬ ସେଟ୍‌ରେ କର୍ଣ୍ଣାଟକର ଅର୍ଜୁନ ଶାସ୍ତ୍ରୀ ଓ ଆସାମର ସମ୍ବିଦ ବୋରାଙ୍କ ଯୋଡିଙ୍କୁ ହରାଇ ପୁରୁଷ ଡବଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି। ଆସନ୍ତାକାଲି ବଂଶଲ ଓ ରିଷଭ ପ୍ରସାଦଙ୍କ ମଧ୍ୟରେ ବାଳକ, ଓଡ଼ିଶାର ସଂରଞ୍ଜନା ଦାସ ଓ ୟୁପିର ଆଶି ଶାମସେରୀଙ୍କ ମଧ୍ୟରେ ବାଳିକା ଏକକ ଫାଇନାଲ ମୁକାବିଲା ଖେଳାଯିବ।

**ଟି-୨୦ ବିଶ୍ୱକପ୍‌ରେ ମ୍ୟାଚ୍ ଫିକ୍ସିଂ ଅଭିଯୋଗ**

## ସନ୍ଦେହରେ କାନାଡା ଅଧିନାୟକ ଦିଲ୍‌ପ୍ରୀତ୍

ନୂଆଦିଲ୍ଲୀ, ୧୭।୪ (ଏଜେନ୍ସି): ଭାରତରେ ଚଳିତ ବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ଆଇସିସି ଟି-୨୦ ବିଶ୍ୱକପ୍‌ର ଏକ ମ୍ୟାଚ୍ ଫିକ୍ସିଂ ହୋଇଥିବା ଭଳି ଗମ୍ଭୀର ଅଭିଯୋଗ ଆସିଛି। ଫେବୃଆରୀ ୧୭ରେ କାନାଡା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚେନ୍ନଇରେ ଖେଳାଯାଇଥିବା ମ୍ୟାଚ୍‌କୁ ନେଇ ଏବେ ଆଇସିସର ଦୁର୍ନୀତି ନିବାରଣ ୟୁନିଟ୍ ତଦନ୍ତ କରୁଛି। କାନାଡା କ୍ରିକେଟ୍ ଦଳ ଉପରେ ଏହି ତଦନ୍ତ ଆରମ୍ଭ ହୋଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା କାନାଡା ୪ୱିକେଟରେ ୧୭୩ ରନ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୨୯ ବଲ୍ ଓ ୮ ୱିକେଟ ବଳକା ଥାଇ ସହଜରେ ବିଜୟ ହୋଇଥିଲା। ନ୍ୟୁଜିଲାଣ୍ଡ ପାଳିର ୫ମ ଓଭରଟି ଏବେ ଯାଞ୍ଚ ପରିସରକୁ ଆସିଛି। କାନାଡା ଅଧିନାୟକ ଦିଲପ୍ରୀତ ବାୱଜା ଏହି ଓଭରଟି ବୋଲିଂ କରିଥିଲେ। ଦିଲପ୍ରୀତ୍ ଏହି ଓଭରରେ ଏକ ନୋ ଏବଂ ୱାଇଡ୍ ବଲ ସହ ମୋଟ ୧୫ ରନ୍ ଦେଇଥିଲେ। ଦିଲପ୍ରୀତ୍‌ଙ୍କ ଏହି ଖରାପ ବୋଲିଂ ପ୍ରକୃତରେ ଥିଲା କି ଅଧିନାୟକ ଜାଣିଶୁଣି ଏତେ ରନ୍ ବ୍ୟୟ କରିଥିଲେ ତାହା ଆଇସିସି ତଦନ୍ତ କରୁଛି। ଏହା କୌଣସି ବେଟିଂ ସହିତ ଜଡିତ ଅଛି କି ନାହିଁ ସେ ଦୃଷ୍ଟିରୁ ମଧ୍ୟ ତଦନ୍ତ ଆଗେଇଛି। ଗତକାଲି କାନାଡା ବ୍ରଡକାଷ୍ଟିଂ ଦ୍ୱାରା ୪୩ ମିନିଟର ଏକ ତଦନ୍ତଭିତ୍ତିକ ଡକ୍ୟୁମେଣ୍ଟ ପ୍ରସାରିତ ହୋଇଥିଲା। ଯେଉଁଥିରେ କାନାଡା କ୍ରିକେଟ୍‌ରେ ହେଉଥିବା ଦୁର୍ନୀତି, ଅପରାଧ ଉପରେ ଡକ୍ୟୁମେଣ୍ଟ ପ୍ରସାରିତ ହେବାପରେ ଏହି ଫିକ୍ସିଂ ଅଭିଯୋଗ ଆସିଛି।



## କୋଚ୍‌ଙ୍କ ନାମରେ ଦୁର୍ବ୍ୟବହାର ଅଭିଯୋଗ ଆଣିଲେ ସୁମିତ

ନୂଆଦିଲ୍ଲୀ, ୧୭।୪ (ଏଜେନ୍ସି): ଦୁଇ ଥର ପାରାଅଲିମ୍ପିକ୍ ପଦକ ବିଜେତା ସୁମିତ ଆଣ୍ଟିଲ ଜାଭେଲିନ୍ ପ୍ରଶିକ୍ଷକ ନାଭାଲ ସିଂହଙ୍କ ବିରୋଧରେ ନିର୍ଯାତନା ଓ ଅପମାନଜନକ ଭାଷା ବ୍ୟବହାର ଅଭିଯୋଗ ଆଣିଛନ୍ତି। ଦେଶର ଶ୍ରେଷ୍ଠ ପାରା ଜାଭେଲିନ୍ ଫିଙ୍ଗାଳି ସୁମିତ ଏନେଇ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ନିକଟରେ ଅଭିଯୋଗ କରିଛନ୍ତି। ଆଣ୍ଟିଲ ଦାବି କରିଛନ୍ତି ଯେ ତାଙ୍କୁ ଟୋକିଓ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରାଙ୍କ ସମର୍ଥନ ମିଳିଛି। ସୁମିତ କହିଛନ୍ତି ଯେ "ନାଭାଲ ମଦ୍ୟପାନ କରନ୍ତି ଏବଂ ଆମକୁ ଗାଳି ଦେବାସହ ଆମ ପରିବାରକୁ ଏଥିରେ ଟାଣନ୍ତି। ସାଇ ନିକଟକୁ ସେ ଏହାର ଏକ ଅଡିଓ ରେକର୍ଡିଂ ପଠାଛନ୍ତି। ଯେଉଁଥିରେ ନୀରଜ, ସୁମିତ, ନବଦୀପ ଏବଂ ପାକିସ୍ତାନୀ ଜାଭେଲିନ୍ ଫିଙ୍ଗାଳି ଅର୍ଶଦ ନଦୀମଙ୍କୁ ନାଭାଲ ମୌଖିକ ଭାବରେ ଗାଳି ଦେଉଥିବା ଶୁଣାଯାଉଛି। ଆଣ୍ଟିଲ କହିଛନ୍ତି ଯେ ନାଭାଲଙ୍କ ଦ୍ୱାରା ବ୍ୟବହୃତ ଭାଷା ଅତ୍ୟନ୍ତ ଅପମାନଜନକ। କେବଳ ଖେଳାଳିମାନଙ୍କ ପ୍ରତି ନୁହେଁ ବରଂ ଆମ ପରିବାର ପ୍ରତି ମଧ୍ୟ ସେ ଖରାପ ଭାଷା ପ୍ରୟୋଗ କରିଛନ୍ତି। ଯେଉଁଥିରେ ଆମର ମା'ମାନଙ୍କ ବିଷୟରେ ଏବଂ ନୀରଜ, ନବଦୀପ ଓ ସନ୍ଦୀପ ଚୌଧୁରୀଙ୍କ ପରି ସମ୍ମାନିତ ଖେଳାଳିମାନଙ୍କ ବିଷୟରେ ଗଭୀର ଅସମ୍ମାନଜନକ ମନ୍ତବ୍ୟ ଅନ୍ତର୍ଭୁକ୍ତ ରହିଛି। ଏହି ପ୍ରସଙ୍ଗ ଉଠିବା ପରେ ସାଇର ଅଧିକାରୀମାନେ ଆପୋଷ ବୁଝାମଣା ପାଇଁ ଦୁଇ ପକ୍ଷଙ୍କୁ ବସାଇଥିଲେ। କିନ୍ତୁ ଆଣ୍ଟିଲ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ନାଭାଲଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଣ୍ଟିଲ ଦାବି କରିଛନ୍ତି।





## ରାଜସ୍ଥାନ ମ୍ୟାନେଜରଙ୍କୁ କ୍ଲିନ୍‌ଚିଟ୍

ମୁମ୍ବଇ,୧୭।୪(ଏଜେନ୍ସି): ଡଗ୍‌ଆଉଟରେ ମୋବାଇଲ ବ୍ୟବହାର କରି ବିସିସିଆଇ ଦୁର୍ନୀତି ନିବାରଣ ବିଭାଗର ଆକ୍ରୋଶର ଶିକାର ହୋଇଥିବା ରାଜସ୍ଥାନ ରୟାଲ୍ସର ମ୍ୟାନେଜର ରୋମି ଭିନ୍ଦରଙ୍କୁ କ୍ଲିନ୍ ଚିଟ୍ ମିଳିଛି। ମୋବାଇଲ ବ୍ୟବହାର ବେଳେ ସେ କୌଣସି ପ୍ରକାର ତ୍ରୁଟି କରିନାହାନ୍ତି ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। କିନ୍ତୁ ସେ ଆଚରଣ ସଂହିତା ଉଲ୍ଲଙ୍ଘନ କରିଥିବାରୁ ବିସିସିଆଇ ପକ୍ଷରୁ ଏକ ଲକ୍ଷ ଟଙ୍କାର ଜରିମାନା ଲଗାଯାଇଛି। ପ୍ରଥମଥର ଏଭଳି କାମ କରିଥିବାରୁ ତାଙ୍କୁ ଚେତାବନୀ ଦିଆଯାଇ ଛାଡିଦିଆଯାଇଛି। ସେ ଯଦି ଦ୍ୱିତୀୟଥର ଡଗ୍‌ଆଉଟରେ ମୋବାଇଲ ବ୍ୟବହାର କରନ୍ତି, ତେବେ ଦଣ୍ଡିତ ହେବେ।

## ପାଣ୍ଡ୍ୟାଙ୍କ ଉପରେ ବୁମ୍‌ରା କ୍ଷୁବ୍ଧ

ମୁମ୍ବଇ,୧୭।୪(ଏଜେନ୍ସି):ମୁମ୍ବଇ ଇଣ୍ଡିଆନ୍ସର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ଦଳର ତାରକା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା କ୍ଷୁବ୍ଧ ହୋଇଛନ୍ତି। ମୁମ୍ବଇରେ ଗୁରୁବାର ଖେଳାଯାଇଥିବା ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍‌ରେ ବୁମ୍‌ରାଙ୍କ ବୋଲିଂ ବେଳେ ପାଣ୍ଡ୍ୟାଙ୍କ ଫିଲ୍ଡିଂ ସଜାଇବାକୁ ନେଇ ସେ କ୍ଷୁବ୍ଧ ହୋଇଥିଲେ। ଏହାର ଭିଡିଓ ଓ ଫଟୋ ଏବେ ଭାଇରାଲ ହେବାରେ ଲାଗିଛି। ସୂଚନା ଯୋଗ୍ୟ ଚଳିତ ସିଜନରରେ ମୁମ୍ବଇ ପକ୍ଷରୁ ବୁମ୍‌ରା ସମସ୍ତ ୫ଟି ଯାକ ମ୍ୟାଚ୍ ଖେଳି ୧୧୪ଟି ବଲ୍ ବୋଲିଂ କରିଥିଲେ ମଧ୍ୟ ଏଯାଏ ଗୋଟିଏ ହେଲେ ୱିକେଟ ଅକ୍ତିଆର କରିପାରି ନାହାନ୍ତି। ଯାହା ଫଳରେ ମୁମ୍ବଇ କ୍ରମାଗତ ଚତୁର୍ଥ ପରାଜୟ ବରଣ କରିଛି।



**ଓସିଏ ଆନ୍ତଃଜିଲ୍ଲା ମହିଳା ଟି-୨୦**

## ନିବେଦିତା, ଅଲିସ୍ମା, ସୁନୀତାଙ୍କ ଦମ୍‌ଦାର ପ୍ରଦର୍ଶନ







ଭୁବନେଶ୍ୱର, ୧୭।୪ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ମହିଳା ଟି-୨୦ର ଦ୍ୱିତୀୟ ଦିବସ ଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ୧୨୨ ରନରେ ବୌଦ୍ଧକୁ ଏବଂ ଭୁବନେଶ୍ୱର ୧୦ ୱିକେଟ୍‌ରେ ପାରାଦୀପକୁ ବଡ଼ ବ୍ୟବଧାନରେ ହରାଇଛନ୍ତି। ରେଭେନସା ଗ୍ରାଉଣ୍ଡ-୧ରେ ପାରାଦୀପ ପ୍ରଥମେ ବ୍ୟାଟିଂ କରି ମାତ୍ର ୩୭ ରନରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଭୁବନେଶ୍ୱର ୫.୫ ଓଭରରେ କୌଣସି ୱିକେଟ ନ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟୀ ଦଳର ନିବେଦିତା ଜେନା ୩ ରନରେ ୩ଟି ୱିକେଟ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସେହିଭଳି ଏଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ବୌଦ୍ଧ ବିପକ୍ଷରେ ଯାଜପୁର ପ୍ରଥମେ ବ୍ୟାଟିଂ କରି ୩ ୱିକେଟରେ ୨୧୦ ରନ କରିଥିଲା। ଅଲିସ୍ମା ବିଶ୍ୱାଳ ୪୫ ବଲରେ ୯୩ ଓ କାଜଲ ଜେନା ୪୫ ରନର ଦ୍ରୁତ ପାଳି ଖେଳିଥିଲେ। ଜବାବରେ ବୌଦ୍ଧ ୯ ୱିକେଟରେ ୮୮ ରନ କରିବାକୁ ସମର୍ଥ ହୋଇଥିଲା। ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଝାରସୁଗୁଡ଼ା ୭୧ ରନରେ ସମ୍ବଲପୁରକୁ, ଢେଙ୍କାନାଳ ୫ ୱିକେଟରେ ପୁରୀକୁ, ବାଲେଶ୍ୱର ୯ ୱିକେଟରେ ଖୋର୍ଦ୍ଧାକୁ, ସୋନପୁର ୧୨ ରନରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଛି। ସମ୍ବଲପୁରର ସୁନୀତା ୬୩ ରନ ସହ ୨ଟି ୱିକେଟ ନେଇ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ।

**■ ଆଇପିଏଲ୍‌ରେ କଳାବଜାରୀ**

## ୧୮୦ଟି ଟିକଟ୍ ବିକ୍ରି; ଚିନ୍ନାସ୍ୱାମୀ କ୍ୟାଣ୍ଟିନ କର୍ମଚାରୀ ଗିରଫ

ବେଙ୍ଗାଲୁରୁ, ୧୭।୪ (ଏଜେନ୍ସି): ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମ ପୁଣିଥରେ ବିବାଦ ଘେରକୁ ଆସିଛି। ଉଚ୍ଚା ଦରରେ ଆଇପିଏଲ୍ ଟିକଟ୍ ବିକ୍ରି କରିବା ଅଭିଯୋଗରେ ଷ୍ଟାଡିୟମ କ୍ୟାଣ୍ଟିନର ଜଣେ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଏହି ଘଟଣା କର୍ପୋରେଟ୍ ସଂସ୍ଥା ଓ ଷ୍ଟାଡିମୟର କର୍ମଚାରୀଙ୍କ ମଧ୍ୟରେ ଏକ ବଡ଼ କଳାବଜାର ନେଟୱାର୍କର ପର୍ଦ୍ଦାଫାସ କରିଛି। ଗିରଫ ହୋଇଥିବା ବ୍ୟକ୍ତିର ନାମ ହେଉଛି ଚନ୍ଦ୍ରଶେଖର। ସେ ଚିନ୍ନାସ୍ୱାମୀ ଷ୍ଟାଡିୟମ ଭିତରେ ଥିବା ଲକ୍ଷ୍ମୀ କ୍ୟାଣ୍ଟିନରେ କାମ କରୁଥିଲା। ଚଳିତ ଆଇପିଏଲ୍‌ରେ ଘରୋଇ ଆରସିବି ଲକ୍ଷ୍ନୌ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ୧୮୦ଟି ଟିକଟ୍ ସେ କଳାବଜାରୀ କରି ବିକ୍ରି କରିଥିଲା। ଚଢ଼ା ଦରରେ ପ୍ରତି ଟିକଟକୁ ସେ ୧୫ରୁ ୧୯ ହଜାର ଟଙ୍କାରେ ଲୋକଙ୍କୁ ବିକିଥିବା ପୁଲିସ ଜାଣିବାକୁ ପାଇଛି। ଟିକଟ୍ କଳାବଜାରୀ କରୁଥିବା ସମୟରେ ବେଙ୍ଗାଲୁରୁ କେନ୍ଦ୍ରୀୟ ଅପରାଧ ଶାଖାର ପୋଲିସ ଚନ୍ଦ୍ରଶେଖରକୁ ଧରିଥିଲେ। ପଚରାଉଚରା ସମୟରେ କର୍ଣ୍ଣାଟକ କ୍ରିକେଟ୍ ସଂଘର ଜଣେ କର୍ମକର୍ତ୍ତା ତାଙ୍କୁ ଏହି ଟିକଟ୍ ଯୋଗାଇଥିବା ଚନ୍ଦ୍ରଶେଖର ପ୍ରକାଶ କରିଛି।

## ପିଏସ୍‌ଏଲ୍‌ର ତାମ୍‌ସା ଆଇପିଏଲ୍‌ରେ ନାହିଁ

କରାଚି,୧୭।୪(ଏଜେନ୍ସି)

ଭାରତରେ ଚାଲିଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ହୁଏତ ବିଶ୍ୱର ସବୁଠାରୁ ବଡ଼ ଟି-୨୦ ଫ୍ରାଞ୍ଚାଇଜ୍ ଟୁର୍ଣ୍ଣାମେଣ୍ଟ ହୋଇପାରେ, କିନ୍ତୁ ପାକିସ୍ତାନ ସୁପର ଲିଗ୍ (ପିଏସଏଲ୍)ରେ ଯେପରି ନାଟକ ଅଭିନୀତ ହେଉଛି ତାହା ଅନ୍ୟ କେଉଁଠି ଦେଖିବାକୁ ମିଳୁନାହିଁ। ଏହା ନିଃସନ୍ଦେହରେ କୁହାଯାଇପାରେ ଆଇପିଏଲ୍‌ରେ ସର୍ବାଧିକ ଅର୍ଥ ରହିଛି, ବିଶ୍ୱର ସବୁଠାରୁ ପ୍ରତିଭାବାନ ଖେଳାଳି ଖେଳୁଛନ୍ତି, ପ୍ରାୟ ମ୍ୟାଚ୍ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେଉଛି ଏବଂ ରୋମାଞ୍ଚରେ ଭରପୁର ରହିଛି। ଏହି ଲିଗ୍‌ରେ ଯାହା ଦେଖିବାକୁ ମିଳୁଛି ତାହା ସହ ପିଏସ୍‌ଏଲ୍‌କୁ ତୁଳନା କରିହେବ ନାହିଁ। କିନ୍ତୁ ଏକା ସମୟରେ ଉଭୟ ଲିଗ୍ ଖେଳାଯାଉଥିବାରୁ ବିଶ୍ୱର କିଛି ଦର୍ଶକ ଓ ସାମ୍ବାଦିକ ଉଭୟ ଲିଗ୍ ଉପରେ ନଜର ରଖିଛନ୍ତି। ବ୍ରିଟେନର ସାମ୍ବାଦିକ ଆଲାନ ଗାର୍ଡନରଙ୍କ ମତରେ ପିଏସ୍‌ଏଲ୍‌ରେ ଯେଉଁ ତମାସା ହେଉଛି ତାହା ଆଇପିଏଲ୍‌ରେ ନାହିଁ।

ତାଙ୍କ ମତରେ ପିଏସ୍‌ଏଲ୍‌ର ନାଟକୀୟତା ଭିନ୍ନଧରଣର। ଏହାକୁ ଆମେ ତମସା କହିପାରିବା। ଏଠାରେ ଧଳା ବଲ ଖେଳାଯାଉଥିବାବେଳେ ବ୍ୟାଟରେ ବାଜି ପିଙ୍କ ବା ଗୋଲାପି ହେବା ବିଷୟରେ ଅନ୍ୟ କେଉଁଠି ଏଯାଏ ଦେଖିବାକୁ ମିଳିନାହିଁ। ପାକିସ୍ତାନ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ଫକର ଜମାନ ବଲ୍ ଟାମ୍ପରିଂ କରିବାକୁ ଉଦ୍ୟମ କରିବା ଏକ ସୌଭାଗ୍ୟ ନା ଦୁର୍ଭାଗ୍ୟ ତାହା କେବଳ ପିଏସ୍‌ଏଲ କର୍ମକର୍ତ୍ତା କହିପାରିବେ। ଟୁର୍ଣ୍ଣାମେଣ୍ଟ ମଝିରେ କରାଚି କିଙ୍ଗ୍‌ସର ଅଧିନାୟକ ଡେଭିଡ୍ ୱାର୍ଣ୍ଣରଙ୍କୁ ଘରକୁ ଯିବା ଲାଗି ଅନୁମତି ଦେବା, ସେ ଘରୋଇ ପୁଲିସ୍ ଦ୍ୱାରା ମଦ୍ୟପାନ କରି ଗାଡି ଚଳାଇବା ଅପରାଧରେ ଧରାପଡ଼ିବା ଘଟଣା ପିଏସ୍‌ଏଲ୍‌ର ଗୁରୁତ୍ୱକୁ କମାଇଦେଇଛି। ୱାର୍ଣ୍ଣର ପୁଲିସ୍‌ଠାରୁ ଛାଡ ପାଇବା ପରେ ପାକିସ୍ତାନ ଆସି ପ୍ରଥମ ମ୍ୟାଚ୍‌ରେ 'ଗୋଲ୍ଡେନ୍ ଡକ୍'ରେ ଆଉଟ ହେବା ମଧ୍ୟ କିଛି ତାମ୍‌ସାକୁ ବାହାରକୁ ଆଣିଛି। ପିଏସ୍‌ଏଲ୍‌ରେ ଚୁକ୍ତି କରିଥିବା ଖେଳାଳି ଆଇପିଏଲ୍‌ରେ ଖେଳିବାକୁ ଯିବା ପରେ ସେମାନଙ୍କୁ ବାସନ୍ଦ କରିବା ଆଇପିଏଲ୍‌ରୁ କପି ହୋଇଛି। ଏଭଳି ନାଟକୀୟତାକୁ ଗ୍ରହଣ କରିବା କଷ୍ଟକର ବୋଲି ଗାର୍ଡନର କହନ୍ତି।

କିନ୍ତୁ ଆଦାମ ଜାମ୍ପାଙ୍କ ମତରେ ପିଏସ୍‌ଏଲ୍‌ରେ କିଛି ଭଲ କଥା ମଧ୍ୟ ରହିଛି। ଏହି ଟୁର୍ଣ୍ଣାମେଣ୍ଟ ୫ ସପ୍ତାହରେ ଶେଷ ହେବା, ମାତ୍ର ଦୁଇଟି ଭେନ୍ୟୁରେ ଖେଳାଯିବା, ୱାଇଡ୍ ଓ ନୋ' ବଲ ରିଭ୍ୟୁରେ ସମୟ ନଷ୍ଟ ନ କରିବା, କିଏ କେତେ ଭଲ ଖେଳିଲେ କି ନାହିଁ ତାହା ପ୍ରତି ଗୁରୁତ୍ୱ ନ ଦେବା ଆଦି ଘଟଣା ଏହି ଟୁର୍ଣ୍ଣାମେଣ୍ଟରେ ମନୋରଞ୍ଜନର ଖୋରାକ ଯୋଗାଇଛି ବୋଲି ଜାମ୍ପା ମତ ଦେଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS